


ବଡ଼ ବଡ଼ ଦେଶ ବସିଛନ୍ତି ଆଜି
ଆଣି ବଡ଼ ବଡ଼ ଆଶା
ଭାଷଣ ଭିତରେ ଲୁଚି ରହିଥାଏ
ସ୍ୱାର୍ଥର ନୂଆ ଭାଷା
ଡଲାରକୁ ହଟାଇ ନିଜ ମୁଦ୍ରା ପାଇଁ
ଚାଲିଛି ଯେଉଁ ଲଢ଼େଇ
ଭିତରେ ଭିତରେ କଳିତକରାଳ
ଉପରେ ହାତ ମିଳେଇ
ଗରିବ ଦେଶର ଭାଗ୍ୟ ବଦଳିବ
ଦିଅନ୍ତି ପ୍ରତିଶ୍ରୁତି ଖାଲି
କାଗଜ କଲମେ ସୀମିତ ରହିଛି
ସେମାନଙ୍କ ସହାନୁଭୂତିର ଥାଳି

# ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

LIVE
THE JANABARTTA ଜନବାର୍ତ୍ତା
• ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •

Follow Us : Our Digital News Channel
: Janabartta Live
www.janabartta.com
epaper.janabartta.com

13 SEPTEMBER to 19 SEPTEMBER 2026
୧୩ ସେପ୍ଟେମ୍ବର ଠାରୁ ୧୯ ସେପ୍ଟେମ୍ବର, ୨୦୨୬

VOL- 1 • ISSUE- 30 ବର୍ଷ-୧ • ସଂଖ୍ୟା- ୩୦ PRGI NO- ORORI/26/A0341. • WEEKLY EDITION ପୃଷ୍ଠା-୮ • ମୂଲ୍ୟ-୮/- PAGES - 8 • PRICE- 8/-


# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଯେତେବେଳେ ଯନ୍ତର ମନ୍ତରରେ ହଜାର ହଜାର ଯୁବକ ଯୁବତୀ ସ୍ୱତଃ ପହଞ୍ଚି ଯାଇ କେନ୍ଦ୍ର ସରକାରକୁ ଆଣ୍ଠେଇ ଦେଲେ, ସେତେବେଳେ ସମସ୍ତେ କହିଲେ ଯେ, ଆଜିକାର ଜେନ-ଜି ଏକକ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ, କ୍ରୋଧାନ୍ୱିତ ପିଢ଼ି ଯାହାକି ଏକ ଶକ୍ତିଶାଳୀ ହାବେଳି ଭଳି ଯେ କୌଣସି ଦିଗରେ ଯାଇ ହାହାକାର ସୃଷ୍ଟି କରିଦେଇ ପାରେ। କିନ୍ତୁ ଏହା ସମ୍ପୂର୍ଣ୍ଣ ଚିତ୍ର ନୁହେଁ। ଏହା ସତ୍ୟ ଯେ ଏହି ପିଢ଼ି ଦୁର୍ନୀତି ଓ ଅପାରଗତାକୁ ସହି ପାରେନା, ଓଜସ୍ୱିନୀ ଭାଷଣ ଦ୍ୱାରା ବଶୀଭୂତ ହୋଇପାରେନା, ବନ୍ଧୁକ ଗୁଳି ଦ୍ୱାରା ଭୟଭୀତ ହୁଏ ନାହିଁ । କିନ୍ତୁ ଏହି ଶକ୍ତି କେବଳ ଧ୍ୱଂସକାରୀ ନୁହେଁ। ଏହା ସୃଜନଶୀଳ, ଦାୟିତ୍ୱସମ୍ପନ୍ନ ଓ ରଚନାତ୍ମକ। ତାକୁ ସଠିକ ଭାବରେ ବ୍ୟବହାର କରିବା ସମାଜର ଦାୟିତ୍ୱ। କେବଳ ସେମାନଙ୍କୁ 'ଦେଶର ଭବିଷ୍ୟତ' ବୋଲି କହି ଦିଗଭ୍ରଷ୍ଟ କରି ଦିଆଯାଇ ପାରିବ ନାହିଁ । ସେମାନଙ୍କ ପାଇଁ ଆବଶ୍ୟକ ଏକ ଏଜେଣ୍ଡା। । ଆଜି ସେହି ବିଷୟରେ ଆଲୋଚନା କରିବା ।

ଯୁବପିଢ଼ି ପାଇଁ ଏଜେଣ୍ଡା କ'ଣ ? ନିକଟରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଆଲୋଚନାଚକ୍ର 'ନୂଆ ଓଡ଼ିଶା ଗଠନରେ ଯୁବପିଢ଼ିର ଭୂମିକାରେ' ଯୁବ ପ୍ରତିଯୋଗୀମାନେ ଏ ବିଷୟରେ ସେମାନଙ୍କର ମତାମତ ବ୍ୟକ୍ତ କରି ସାରିଛନ୍ତି । ସେମାନଙ୍କର ଏଜେଣ୍ଡାରେ ପ୍ରଥମ ସ୍ଥାନ ଅଧିକାର କରେ ନିଯୁକ୍ତି ।




ବିଜୟ କୁମାର ପଟ୍ଟନାୟକ
ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା


ଆଜି ଯଦି ସେ କ୍ଷୁବ୍ଧ ତାହାର କାରଣ ହେଲା ତା'ର ନିଯୁକ୍ତି ପଥରେ ସରକାର ଅନେକ ଅନ୍ତରାୟ ସୃଷ୍ଟି କରିଛନ୍ତି । ସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷାର ମାନ ଏଭଳି ଭାବରେ ନିମ୍ନମୁଖୀ ହୋଇଗଲାଣି ଯେ, ବିନା କୋଚିଂରେ ପରୀକ୍ଷା ଦେବା ସମ୍ଭବ ନୁହେଁ । ସେଥିପାଇଁ ଅନେକ ଅର୍ଥ ଆବଶ୍ୟକ ଯେଉଁଥିପାଇଁ ବାପ ମା'ଙ୍କର ସାହାଯ୍ୟ ଆବଶ୍ୟକ, ଯାହା କି ସେ ନେବାକୁ ଲଜ୍ଜିତ ।

ଏତେ ସବୁ ପରେ ପରୀକ୍ଷା ଠିକ ସମୟରେ ହେଉ ନାହିଁ। ଯଦି ହେଉଛି ତେବେ ପ୍ରଶ୍ନପତ୍ର ଲିକ ହୋଇ ଯାଉଛି । ବର୍ଷ ବର୍ଷର ପ୍ରସ୍ତୁତି ପରେ ହଠାତ ପରୀକ୍ଷା ବାତିଲ ହୋଇ ଯାଉଛି । ପୁଣି କେବେ ପରୀକ୍ଷା ହେବ ତାହାର କୌଣସି ନିଶ୍ଚିତତା ନାହିଁ । ସିବିଆଇ ତଦନ୍ତ ନାଁ ରେ ଦିନ ପରେ ଦିନ ଅତିକ୍ରାନ୍ତ ହୋଇ ଚାଲିଛି । ଇତି ମଧ୍ୟରେ ସେମାନଙ୍କର ବୟସ ଗଡ଼ି ଚାଲିଛି ।

ଆଜି ଜେନ-ଜି ର ଦାବି ହେଉଛି ନିଯୁକ୍ତି, ନିଯୁକ୍ତି ଓ ନିଯୁକ୍ତି । ଏହି ନିଯୁକ୍ତି ପାଇଁ ସେ ଅନ୍ୟ ରାଜ୍ୟରେ ଯାଇ ହାତ ପତାଇବାକୁ ଚାହେଁ ନାହିଁ । ସେ ଦାଦନ ପ୍ରଥାର ଘୋର ବିରୋଧୀ । ତା' ପାଇଁ ଆବଶ୍ୟକ ନିଜ ରାଜ୍ୟରେ ନିଯୁକ୍ତି ସୁଯୋଗ । ସେଥିପାଇଁ ସରକାରଙ୍କ ନିକଟରେ କ'ଣ ଉତ୍ତର ଅଛି ? ନିର୍ବାଚନ ସମୟରେ ରାଜନୈତିକ ଦଳମାନେ ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାର ପ୍ରତିଶ୍ରୁତି ଦିଅନ୍ତି । ନିର୍ବାଚନ ପରେ ବହୁ ଆଡ଼ମ୍ବର ସହ ପୁଞ୍ଜି ନିବେଶ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୁଏ । ଲକ୍ଷଲକ୍ଷ ନିଯୁକ୍ତି ସୃଷ୍ଟି କରିବାର ଘୋଷଣା ହୁଏ । କିନ୍ତୁ ଅବସ୍ଥାରେ ପରିବର୍ତ୍ତନ ଦେଖାଯାଏ ନାହିଁ । ଶିକ୍ଷିତ ବ୍ୟକ୍ତିମାନଙ୍କ ମଧ୍ୟରେ ଏହି ସମସ୍ୟା ଆହୁରି ଉତ୍କଟ । ନିଯୁକ୍ତିର ଆଜିକାର ରୂପ ହେଉଛି ମୋଟର ସାଇକେଲରେ ବସିଥିବା 'ଡେଲିଭରି ବୟ'ର ଯାହା ପାଇଁ ନା ଅଛି ଖରା ନା ବର୍ଷା । ନା ସାମାଜିକ ସୁରକ୍ଷା, ନା ସାମାଜିକ ସ୍ୱିକୃତି । ଏହି ନିଯୁକ୍ତି ସୃଷ୍ଟି କରି ନାହାନ୍ତି କୌଣସି ସରକାର । ଏହା ବଜାର ସୃଷ୍ଟ । ମନେ ରଖିବାକୁ ହେବ ଯେ,ବଜାର ଅର୍ଥନୀତି ଅତ୍ୟନ୍ତ କଠୋର ଓ ନିର୍ଦ୍ଦୟ । ଆସନ୍ତା କାଲି ଯେ, ଏହା ସଙ୍କୁଚିତ ହୋଇ ନ ଯିବ ବା ଉଭେଇ ନ ଯିବ ତାହାର କୌଣସି ନିର୍ଭରଯୋଗ୍ୟତା ନାହିଁ । ଏକ ସ୍ଥାୟୀ, ସମ୍ମାନଜନକ, ଲାଭପ୍ରଦ ନିଯୁକ୍ତିଭିତ୍ତିକ ଅର୍ଥନୀତି ସୃଷ୍ଟି କରିବା ପାଇଁ ଆମ ରାଜ୍ୟ ଏ ପର୍ଯ୍ୟନ୍ତ ସଫଳ ହୋଇପାରି ନାହିଁ । ଏହା ହିଁ ଆମର ଦାରିଦ୍ର୍ୟର ମୂଳ କାରଣ । ଏହା ଆଜିକାର ଯୁବପିଢ଼ି ଭଲ ଭାବରେ ଜାଣେ ।

ଆଜିକାର ଯୁବପିଢ଼ି ଜାଣେ ନିଯୁକ୍ତି ସୁଯୋଗ କେଉଁଠି ଅଛି । ସେ ଜାଣେ ଯେ, କୃଷିକ୍ଷେତ୍ରକୁ ଅଣଦେଖା କରିବା ହିଁ ନିଯୁକ୍ତି ସଙ୍କୋଚନର ଏକ ମୁଖ୍ୟ କାରଣ । ସେ କୃଷି ପ୍ରତି ବିମୁଖ ନୁହେଁ । କୃଷିକୁ କିଭଳି ଭାବରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହ ଯୋଡ଼ା ଯାଇପାରିବ ତାହାର ଏକ ସ୍ଥୂଳ ଧାରଣା ତା' ପାଖରେ ଅଛି । କୃଷିଜାତ ଦ୍ରବ୍ୟ ଘରେ ଘରେ ପହଞ୍ଚାଇବା ପାଇଁ ଡିଜିଟାଲ ମାର୍କେଟିଂ ଯେ ଏକ ମାଧ୍ୟମ ତାହା ମଧ୍ୟ ସେ ଜାଣେ । ପଶୁପାଳନ କ୍ଷେତ୍ରରେ ମଧ୍ୟ ପାରମ୍ପରିକ ପ୍ରଣାଳୀ ଛାଡ଼ି ଆଧୁନିକ ବିଜ୍ଞାନସମ୍ମତ ପଦ୍ଧତି ପ୍ରୟୋଗ କରିବାକୁ ସେ ଉତ୍ସୁକ ।

ପ୍ରଣିଧାନଯୋଗ୍ୟ ଯେ ସରକାର ବିଭିନ୍ନ ନୀତି ମାଧ୍ୟମରେ କୃଷି, ପଶୁପାଳନ, ପର୍ଯ୍ୟଟନ ଆଦି ବିଭିନ୍ନ କ୍ଷେତ୍ର ପାଇଁ ବ୍ୟବସ୍ଥା କରି ଆସୁଛନ୍ତି । କୃଷିକୁ ଶିଳ୍ପ ଢାଞ୍ଚାରେ ଗଢ଼ି ତୋଳିବା ପାଇଁ ଆପିକଲ ଭଳି ସଂସ୍ଥା ତିଆରି କରିଛନ୍ତି। ବିଭିନ୍ନ ପ୍ରକଳ୍ପ ପାଇଁ ରିହାତି ବ୍ୟବସ୍ଥା ମଧ୍ୟ କରିଛନ୍ତି । କିନ୍ତୁ ପ୍ରଶ୍ନ ହେଉଛି ଯେ, ଏ ସବୁ ସତ୍ତ୍ୱେ କାହିଁକି ଆଖିଦୃଶିଆ ସଫଳତା ମିଳୁ ନାହିଁ ? ଯେ ପର୍ଯ୍ୟନ୍ତ ଏହାର ଉତ୍ତର ନ ମିଳିଛି ସେ ପର୍ଯ୍ୟନ୍ତ ଏଇ କାର୍ଯ୍ୟକ୍ରମଗୁଡ଼ିକ କେବଳ କାଗଜ କଲମରେ ସୀମିତ ହୋଇ ରହିଯିବ ।

ଏହାର ଉତ୍ତର ପାଇବାକୁ ହେଲେ ଆମକୁ କିଛି ବର୍ଷ ପଛକୁ ଫେରିବାକୁ ହେବ । ଭାରତର ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀ ୧୯୭୦ ଦଶକରେ ଲକ୍ଷ୍ୟ କଲେ ଯେ, ପ୍ରାୟ ୨୦ ବର୍ଷର ଯୋଜନା ପ୍ରଣୟନ ସତ୍ତ୍ୱେ ଦେଶରେ ଗରିବୀ ବୃଦ୍ଧି ପାଉଛି ସିନା କମୁ ନାହିଁ । ଭାରତର କୃଷି ଓ ଶିଳ୍ପ ରେ ପ୍ରଗତି ହେବା ସତ୍ତ୍ୱେ, ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭରଶୀଳତା କମିବା ସତ୍ତ୍ୱେ, ଦାରିଦ୍ର୍ୟ ଦୂର ହେଉ ନାହିଁ । ସେଥିପାଇଁ ସେ ଆରମ୍ଭ କଲେ 'ଦାରିଦ୍ର୍ୟ ଦୂରୀକରଣ ଯୋଜନା' ଯାହା ଫଳରେ ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଲକ୍ଷଲକ୍ଷ ବ୍ୟକ୍ତି ବ୍ୟାଙ୍କଗୁଡ଼ିକରୁ ଋଣ ନେଇ ନିଜସ୍ୱ ବ୍ୟବସାୟ କରି ପାରିବେ । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କଗୁଡ଼ିକ ସହାୟତା ନ ଯୋଗାଇବାରୁ ସେ ପ୍ରଥମ କିସ୍ତିରେ ୧୪ଟି ପ୍ରମୁଖ ବ୍ୟାଙ୍କକୁ ଜାତୀୟ କରଣ କରି ଦେଲେ । ଜାତୀୟ କାରଣ କରି ଦେବା ପରେ ରିଜର୍ଭ ବ୍ୟାଙ୍କ ତରଫରୁ ସେମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଗଲା ଯେ, ସେମାନେ ସେମାନଙ୍କର ଜମାର ଏକ ନିର୍ଦ୍ଦିଷ୍ଟ ଅଂଶ 'ଦାରିଦ୍ର୍ୟ ଦୂରୀକରଣ ଯୋଜନା' ପାଇଁ ଖର୍ଚ୍ଚ କରିବେ । ଏହି କାର୍ଯ୍ୟଗୁଡ଼ିକୁ ରୂପାୟିତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସ୍ତରରେ ମନ୍ତ୍ରଣାଳୟ ଓ ବିଭାଗମାନ ଖୋଲା ଗଲା । ବ୍ୟାଙ୍କମାନଙ୍କୁ ଆକୃଷ୍ଟ କରିବା ପାଇଁ ସମସ୍ତ ଋଣ ଉପରେ ସବସିଡ଼ି ବ୍ୟବସ୍ଥା କରାଗଲା । ବିଭିନ୍ନ ରାଜ୍ୟ ମାନଙ୍କୁ ଟାର୍ଗେଟ ଦିଆଗଲା ।

କିଛି ବର୍ଷ ପରେ ଯେତେବେଳେ 'ଦାରିଦ୍ର୍ୟ ଦୂରୀକରଣ ଯୋଜନା' ଗୁଡ଼ିକର ସମୀକ୍ଷା କରାଗଲା, ସେତେବେଳେ କିମ୍ଭୂତକିମାକାର ଫଳ ନିର୍ଗତ ହେଲା । କେତେକ ଉଦାହରଣ ପ୍ରଣିଧାନଯୋଗ୍ୟ । 'ଦାରିଦ୍ର୍ୟ ଦୂରୀକରଣ ଯୋଜନା'ରେ ହିତାଧିକାରୀମାନଙ୍କୁ କିଛି ଗାଈ ବା କିଛି ଛେଳି ଯୋଗାଇ ଦିଆଗଲା । ଉଦ୍ଦେଶ୍ୟ ଥିଲା ଯେ, ହିତାଧିକାରୀ ଜଣକ ଏହି ପଶୁ ସମ୍ପଦକୁ ବିନିଯୋଗ କରି ବ୍ୟବସାୟ ବଢ଼ାଇବେ ଓ ଅଧିକ ଲାଭ କରିବେ । ସେହି ଲାଭରୁ ସେମାନେ ବ୍ୟାଙ୍କ ଋଣ ପରିଶୋଧ କରିବେ । କାର୍ଯ୍ୟକ୍ଷେତ୍ରରେ ଦେଖାଗଲା ଯେ, ଅନେକ ହିତାଧିକାରୀ ଛେଳିଗୁଡ଼ିକ ବିକ୍ରି କରି ଦେଇଛନ୍ତି ବା ନିଜେ ଖାଇ ଦେଇଛନ୍ତି । ଗାଈ ଯୋଗାଉ ଥିବା ଦଲାଲମାନେ ବ୍ୟାଙ୍କ ଋଣ ଦେବା ପରେ ହିତାଧିକାରୀମାନଙ୍କ ନିକଟରୁ ଗାଈଗୁଡ଼ିକ ଫେରାଇ ନେଇଛନ୍ତି ଓ ସେହି ଗାଈଗୁଡ଼ିକ ଆଉ ଜଣେ ହିତାଧିକାରୀକୁ ଯୋଗାଇ ଦେଇଛନ୍ତି । ସେହି ଗାଈଟି ବାରମ୍ବାର ଖର୍ଦ୍ଦି ବିକ୍ରି ହୋଇଯାଇଛି ଓ ସରକାରୀ ସବସିଡି ଆତ୍ମସାତ ହୋଇଯାଇଛି । ବର୍ଷେ ବା ଦୁଇ ବର୍ଷ ପରେ ହିତାଧିକାରୀ ପାଖରେ ନା ଅଛି ଗାଈ ନା ଛେଳି । କେବଳ ତା ମୁଣ୍ଡରେ ବ୍ୟାଙ୍କ ଋଣର ବୋଝ ରହିଛି । ଏଣେ ବ୍ୟାଙ୍କଗୁଡ଼ିକ ଏତେ ଗୁଡ଼ିଏ ଅଚଳନ୍ତି ଆକାଉଣ୍ଟକୁ ଧରି ଟଳମଳ ଅବସ୍ଥାରେ ପହଞ୍ଚି ଯାଇଛନ୍ତି । ପରିଶେଷରେ ହିତାଧିକାରୀମାନଙ୍କ ପାଇଁ ଓ ବ୍ୟାଙ୍କଗୁଡ଼ିକ ପାଇଁ ସରକାର ହସ୍ତକ୍ଷେପ କରିବାକୁ ବାଧ୍ୟ ହୋଇଛନ୍ତି । ସମଗ୍ର ଦେଶରେ ହଜାର ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ମାଫ କରାଯାଇଛି । 'ଦାରିଦ୍ର୍ୟ ଦୂରୀକରଣ ଯୋଜନା' ଗୁଡ଼ିକୁ ସମାଧି ଦିଆଯାଇଛି । ଉପରେ ବର୍ଣ୍ଣିତ ଏହି ଲମ୍ବା ଉଦାହରଣ ଦେବାର କାରଣ ହେଲା, କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତ ବର୍ଷରେ ଲୋକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅନେକ ସରକାରୀ ଯୋଜନା ବିଭିନ୍ନ ଦଳର ସରକାର ସମୟରେ ପ୍ରଣୟନ କରାଯାଇଛି । ସେ ସବୁଥିରେ ସଫଳତା ଅପେକ୍ଷା ବିଫଳତାର କାହାଣି ଅଧିକ । ଏହାର କାରଣ କ'ଣ ? ଏହାର କାରଣ ଆବିଷ୍କାର ନ କଲେ ଆଜି ମଧ୍ୟ ନିଯୁକ୍ତି ସୃଷ୍ଟିକାରୀ ଯୋଜନା ବିଫଳ ହେବ ।

**ଆଜିକାର ଆବଶ୍ୟକତା**
**ନିଯୁକ୍ତି..ନିଯୁକ୍ତି..ନିଯୁକ୍ତି..**

ଏଇ ଯୋଜନାଗୁଡ଼ିକ ବିଫଳ ହେବାର ଅନେକ କାରଣ ରହିଛି । ଗୋଟିଏ କାରଣ ହେଲା ବ୍ୟାଙ୍କଗୁଡ଼ିକ ସମୁଦାୟ ଋଣ ଟଙ୍କା ହିତାଧିକାରୀମାନଙ୍କୁ ଦେଇ ନାହାନ୍ତି। ଉଦାହରଣ ସ୍ୱରୂପ, ଯଦି ଛେଳି ଋଣ ପାଇଁ ଯୋଜନା ଅନୁଯାୟୀ ୫ହଜାର ଟଙ୍କାର ବ୍ୟବସ୍ଥା କରାଯାଇ ତହିଁରୁ ସବସିଡି ଆକାରରେ ୨୦୦୦ ଟଙ୍କାର ବ୍ୟବସ୍ଥା କରାଯାଇଛି, ତେବେ ବ୍ୟାଙ୍କଗୁଡ଼ିକ ମାତ୍ର ୨୦୦୦ ଟଙ୍କା ହିତାଧିକାରୀଙ୍କୁ ଦେଇଛନ୍ତି, ବାକି ଋଣ ଟଙ୍କା ଦେଇ ହିଁ ନାହାନ୍ତି । ଫଳରେ ହିତାଧିକାରୀ ୧୦ ଟି ଛେଳି ବଦଳରେ ମାତ୍ର ୪ଟି ଛେଳି ପାଇଛି । ହିତାଧିକାରୀ ମଧ୍ୟ ୪ ଟି ଛେଳିରୁ ୨ଟି ତୁରନ୍ତ ବିକ୍ରି କରିଦେଇ ତାହାର ଦୈନନ୍ଦିନ ଖର୍ଚ୍ଚ ଉଠେଇଛି, ବା ମଦ ପିଇ ଉଡ଼ାଇଦେଇଛି । ଏଭଳି ଅନେକ କାରଣ ରହିଛି ।

କିନ୍ତୁ ଯୋଜନାଗୁଡ଼ିକ ବିଫଳ ହେବାର ଏକ ପ୍ରମୁଖ କାରଣ ହେଲା, ସେଥିପାଇଁ ହିତାଧିକାରୀମାନଙ୍କୁ ପ୍ରସ୍ତୁତ କରାଯାଇ ନାହିଁ । ଋଣ କ'ଣ ପାଇଁ ଦିଆଯାଇଛି, ତାକୁ କିଭଳି ଭାବରେ ବ୍ୟବହାର କରାଯିବ, ବ୍ୟବସାୟ ବଢ଼ିଲେ ସେଥିରୁ କେତେ ଟଙ୍କା ନିଜ ଖର୍ଚ୍ଚ ପାଇ ରଖାଯିବ, କେତେ ଟଙ୍କା ବ୍ୟାଙ୍କକୁ ପରିଶୋଧ କରାଯିବ, କେତେ ଟଙ୍କାରେ ଆହୁରି ଅଧିକ ପଶୁଧନ କିଣାଯିବ ବା ବ୍ୟବସାୟରେ ଖଟାଯିବ – ଏ ସମସ୍ତ ବିଷୟରେ ସେମାନଙ୍କୁ ଆଦୌ ଅବଗତ କରା ଯାଇ ନାହିଁ ।

ଏଇ ଉପାଖ୍ୟାନରେ ଆଜିକାର ଶିକ୍ଷିତ ଯୁବଶକ୍ତି ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଲୁକ୍କାୟିତ ହୋଇ ରହିଛି । ସେ ବିଷୟରେ ଆସନ୍ତା ସପ୍ତାହରେ ଆଲୋଚନା କରିବା ।

କଡ଼ା ସୁରକ୍ଷା ବଳୟରେ ନୂଆଦିଲ୍ଲୀ

# ବ୍ରିକ୍ସ ସମ୍ମିଳନୀ ଆରମ୍ଭ

## ଦିଲ୍ଲୀ ଘୋଷଣାନାମା ଉପରେ ସହମତି, ମୋଦୀ-ସି ଜିନପିଙ୍ଗ୍ ଭେଟଘାଟ ଉପରେ ନଜର




- ✦ ଶାନ୍ତି ଓ କୂଟନୀତିକୁ ପ୍ରାଧାନ୍ୟ
- ✦ ଯୁଦ୍ଧ ଓ ଆକ୍ରମଣକୁ ନିନ୍ଦା
- ✦ ୭ ବର୍ଷ ପରେ ସି ଜିନପିଙ୍ଗଙ୍କ ଭାରତ ଗସ୍ତ
- ✦ ବିଶ୍ୱ ସଂଗଠନ ଗୁଡ଼ିକର ସଂସ୍କାର ଓ ଅର୍ଥନୈତିକ ସହଯୋଗ
- ✦ ଡଲାର ବଦଳରେ ସ୍ଥାନୀୟ ମୁଦ୍ରାକୁ ପ୍ରୋତ୍ସାହନ

ନୂଆଦିଲ୍ଲୀ, ୧୨ /୦୯: ବିଶ୍ୱର ବଦଳୁଥିବା ଭୂ-ରାଜନୀତି ଏବଂ ଆର୍ଥିକ ଆହ୍ୱାନ ମଧ୍ୟରେ ଆଜି ଠାରୁ ରାଜଧାନୀ ନୂଆଦିଲ୍ଲୀର ସ୍ପେଶାଲ ଭେନ୍ୟୁ 'ଭାରତ ମଣ୍ଡପମ' ଠାରେ ଦୁଇ ଦିନିଆ ୧୮ ତମ ବ୍ରିକ୍ସ ଶିଖର ସମ୍ମିଳନୀ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଚଳିତ ବର୍ଷ ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ହେଉଛି- 'ବିଲ୍ଡିଂ ଫର୍ ରେଜିଲିଏନ୍ସ, ଇନୋଭେସନ, କୋଅପରେସନ ଆଣ୍ଡ ସଷ୍ଟେନବିଲିଟି' । ଏହି ସମ୍ମିଳନୀରେ ଯୋଗଦେବା ପାଇଁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନଙ୍କ ସମେତ ସମସ୍ତ ସଦସ୍ୟ ଓ ଭାଗିଦାରୀ ଦେଶର ଶୀର୍ଷ ନେତାମାନେ ଦିଲ୍ଲୀରେ ପହଞ୍ଚିଛନ୍ତି ।

ପଶ୍ଚିମ ଏସିଆ ଓ ମଧ୍ୟ-ପ୍ରାଚ୍ୟ ସଙ୍କଟକୁ ନେଇ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ମତଭେଦ ଥିବା ସତ୍ତ୍ୱେ ଭାରତର କୂଟନୈତିକ ପ୍ରୟାସ ଯୋଗୁଁ ଯୁଗ୍ମ ବିବୃତି ବା 'ଦିଲ୍ଲୀ ଘୋଷଣାନାମା' ଉପରେ ସମସ୍ତେ ସହମତ ହୋଇଛନ୍ତି, ଯାହା ଭାରତ ପାଇଁ ଏକ ବଡ଼ ସଫଳତା। ଏହି ଘୋଷଣାନାମାରେ ବିଶ୍ୱ ସଙ୍କଟର ସମାଧାନ ପାଇଁ ଯୁଦ୍ଧ ନୁହେଁ, ବରଂ 'ଆଲୋଚନା ଓ କୂଟନୀତି' ଉପରେ ଗୁରୁତ୍ୱ ଦିଆଯାଇଛି ।

ଦୀର୍ଘ ୭ ବର୍ଷ ପରେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଭାରତ ମାଟିରେ ପାଦ ଥାପିଛନ୍ତି। ୨୦୨୦ ଗଲୱାନ ଘାଟି ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ଆସିଥିବା ବେଳେ ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ◥ ପୃଷ୍ଠା-୭

## ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଆସିଲେ ୫୮ ବିଦେଶୀ ପ୍ରାଣୀ




ଭୁବନେଶ୍ୱର,୧୨/୦୯ (ଜେଏନ୍ଏସ୍) : ରାଜଧାନୀ ଭୁବନେଶ୍ୱର ସ୍ଥିତ ବିଶ୍ୱପ୍ରସିଦ୍ଧ ନନ୍ଦନକାନନ ପ୍ରାଣୀ ଉଦ୍ୟାନର କଳେବର ଆହୁରି ବୃଦ୍ଧି ପାଇଛି। ନନ୍ଦନକାନନକୁ ନୂତନ ଅତିଥି ଭାବେ ୧୪ଟି ବିଦେଶୀ ପ୍ରଜାତିର ୫୮ଟି ନୂଆ ପ୍ରାଣୀ ଓ ପକ୍ଷୀ ଆସିଛନ୍ତି। ଗୁଜରାଟର ଜାମନଗର ସ୍ଥିତ ଥରାଧା କୃଷ୍ଣ ଟେମ୍ପଲ ଟ୍ରଷ୍ଟ ପକ୍ଷରୁ ଏହି ସମସ୍ତ ଜୀବଜନ୍ତୁଙ୍କୁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ଦାନ ଆକାରରେ ପ୍ରଦାନ କରାଯାଇଛି। ଏହି ନୂଆ ପ୍ରାଣୀଙ୍କ ଆଗମନ ପରେ ନନ୍ଦନକାନନରେ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ଆହୁରି ଦ୍ୱିଗୁଣିତ ◥ ପୃଷ୍ଠା-୭

## ଭିତରକନିକାରେ ପକ୍ଷୀ ଗଣନା ଶେଷ

ରାଜନଗର,୧୨/୦୯ (ଜେଏନ୍ଏସ୍) : କେନ୍ଦ୍ରାପଡ଼ା ଜିଲ୍ଲା ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତ ବର୍ଷର ବାର୍ଷିକ ମୌସୁମୀ ଦେଶୀୟ ପକ୍ଷୀ ଗଣନା ରିପୋର୍ଟ ପ୍ରକାଶ ପାଇଛି। ଗତ ସେପ୍ଟେମ୍ବର ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଗଣନା ଅନୁଯାୟୀ, ଚଳିତ ବର୍ଷ ପକ୍ଷୀଙ୍କ ସଂଖ୍ୟାରେ ସାମାନ୍ୟ ବୃଦ୍ଧି ଘଟିଛି। ଉଦ୍ୟାନରେ ଏବେ ୧,୩୨,୨୭୦ଟି ଦେଶୀୟ ପକ୍ଷୀ ରହିଥିବା ବେଳେ ସେମାନଙ୍କ ମଧ୍ୟରେ ୭୬,୧୫୧ଟି ଛୁଆ ଥିବା ନେଇ ରାଜନଗର ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଗତ ବର୍ଷ (୨୦୨୫) ଏହି ସଂଖ୍ୟା ୧,୩୦,୭୯୬ ଥିଲା। ରିପୋର୍ଟ ଅନୁଯାୟୀ, ଭିତରକନିକାର ମଠଆଡ଼ିଆ, ଦୁର୍ଗାପ୍ରସାଦ ଡିଆ ଏବଂ ଲକ୍ଷ୍ମୀପ୍ରସାଦ ଡିଆ ଆଦି ପ୍ରମୁଖ ଜଳାଶୟ ଓ ହେନ୍ତାଳବନ ଅଞ୍ଚଳରେ ୧୦ଟି ପ୍ରଜାତିର ପକ୍ଷୀ ସାମିଲ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ◥ ପୃଷ୍ଠା-୭

## ମହାପ୍ରଭୁଙ୍କ କାର୍ଟୁନ ରୂପକୁ ବିରୋଧ

**ସଂସ୍କୃତି ଉପରେ ଆଘାତ ଆଣିଛି ଆନିମେସନ ଫିଲ୍ମ**

ଭୁବନେଶ୍ୱର, ୧୨/୦୯ (ଜେଏନ୍ଏସ୍): ଆନିମେଟେଡ୍ ଚଳଚ୍ଚିତ୍ର 'ମହାପ୍ରଭୁ ଜଗନ୍ନାଥ'ରେ ଶ୍ରୀଜଗନ୍ନାଥ ଏବଂ ଅନ୍ୟାନ୍ୟ ଦେବାଦେବୀଙ୍କୁ 'କାର୍ଟୁନ ରୂପ'ରେ ଚିତ୍ରଣ କରାଯିବା ଘଟଣାକୁ ନେଇ ଓଡ଼ିଶାର ସାଂସ୍କୃତିକ ଏବଂ ରାଜନୈତିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଚଳଚ୍ଚିତ୍ର ଶ୍ରୀମନ୍ଦିରର ଶତାବ୍ଦୀ ପୁରୁଣା ପରମ୍ପରା, ସ୍କନ୍ଦ ପୁରାଣ ଏବଂ ଶାସ୍ତ୍ରୀୟ ବିଧିବିଧାନର ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛି ବୋଲି ଅଭିଯୋଗ ହୋଇଛି । ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ଆପତ୍ତି ଦର୍ଶାଇ କହିଛନ୍ତି ଯେ, ଚଳଚ୍ଚିତ୍ରରେ ମହାପ୍ରଭୁଙ୍କ ଲୀଳା ଓ ସଂଳାପକୁ ବିକୃତ କରାଯାଇ ସ୍ପାଇଡରମ୍ୟାନ୍ କିମ୍ବା ଡୋରେମନ୍ ଭଳି କାର୍ଟୁନ ଚରିତ୍ର ଶୈଳୀରେ ଉପସ୍ଥାପନ କରାଯାଇଛି, ଯାହା ଭକ୍ତଙ୍କ ଭାବନାକୁ ଗଭୀର ଆଘାତ ଦେଇଛି । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭା ମଧ୍ୟ ଏହି ଚଳଚ୍ଚିତ୍ରକୁ ସମ୍ପୂର୍ଣ୍ଣ ବ୍ୟାନ୍ କରିବାକୁ ଦୃଢ଼ ଦାବି କରିଛନ୍ତି ।

ତେବେ ସୁପ୍ରିମକୋର୍ଟ ଏହି ଆବେଦନ ଉପରେ ଶୁଣାଣି କରି କହିଛନ୍ତି ଯେ, କଳା ଏବଂ ସୃଜନଶୀଳ ଅଭିବ୍ୟକ୍ତି ଉପରେ କୋର୍ଟ ରୋକ ଲଗାଇ ପାରିବେ ନାହିଁ । ଏହା ସତ୍ତ୍ୱେ ଓଡ଼ିଶାର ବିଭିନ୍ନ ଜଗନ୍ନାଥ ପ୍ରେମୀ ସଂଗଠନ ଓ ସେବାୟତମାନେ ରାଜ୍ୟରେ ଏହି ଚଳଚ୍ଚିତ୍ରକୁ ସମ୍ପୂର୍ଣ୍ଣ ବୟକଟ୍ କରିବା ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି ।

## ପିଜି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ

ଭୁବନେଶ୍ୱର,୧୨/୦୯ (ଜେଏନ୍ଏସ୍) :ରାଜ୍ୟର ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଖାଲିପଡ଼ିଥିବା ସ୍ନାତକୋତ୍ତର ସିଟ୍‌ଗୁଡ଼ିକରେ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି ଥାଧା। ଚଳିତ ଶିକ୍ଷାବର୍ଷରେ ଓଡ଼ିଶା ଉଚ୍ଚଶିକ୍ଷା ସାମ୍ସ ପୋର୍ଟାଲ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଅନଲାଇନ୍‌ରେ ଆବେଦନ କରିପାରିବେ।

ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଛାତ୍ରଛାତ୍ରୀମାନେ ଆସନ୍ତା ସେପ୍ଟେମ୍ବର ୨୧ ତାରିଖ ରାତି ୧୧ ଟା ୪୫ ମିନିଟ୍ ପର୍ଯ୍ୟନ୍ତ କମନ୍ ଆପ୍ଲିକେସନ ଫର୍ମ ପୂରଣ କରିବା ସହ ନିଜର ପସନ୍ଦର କଲେଜ ଓ ବିଷୟ ଚୟନ କରିପାରିବେ। ଯେଉଁ ଯୋଗ୍ୟ ଆଶାୟୀ ପ୍ରଥମ ପର୍ଯ୍ୟାୟରେ ନାମଲେଖାରୁ ବଞ୍ଚିତ ହୋଇଛନ୍ତି କିମ୍ବା ସିଟ୍ ପାଇନାହାନ୍ତି, ସେମାନେ ଏହି ପର୍ଯ୍ୟାୟରେ ଭାଗ ନେଇପାରିବେ। ଛାତ୍ରଛାତ୍ରୀମାନେ ଅଧିକ ସୂଚନା ପାଇଁ ଉଚ୍ଚଶିକ୍ଷା ବିଭାଗର ଅଫିସିଆଲ୍ ୱେବସାଇଟ୍ samsodisha.gov.in ପରିଦର୍ଶନ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।



- ✦ ପ୍ରଥମ ସିଟ୍ ଆବଣ୍ଟନ : ସେପ୍ଟେମ୍ବର ୨୪ (ଅପରାହ୍ଣ ୪ଟା)
- ✦ ଅନଲାଇନ୍ ଫି' ଦାଖଲ ଓ ରିପୋର୍ଟିଂ : ସେପ୍ଟେମ୍ବର ୨୫ ରୁ ୨୮ ତାରିଖ ମଧ୍ୟରେ
- ✦ ୱେଟିଂ ଲିଷ୍ଟ ନାମଲେଖା : ସେପ୍ଟେମ୍ବର ୨୯ ଓ ୩୦ ତାରିଖ

## ବିନା ଓଟିପି, ବିନା ଲିଙ୍କ୍‌ରେ ଖାଲି ହେଉଛି ଆକାଉଣ୍ଟ



ଭୁବନେଶ୍ୱର, ୧୨/୦୯ (ଜେଏନ୍ଏସ୍) : ମୋବାଇଲ୍‌କୁ କୌଣସି ଅଜଣା କଲ୍ ଆସିନଥିଲା, କେହି ଓଟିପି ବି ମାଗିନଥିଲେ, କି କୌଣସି ସନ୍ଦେହଜନକ ଲିଙ୍କ୍ ଉପରେ କ୍ଲିକ୍ କରାଯାଇନଥିଲା। ତଥାପି ମିନିଟ୍‌ରେ ବ୍ୟାଙ୍କ ଆକାଉଣ୍ଟରୁ ଗାୟବ ହୋଇଗଲା ଜୀବନସାରାର ସଞ୍ଚିତ ପୁଞ୍ଜି। ଏଭଳି ଏକ ଅଦୃଶ୍ୟ ଲୁଟ୍‌ର ଶିକାର ହୋଇଛନ୍ତି ରାଜଧାନୀର ଜଣେ ଅବସରପ୍ରାପ୍ତ ବୃଦ୍ଧ। ଝିଅ ବାହାଘର ପାଇଁ ରଖିଥିବା ଟଙ୍କା ଟିକକ କେମିତି ଆଖି ପିଛୁଳାକେ ଉଭାନ ହୋଇଗଲା, ସେକଥା ଭାବି ସେ ଏବେ ସଂଜ୍ଞାହୀନ। ଏହା କେବଳ ଜଣଙ୍କର କାହାଣୀ ନୁହେଁ, ବର୍ତ୍ତମାନ ସାରା ରାଜ୍ୟରେ ସାଇବର ଅପରାଧୀମାନେ ଏଭଳି ହାଇଟେକ୍ ତରିକାରେ ଲୋକଙ୍କୁ କଙ୍ଗାଳ କରୁଛନ୍ତି।

- ▶▶ ଆଙ୍ଗୁଠି ଚିହ୍ନ ବି ସୁରକ୍ଷିତ ନୁହେଁ
- ▶▶ ଆଧାର୍ ଜାଲିଆତି ଓ ସିମ୍ ସ୍ୱାପିଙ୍ଗର ନୂଆ ମାୟାଜାଲ

ବିଶେଷଜ୍ଞଙ୍କ କହିବା ଅନୁସାରେ, ଚୋର ଏବେ ଆପଣଙ୍କ ଘର କବାଟ ଭାଙ୍ଗୁନି, ବରଂ ଡିଜିଟାଲ୍ ତାଲା ଖୋଲି ସର୍ବସ୍ୱ ଲୁଟି ନେଉଛି। ଜମି ରେଜିଷ୍ଟ୍ରି କିମ୍ବା ଅନ୍ୟ ସରକାରୀ ପୋର୍ଟାଲ୍‌ରୁ ଲୋକଙ୍କ ଆଧାର ନମ୍ବର ଏବଂ ଫିଙ୍ଗରପ୍ରିଣ୍ଟର ସିଲିକନ୍ ନକଲ ପ୍ରସ୍ତୁତ କରି ଆଧାର ଏନେବୁଲ୍ଡ ପେମେଣ୍ଟ ସିଷ୍ଟମ ମାଧ୍ୟମରେ ସିଧାସଳଖ ଟଙ୍କା ଉଠାଇ ନିଆଯାଉଛି। ଅନ୍ୟପଟେ, ଗ୍ରାହକଙ୍କ ଅଜାଣତରେ ସେମାନଙ୍କ ନାଁରେ ନକଲି ସିମ୍ ବାହାର କରି 'ସିମ୍ ସ୍ୱାପିଙ୍ଗ' ଜରିଆରେ ପୂରା ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ହ୍ୟାକ୍ କରାଯାଉଛି। ଏପରିକି ରେଳ ଷ୍ଟେସନ କିମ୍ବା ବସଷ୍ଟାଣ୍ଡ ଭଳି ସାର୍ବଜନୀନ ସ୍ଥାନରେ ଥିବା ୟୁଏସବି ଚାର୍ଜିଂ ପୋର୍ଟ ମାଧ୍ୟମରେ ମଧ୍ୟ ମୋବାଇଲ୍‌ରେ ମାଲୱେର୍ ପଠାଇ (ଜୁସ୍ ଜ୍ୟାକିଙ୍ଗ) ଟଙ୍କା ଲୁଟ୍ ହେଉଛି। ତେବେ ଏହି ଆଧୁନିକ ମାୟାଜାଲରୁ ରକ୍ଷା ପାଇବା ପାଇଁ ସଚେତନତା ହିଁ ଏକମାତ୍ର ଶ୍ରେଷ୍ଠ ସୁରକ୍ଷା କବଚ।

ଓଡ଼ିଶା ପୋଲିସ ଓ ସାଇବର ବିଶେଷଜ୍ଞଙ୍କ ଅନୁସାରେ, ଏହି ଠକେଇରୁ ବଞ୍ଚିବା ପାଇଁ ଗ୍ରାହକମାନେ ତୁରନ୍ତ 'ଏମ୍‌ଆଧାର୍' ଆପ୍ ବ୍ୟବହାର କରି ନିଜର ବାୟୋମେଟ୍ରିକ୍ (ଆଙ୍ଗୁଠି ଚିହ୍ନ)କୁ ସର୍ବଦା ଲକ୍ କରି ରଖିବା ଉଚିତ। ଏହାସହ କୌଣସି ପରିସ୍ଥିତିରେ ବି ଅଜଣା ବ୍ୟକ୍ତିଙ୍କ ସହ OTP, PIN କିମ୍ବା କାର୍ଡ ନମ୍ବର ◥ ପୃଷ୍ଠା-୭

## ବ୍ୟାଙ୍କ ଧର୍ମଘଟ ଆଶଙ୍କା




ଭୁବନେଶ୍ୱର,୧୨/୦୯ (ଜେଏନ୍ଏସ୍) : ସପ୍ତାହକୁ ୫ ଦିନିଆ କାର୍ଯ୍ୟଦିବସ ଲାଗୁ କରିବା ସମେତ ବିଭିନ୍ନ ଦାବି ନେଇ ଆଗାମୀ ଦିନରେ ଦେଶ ସହ ରାଜ୍ୟରେ ବ୍ୟାଙ୍କିଙ୍ଗ ସେବା ସମ୍ପୂର୍ଣ୍ଣ ଠପ୍ ହେବାର ଆଶଙ୍କା ଦେଖାଦେଇଛି । ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ସ ପକ୍ଷରୁ ସେପ୍ଟେମ୍ବର ୧୧ (ଗତକାଲି) ଏକଦିନିଆ ପ୍ରତିବାଦ ପରେ ଏବେ ଏକ ବଡ଼ ଆନ୍ଦୋଳନ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ବ୍ୟାଙ୍କ କର୍ମଚାରୀ ସଂଘର ଚେତାବନୀ ଅନୁଯାୟୀ, ଯଦି ସରକାର ଏବଂ ଇଣ୍ଡିଆନ ବ୍ୟାଙ୍କସ ଆସୋସିଏସନ ସେମାନଙ୍କ ଦାବି ପୂରଣ ନ କରନ୍ତି, ତେବେ ଆସନ୍ତା ସେପ୍ଟେମ୍ବର ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ କ୍ରମାଗତ ୩ ଦିନ ଧର୍ମଘଟ କରାଯିବ। ଏହି ସମୟଟି ◥ ପୃଷ୍ଠା-୭

**ସେପ୍ଟେମ୍ବର ଶେଷରେ ୩ ଦିନ ଓ ଅକ୍ଟୋବରରୁ ଅନିର୍ଦ୍ଦିଷ୍ଟ କାଳ ବନ୍ଦ ଚେତାବନୀ**

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଗବେଷଣା କ୍ଷେତ୍ରରେ ଏଫ୍ଏମ୍ୟୁର ଉତ୍କର୍ଷ

ନୀଳଗିରି, ୧୨/୦୯ (ଜେଏନ୍ଏସ୍) : ଗବେଷଣାକୁ ଅଧିକ ସମୃଦ୍ଧ, ଗତିଶୀଳ ଓ ସମାଜମୁଖୀ କରିବା ଦିଗରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ନିଜର ପ୍ରୟାସକୁ ପୁନର୍ବାର ପ୍ରମାଣିତ କରିଛି। ବିଶ୍ୱବିଦ୍ୟାଳୟର ଗବେଷଣା ଓ ବିକାଶ ପ୍ରକୋଷ୍ଠ ପକ୍ଷରୁ ଆୟୋଜିତ 'ଗବେଷକ ସମ୍ମିଳନୀ-୨୦୨୬' ସଫଳତାର ସହ ସମାପ୍ତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀରେ ମୋଟ ୩୭୧ ଜଣ ଗବେଷକ ସେମାନଙ୍କର ଗବେଷଣାମୂଳକ ପୋଷ୍ଟର ଉପସ୍ଥାପନ କରିଥିଲେ। ସାମାଜିକ ବିଜ୍ଞାନ, ବାଣିଜ୍ୟ ଓ ପରିଚାଳନା, ଭାଷା ଓ ସାହିତ୍ୟ, ଜୀବ ବିଜ୍ଞାନ, ଭୌତିକ ବିଜ୍ଞାନ ଏବଂ ଭୂବିଜ୍ଞାନ— ଏହି ଛଅଟି ପ୍ରମୁଖ ଶୈକ୍ଷିକ ବିଭାଗୀୟ କ୍ଷେତ୍ରରେ ଗବେଷକମାନେ ନିଜ ଗବେଷଣା ଓ ନୂତନ ଚିନ୍ତାଧାରା ପ୍ରଦର୍ଶନ କରିଥିଲେ।

ଏହା ବିଶ୍ୱବିଦ୍ୟାଳୟର ବିସ୍ତାରିତ ଗବେଷଣା ପରିସର ସହିତ ବିଭିନ୍ନ ବିଷୟର ସମନ୍ୱୟ ମାଧ୍ୟମରେ ଜ୍ଞାନ ସୃଷ୍ଟି ଉପରେ ଏହାର ଗୁରୁତ୍ୱକୁ ପ୍ରତିଫଳିତ କରିଥିଲା। ଗବେଷଣା ଉପସ୍ଥାପନର ନିରପେକ୍ଷ ଓ ଉଚ୍ଚମାନର ମୂଲ୍ୟାୟନ ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୨୦ ଜଣ ବିଶିଷ୍ଟ ବିଚାରକଙ୍କୁ ନିୟୋଜିତ କରାଯାଇଥିଲା। ସେମାନେ




ନିଜ ନିଜ ବିଷୟଗତ ଦକ୍ଷତା ଆଧାରରେ ଗବେଷଣା ପ୍ରସ୍ତୁତିଗୁଡ଼ିକର ମୂଲ୍ୟାୟନ କରିଥିଲେ। ବିଚାରକମାନଙ୍କର ଏହି ଶୈକ୍ଷିକ ମୂଲ୍ୟାୟନ ଗବେଷଣାର ଗୁଣବତ୍ତା, ସମାଲୋଚନାତ୍ମକ ଚିନ୍ତନ ଓ ଶୈକ୍ଷିକ ଉତ୍କର୍ଷକୁ ଅଧିକ ଉତ୍ସାହିତ କରିଥିଲା। ସମାପନୀ ଅଧିବେଶନରେ ଶୈକ୍ଷିକ ଉତ୍କର୍ଷ, ବିଭିନ୍ନ ବିଷୟର ଆନ୍ତଃସମ୍ପର୍କିତ ଗବେଷଣା ଏବଂ ଗବେଷଣାଭିତ୍ତିକ ନବସୃଜନକୁ ସୁଦୃଢ଼ କରିବା ପାଇଁ ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରୟାସକୁ ପ୍ରଶଂସିତ କରିବାସହ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ଦିଆଯାଇଥିଲା।

ସମାପନୀ ଅଭିଭାଷଣ ପ୍ରଦାନ କରି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଂଶଗ୍ରହଣକାରୀ ଗବେଷକମାନଙ୍କର ଉତ୍ସାହ, ନିଷ୍ଠା ଓ ଅଧ୍ୟବସାୟକୁ ପ୍ରଶଂସା କରିଥିଲେ। ଭାରତ ସରକାରଙ୍କ ଜାତୀୟ ଶିକ୍ଷାନୀତି- ୨୦୨୦ ର ଲକ୍ଷ୍ୟ ସହ ସମନ୍ୱୟ ରକ୍ଷା କରି ଗବେଷଣା ଭିତ୍ତିଭୂମିକୁ ସୁଦୃଢ଼ କରିବା, ଉଚ୍ଚମାନର ଗବେଷଣା ପ୍ରକାଶନକୁ ପ୍ରୋତ୍ସାହିତ କରିବା, ନବସୃଜନକୁ ଉତ୍ସାହ ଦେବା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାକ୍ଷମ ଶୈକ୍ଷିକ ପରିବେଶ ଗଢ଼ିତୋଳିବା ବିଶ୍ୱବିଦ୍ୟାଳୟର ପ୍ରମୁଖ ଲକ୍ଷ୍ୟ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଗବେଷଣା ଓ ବିକାଶ ପ୍ରକୋଷ୍ଠର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାଢ଼ୀ, ବିଶ୍ୱବିଦ୍ୟାଳୟରେ ବିକଶିତ ହେଉଥିବା ଗବେଷଣା ସଂସ୍କୃତି ଏବଂ ଯୁବ ଗବେଷକମାନଙ୍କୁ ନୂତନ ଚିନ୍ତାଧାରା ଆଦାନପ୍ରଦାନ ପାଇଁ ମଞ୍ଚ ଯୋଗାଇବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମାଜର ବିକାଶରେ ପ୍ରଭାବଶାଳୀ ଗବେଷଣା ମାଧ୍ୟମରେ ଯୁବ ଗବେଷକମାନେ କିପରି ଅବଦାନ ରଖିପାରିବେ, ସେ ନେଇ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, ଉଚ୍ଚଶିକ୍ଷା ଓ ଜାତୀୟ ବିକାଶକୁ ଆଗେଇ ନେବାରେ ବିଭିନ୍ନ ବିଷୟ ମଧ୍ୟରେ ସହଯୋଗ ଏବଂ ଗବେଷଣାର ଉତ୍କର୍ଷର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ।

ସମ୍ମିଳନୀରେ ବିଭିନ୍ନ ବିଷୟରେ ଉତ୍କୃଷ୍ଟ ଗବେଷଣା ପାଇଁ ଚୟନିତ ଗବେଷକମାନଙ୍କୁ ସମ୍ମାନୀତ କରାଯାଇଥିଲା। ଏଥିସହ ସମସ୍ତ ଅଂଶଗ୍ରହଣକାରୀ ଗବେଷକଙ୍କୁ ସେମାନଙ୍କର ଶୈକ୍ଷିକ ଅବଦାନର ସ୍ୱୀକୃତି ସ୍ୱରୂପ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା ଓ ସମ୍ମିଳନୀ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଉପ-ପରୀକ୍ଷା ନିୟନ୍ତ୍ରକ ଡ଼କ୍ଟର ରବି ନାରାୟଣ ବେହେରା ଏହି ସମ୍ମିଳନୀର ସମନ୍ୱୟ ଦାୟିତ୍ୱ ତୁଲାଇଥିବା ବେଳେ ପିଏଚ୍‌ଡି ବିଭାଗର ମାନସ କୁମାର ମାଝୀ ବୈଷୟିକ ସହଯୋଗ ପ୍ରଦାନ କରିଥିଲେ। ସମାପନୀ ସମାରୋହର ସମନ୍ୱୟ ଦାୟିତ୍ୱ ଡ଼କ୍ଟର ରାଜଶ୍ରୀ ଦତ୍ତ ତୁଲାଇଥିବା ବେଳେ ଡ଼କ୍ଟର ରବି ନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଗବେଷଣା ଉତ୍କର୍ଷ, ନବସୃଜନ ଓ ଶୈକ୍ଷିକ ପ୍ରଗତିର ଦିଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ନିରନ୍ତର ଯାତ୍ରାରେ 'ଗବେଷକ ସମ୍ମିଳନୀ-୨୦୨୬' ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାର ମାଇଲଖୁଣ୍ଟ ଭାବେ ପରିଗଣିତ ହୋଇଛି।

**ଶ୍ରୀକୃଷ୍ଣ ଜନ୍ମାଷ୍ଟମୀରେ ଥୁଆମୂଳ ରାମପୁରରେ ଭକ୍ତିମୟ ପରିବେଶ**

# ଯାଦବ ମହାସଭା ପକ୍ଷରୁ ଭବ୍ୟ କଳସ ଶୋଭାଯାତ୍ରା

ଥୁଆମୂଳ ରାମପୁର, ୧୨/୦୯ (ଜେଏନ୍ଏସ୍): ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଯାଦବ ମହାସଭା ପକ୍ଷରୁ ଏକ ଭବ୍ୟ କଳସ ଶୋଭାଯାତ୍ରା ମହାସମାରୋହରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶରେ ପରିଣତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଯାଦବ ସମ୍ପ୍ରଦାୟର ଶତାଧିକ ମହିଳା, ଝିଅ, ବୋହୂ ଓ ପୁରୁଷ ଏକତ୍ରିତ ହୋଇ ନିକଟସ୍ଥ ଚିରକେଲ ନଦୀ ନିକଟରେ ପହଞ୍ଚିଥିଲେ। ସେଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମା' ଗଙ୍ଗାଙ୍କୁ ଆବାହନ କରାଯାଇଥିଲା। ପରେ ଭକ୍ତମାନେ କଳସରେ ପବିତ୍ର ଜଳ ଧାରଣ କରି ଶୃଙ୍ଖଳିତ ଭାବେ ଏକ ଭବ୍ୟ ଶୋଭାଯାତ୍ରାରେ ଯଜ୍ଞମଣ୍ଡପ ନିକଟରେ ପହଞ୍ଚିଥିଲେ। ସେଠାରେ ବିଧିବିଧାନ ଅନୁଯାୟୀ କଳସ ସ୍ଥାପନ କରାଯାଇଥିଲା। ଆୟୋଜିତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବରେ କର୍ତ୍ତା-କର୍ତ୍ତି ଭାବେ ନୌଧର ବାଗ ଓ ତାଙ୍କ ସହଧର୍ମିଣୀ ଲକ୍ଷ୍ମୀ ବାଗ ଏବଂ ବୀରବଳ କଟା ଓ ତାଙ୍କ ସହଧର୍ମିଣୀ ଅମିତା କଟା ଦାୟିତ୍ୱ ତୁଲାଇଥିଲେ। ରାତ୍ରିକାଳୀନ କାର୍ଯ୍ୟକ୍ରମରେ ପୂଜକ ଆଲୋକ ରଞ୍ଜନ ମୁଣ୍ଡ ଶ୍ରୀକୃଷ୍ଣଙ୍କ




ଜନ୍ମୋତ୍ସବର ସମସ୍ତ ବିଧିବଦ୍ଧ ପୂଜାର୍ଚ୍ଚନା ସହ ପୁରାଣ ପାଠ କରିଥିଲେ। ଏହି ଅବସରରେ ବ୍ଲକ ଯାଦବ ମହାସଭାର ସଭାପତି ଶଙ୍କର ହଂସ, ସାଧାରଣ ସମ୍ପାଦକ ଶିବରାତ୍ର ଲହଜଲ, ସହ-ସମ୍ପାଦକ କନ୍ତେଶ୍ୱର ତାଣ୍ଡି, ଦୁଇ ନମ୍ବର ଜୋନ୍ ଉପସଭାପତି ପୁରୁଷୋତ୍ତମ ନାୟକ, ଏକ ନମ୍ବର ଜୋନ୍ ଉପସଭାପତି ପୀନୁ ଗଉଡ, କୋଷାଧ୍ୟକ୍ଷ ଭଗବାନ ଗଉଡ, ଯୁବ ଯାଦବ ସଭାପତି ଅମିତ୍ର ନାୟକ, ସନ୍ତୋଷ ଗଉଡ, ଦଶରଥ ଗଉଡ, ଅଞ୍ଚଳ ସଭାପତି ରାଜୀବ ଗଉଡ, କୈଳାସ ଗଉଡ, ଜୟ ଗଉଡ, କ୍ଷୀରୋଦ ଗଉଡ, ଚୈତନ୍ୟ ଗଉଡ ପ୍ରମୁଖ ଯୋଗଦେଇଥିଲେ। ସେହିପରି ମହିଳା ମଣ୍ଡଳର ସଭାନେତ୍ରୀ ମଞ୍ଜୁରୀ ଗହୀର, ପ୍ରେମ ମଞ୍ଜରୀ ଗଉଡ, ସିନ୍ଧୁ ଖର୍ସେଲ, ଟିକିମଣୀ ନାଗ, ଶକୁନ୍ତଳା ଗଉଡ, ସଦମା ଗଉଡଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ ମହିଳା ସଦସ୍ୟମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଶ୍ରୀକୃଷ୍ଣ ଜନ୍ମାଷ୍ଟମୀର ସମସ୍ତ କାର୍ଯ୍ୟକ୍ରମ ଭକ୍ତି ଓ ଉତ୍ସାହର ସହ ଶେଷ ହୋଇଥିବା ବେଳେ ଶନିବାର ଦିନ ନନ୍ଦଉତ୍ସବ ପାଳନ କରାଯିବ ବୋଲି ଯାଦବ ମହାସଭା ପକ୍ଷରୁ ସୂଚନା ଦିଆଯାଇଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁରରୁ ରବି ନାରାୟଣ ସିଂହଙ୍କ ରିପୋର୍ଟ।

# ବାଲେଶ୍ୱରରେ NAQUIM କର୍ମଶାଳା ଅନୁଷ୍ଠିତ

ବାଲେଶ୍ୱର, ୧୨/୦୯ (ଜେଏନ୍ଏସ୍): ଜାତୀୟ ଭୂତଳ ଜଳ ମାନଚିତ୍ରଣ ଓ ପରିଚାଳନା କାର୍ଯ୍ୟକ୍ରମ (NAQUIM) ସମ୍ପର୍କିତ ଏକ କର୍ମଶାଳା ଆଜି ପୂର୍ବାହ୍ନ ୧୧.୩୦ ମିନିଟ୍ ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ (CGWB), ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ରାଜ କିଶୋର ମହାନ୍ତି ଓ ବିନୋୟ କୁମାର ବେହେରା ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ଭୂତଳ ଜଳର ସଂରକ୍ଷଣ, ମାନଚିତ୍ରଣ ଓ ସୁପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ, ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶ୍ରୀଯୁକ୍ତ ଶିରିଆଲ ଶୁଭ୍ର ପଟେଲ, ଅତିରିକ୍ତ କାର୍ଯ୍ୟ




ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଆଲୋଚନାରେ ଇଣ୍ଡୋ-ଜର୍ମାନ ଦ୍ୱିପାକ୍ଷିକ ପ୍ରକଳ୍ପ 'SuWAVi-2047' ସମ୍ପର୍କରେ ମଧ୍ୟ ମତବିନିମୟ କରାଯାଇଥିଲା। ଭୂତଳ ଜଳ ସମ୍ପଦର ସୁଦୂରପ୍ରସାରୀ ଓ ସ୍ଥାୟୀ ପରିଚାଳନା ପାଇଁ ଏଭଳି ବୈଜ୍ଞାନିକ ପ୍ରକଳ୍ପର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ NAQUIM ରିପୋର୍ଟଗୁଡ଼ିକୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ଜିଲ୍ଲାସ୍ତରୀୟ କର୍ତ୍ତୃପକ୍ଷଙ୍କ ସହ ଅଂଶୀଦାର କରିବା ନେଇ ଆଲୋଚନା ହୋଇଥିଲା। ଜିଲ୍ଲାରେ ଭୂତଳ ଜଳର ସ୍ଥିତି ଓ ଉପଲବ୍ଧ ବୈଜ୍ଞାନିକ ତଥ୍ୟକୁ ଆଧାର କରି ଭବିଷ୍ୟତରେ ଜଳ ସମ୍ପଦର ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

କର୍ମଶାଳାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଭୂତଳ ଜଳ ସମ୍ପର୍କିତ ସମସ୍ୟା ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଜଳସ୍ତର ହ୍ରାସ, ଭୂତଳ ଜଳର ଅତ୍ୟଧିକ ଉତ୍ତୋଳନ, ଜଳର ଗୁଣବତ୍ତା ଏବଂ ଭବିଷ୍ୟତରେ ଜଳ ଚାହିଦା ବୃଦ୍ଧି ଭଳି ବିଷୟଗୁଡ଼ିକର ବୈଜ୍ଞାନିକ ଓ ପ୍ରଶାସନିକ ସମାଧାନ ଉପରେ ମତବିନିମୟ କରାଯାଇଥିଲା। ଏଥିସହ ସ୍ଥାୟୀ ଭୂତଳ ଜଳ ପରିଚାଳନା ଯୋଜନା (Sustainable Groundwater Management Plan) ପ୍ରସ୍ତୁତି ଓ କାର୍ଯ୍ୟକାରୀ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭୂତଳ ଜଳର ପୁନର୍ଭରଣ ବୃଦ୍ଧି, ବର୍ଷାଜଳ ସଂରକ୍ଷଣ, ଜଳର ସୁବିଚାରିତ ବ୍ୟବହାର ଏବଂ ଜନସାଧାରଣଙ୍କ ମଧ୍ୟରେ ଜଳ ସଂରକ୍ଷଣ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। କର୍ମଶାଳାରେ ଜିଲ୍ଲା ପ୍ରଶାସନର ଅଧିକାରୀବୃନ୍ଦ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଅନ୍ୟାନ୍ୟ ପଦାଧିକାରୀମାନେ ଯୋଗଦେଇ ଭୂତଳ ଜଳର ସୁରକ୍ଷା ଓ ଦୀର୍ଘସ୍ଥାୟୀ ପରିଚାଳନା ପାଇଁ ସମନ୍ୱିତ ପଦକ୍ଷେପ ନେବା ଉପରେ ମତ ପ୍ରକାଶ କରିଥିଲେ।

# ଜଷ୍ଟିସ ଦୀପକ ମିଶ୍ରଙ୍କୁ 'କାଳିଙ୍ଗ ରତ୍ନ ପୁରସ୍କାର

କଟକ, ୧୨/୦୯ (ଜେଏନ୍ଏସ୍): ଭାରତର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ରଙ୍କୁ ଚଳିତ ବର୍ଷର ପ୍ରତିଷ୍ଠିତ ଥକାଳିଙ୍ଗା ରତ୍ନ ପୁରସ୍କାର ୨୦୨୬ ପ୍ରଦାନ କରାଯାଇଛି। କଟକର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଜଷ୍ଟିସ ମିଶ୍ରଙ୍କୁ ଏହି ସମ୍ମାନଜନକ ରାଜ୍ୟସ୍ତରୀୟ ନାଗରିକ ସମ୍ମାନ ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ମା' ସରସ୍ୱତୀଙ୍କ ଏକ ରୌପ୍ୟ ପ୍ରତିମା ଏବଂ ମାନପତ୍ର ପ୍ରଦାନ କରାଯାଇଛି। ଓଡ଼ିଶାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୁରସ୍କାର ଗ୍ରହଣ କରି ଜଷ୍ଟିସ ଦୀପକ ମିଶ୍ର ନିଜ ମାଟି ସହ ଜଡ଼ିତ ସ୍ମୃତି ଚାରଣ କରି କହିଥିଲେ ଯେ, ଜଣେ ମଣିଷ ଜୀବନରେ ଯେତେ ଦୂରକୁ ଗଲେ ମଧ୍ୟ ତାର ଜନ୍ମମାଟି ସର୍ବଦା ତା'ର ପରିଚୟ



ଓ ସାଂସ୍କୃତିକ ଉତ୍ତରାଧିକାରକୁ ଗଢ଼ିଥାଏ। ସମ୍ବିଧାନର ମୁଖବନ୍ଧ ରେ ଉଲ୍ଲେଖ ଥିବା 'ଭ୍ରାତୃଭାବ' ସମ୍ପର୍କରେ ଆଲୋକପାତ କରି ସେ କହିଥିଲେ ଯେ, ଏହା ଜାତି, ଧର୍ମ, ଭାଷା ଏବଂ ସାମାଜିକ ସ୍ଥିତିର ଉର୍ଦ୍ଧ୍ୱରେ ଏକ ଜୀବନ୍ତ ନୈତିକ ବନ୍ଧନ। ଅନ୍ୟ ଜଣଙ୍କର ସମ୍ମାନକୁ କ୍ଷୁର୍ଣ୍ଣ କରି କେବେ ହେଲେ ନିଜର ଗୌରବ ରକ୍ଷା କରାଯାଇପାରିବ ନାହିଁ। ଯୁଦ୍ଧ କେବଳ ବିଜୟ ଆଣିଥାଏ କିନ୍ତୁ ଶାନ୍ତି ନୁହେଁ, ଏହା କେବଳ ଭବିଷ୍ୟତ ପିଢ଼ି ପାଇଁ ଘୃଣା ଓ କୋହ ଛାଡ଼ିଯାଏ ବୋଲି ସେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଓଡ଼ିଆ ସାହିତ୍ୟ ଜଗତକୁ ଦୀର୍ଘ ୬ ଦଶନ୍ଧିରୁ ଅଧିକ ସମୟ ଧରି ନିଜର ଅତୁଳନୀୟ ଅବଦାନ ପାଇଁ ବିଶିଷ୍ଟ କଥାକାର ଡ. ରାମଚନ୍ଦ୍ର

**ଡ. ରାମଚନ୍ଦ୍ର ବେହେରାଙ୍କୁ ସାରଳା ସମ୍ମାନ**

ବେହେରାଙ୍କୁ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଚଳିତ ବର୍ଷର 'ସାରଳା ସମ୍ମାନ' ରେ ସମ୍ମାନିତ କରାଯାଇଛି। ସଂସଦର ପ୍ରତିଷ୍ଠାତା ସଭାପତି ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ଅନେକ ବିଶିଷ୍ଟ ସାହିତ୍ୟିକ, ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବାଲିଗୋହିରି ଠାରେ ଖୋଲିଲା ପଞ୍ଜାବ ନେସନାଲ ବ୍ୟାଙ୍କ

ନୀଳଗିରି, ୧୨/୦୯ (ଜେଏନ୍ଏସ୍): ଆଜି ବ୍ୟାଙ୍କର ଉଦ୍‌ଘାଟନ ସମାରୋହରେ ବ୍ୟାଙ୍କ ର ସମସ୍ତ କର୍ମଚାରି, ବ୍ୟାଙ୍କ ମ୍ୟାନେଜର ଓ ସାଧାରଣ ଲୋକେ ଉପସ୍ଥିତ ରହିଥିବା ବେଳେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଫିତା କାଟି ଉଦ୍ଘାଟନ କରିଥିଲେ। ଏହି ପଞ୍ଜାବ ନେସନାଲ ବ୍ୟାଙ୍କ ମାଧ୍ୟମରେ ସାଧାରଣ ଲୋକେ ଟଙ୍କା ଜମା ଓ ଉଠାଣ କରିବା ସହ, SHG ଗ୍ରୁପ୍ର ମହିଳାମାନେ ଋଣ ନେଇପାରିବେ। ଛାତ୍ର ଛାତ୍ରୀ ମାନେ ଉଚ୍ଚ ଶିକ୍ଷା ପାଇଁ ମଧ୍ୟ ବ୍ୟାଙ୍କ ସେମାନଙ୍କୁ ଋଣ ପ୍ରଦାନ କରିବ। ଏହି ବ୍ୟାଙ୍କ ସରକାରଙ୍କ ସମସ୍ତ ଯୋଜନା ମଧ୍ୟମରେ ସାଧାରଣ ଲୋକେ ଉପଲୋଭ୍ଧ ପାଇବାରିବେ ସେଥିପାଇଁ ବ୍ୟାଙ୍କ ନିରନ୍ତର ସେବା ପ୍ରଦାନ କରିବ।

# ପ୍ରେମିକା ସହ ସମ୍ପର୍କ ସନ୍ଦେହରୁ ହତ୍ୟା

ବାଲେଶ୍ୱର, ୧୨/୦୯ ( ଲଳିତ ମହାନ୍ତି) ଟାଉନ୍ ଥାନା ଅଧୀନ ମାଣିଖମ୍ବ ଅଞ୍ଚଳର ଅନିରୁଦ୍ଧ ସିଂହ (୫୫)ଙ୍କୁ ହତ୍ୟା କରିବା ଏବଂ ମୃତଦେହକୁ ଫୋପାଡ଼ିବା ଘଟଣାର ପର୍ଦ୍ଦାଫାସ କରିଛି ବାଲେଶ୍ୱର ପୁଲିସ। ଅଭିଯୁକ୍ତ ପ୍ରଥମେ ଝାଡ଼ୁରେ ଆକ୍ରମଣ କରିବା ପରେ ଛାତ ଉପରୁ ତଳକୁ ଠେଲି ଦେଇ ଅନିରୁଦ୍ଧଙ୍କୁ ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି। ଏନେଇ ଆଜି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପରେଶ ରାଉତ ସୂଚନା ଦେଇଛନ୍ତି। ଏହି ମାମଲାରେ ପୁଲିସ ସଦରଥାନା ଅନ୍ତର୍ଗତ ବଡ଼ବଇଆଁ ଗ୍ରାମର ବାଗୁରୁ ଓରଫ ଚୈତନ୍ୟ ହେମ୍ବ୍ରମ (୩୯)ଙ୍କୁ ଗିରଫ କରିଛିଛପୁଲିସ ସୂଚନା ଅନୁଯାୟୀ, ଅଗଷ୍ଟ ୨୯ ତାରିଖରେ ମୋତିଗଞ୍ଜ ବଣିଆପଟିସ୍ଥ କାଳୀମନ୍ଦିର ନିକଟରେ ଘଟଣାଟି ଘଟିଥିଲା। ଅନିରୁଦ୍ଧ ଏକ ବନ୍ଦଘର ପାଖରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯିବା ପରେ ପ୍ରଥମେ କେହି ଅଜଣା ବ୍ୟକ୍ତି ଆକ୍ରମଣ କରିଥିବା ସନ୍ଦେହ କରାଯାଇଥିଲା। ଏନେଇ ଅନିରୁଦ୍ଧଙ୍କ




ପୁଅ ଜୟନ୍ତ ସିଂହ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ବାଲେଶ୍ୱର ଟାଉନ୍ ଥାନାରେ କେସ୍ ନଂ-୩୧୧/୨୦୨୬ ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଥିଲା ଯେ, ଅଗଷ୍ଟ ୨୯ ତାରିଖ ସକାଳ ପ୍ରାୟ ୯ଟାରୁ ୧୦ଟା ମଧ୍ୟରେ ଦେଶୀମଦ ଦୋକାନ ନିକଟରେ ଅନିରୁଦ୍ଧ ଓ ବାଗୁରୁଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଛାତ ଉପରେ ଉଭୟଙ୍କ ମଧ୍ୟରେ ପୁଣି ଯୁକ୍ତିତର୍କ ହୋଇଥିଲାଛ ପୋଲିସର କହିବା ଅନୁଯାୟୀ, ବାଗୁରୁ ଅନିରୁଦ୍ଧଙ୍କ ଉପରେ ରାଗ ରଖିଥିଲା। ତାଙ୍କ ପ୍ରେମିକା ଉପରେ ଅନିରୁଦ୍ଧ ନଜର ପକାଉଥିବା ନେଇ ବାଗୁରୁ ସନ୍ଦେହ କରିଥିଲା। ଘଟଣାର ସତ୍ୟାସତ୍ୟ ନଜାଣି ସେ ଏହି କଥାକୁ ବିଶ୍ୱାସ କରିନେଇଥିଲା ଏବଂ ଅନିରୁଦ୍ଧଙ୍କ ପିଛା କରିଥିଲା ଛ ଘଟଣାଦିନ ବାଗୁରୁ ଷ୍ଟିଲ୍ ବେଣ୍ଟ ଲାଗିଥିବା ଝାଡ଼ୁରେ ଅନିରୁଦ୍ଧଙ୍କ ମୁଣ୍ଡର ପଛପାର୍ଶ୍ୱକୁ ବାରମ୍ବାର ଆଘାତ କରିଥିଲା। ଏଥିରେ ଅନିରୁଦ୍ଧ ଗୁରୁତର ହୋଇପଡ଼ିଥିଲେ। ପରେ ଅଭିଯୁକ୍ତ ତାଙ୍କୁ ଛାତ ଉପରୁ ତଳକୁ ଠେଲି ଦେଇଥିଲା। ଫଳରେ ମୁଣ୍ଡର ପଛପାର୍ଶ୍ୱରେ ଗଭୀର ଆଘାତ ଲାଗିଥିଲା। ଘଟଣା ପରେ ଅଭିଯୁକ୍ତ ଘଟଣାରେ ବ୍ୟବହୃତ ଷ୍ଟିଲ୍ ବେଣ୍ଟ ଲାଗିଥିବା ଝାଡ଼ୁଟିକୁ ଲୁଚାଇ ଦେଇଥିଲା। ପରେ ପୁଲିସ ତାହାକୁ ଜବତ କରିଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଟାଉନ୍ ଥାନାଧିକାରୀ ବିଜୟ ଦାସ ମଧ୍ୟ ଉପସ୍ଥିତ ଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଗୁଜରାଟ ଗସ୍ତ ସଫଳ**

# ଓଡ଼ିଶାକୁ ଆସିବ ୪୮ ,୩୩୦ କୋଟିର ପୁଞ୍ଜି

ଭୁବନେଶ୍ୱର, ୧୨/୦୯ (ଜେଏନ୍ଏସ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତିନି ଦିନିଆ ହାଇ-ପ୍ରୋଫାଇଲ୍ ଗୁଜରାଟ ଗସ୍ତ ଓଡ଼ିଶାର ଶିଳ୍ପାୟନ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଗୁଜରାଟର ପ୍ରମୁଖ ଶିଳ୍ପପତି ଓ ନିବେଶକମାନଙ୍କୁ ଓଡ଼ିଶାର ଶିଳ୍ପ ଅନୁକୂଳ ପରିବେଶର ଭେଟି ଦେଇ ସଫଳତାର ସହ ରାଜ୍ୟକୁ ଫେରିଛନ୍ତି ଓଡ଼ିଶା ପ୍ରତିନିଧି ଦଳ। ଏହି ବ୍ୟାପକ ନିବେଶକ ସମ୍ମିଳନୀରୁ ଓଡ଼ିଶାକୁ ୪୮ ,୩୩୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ମିଳିଛି। ଏହି ମେଗା ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟର ପ୍ରାୟ ୬୭,୮୩୮ ଜଣ ଯୁବକଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ରାଜ୍ୟ ଶିଳ୍ପ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ସୃଷ୍ଟି ହେବ ୬୭ ହଜାରରୁ ଅଧିକ ନୂଆ ଚାକିରି**

ମୁଖ୍ୟମନ୍ତ୍ରୀ ଏବଂ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳ ଅହମଦାବାଦ, ମୁନ୍ଦ୍ରା ଏବଂ ବଦୋଦରାଠାରେ ବ୍ୟାପକ ରୋଡ୍‌ଶୋ କରିଥିଲେ। ଓଡ଼ିଶାର ସୁଦୃଢ଼ ଭିତ୍ତିଭୂମିକୁ ଦେଖି ବିଭିନ୍ନ ପ୍ରତିଷ୍ଠିତ ଜାତୀୟ ଓ ଆନ୍ତର୍ଜାତୀୟ କମ୍ପାନୀ ପକ୍ଷରୁ ୭୧ଟି ନିବେଶ ପ୍ରସ୍ତାବ ମିଳିଛି। ଏଥିମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୮ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇସାରିଥିବା ବେଳେ ୬୩ଟି ନିବେଶ ଇଚ୍ଛାପତ୍ର ମିଳିଛି। ଗସ୍ତ କାଳରେ ୭୦୦ରୁ ଅଧିକ ପ୍ରମୁଖ ଶିଳ୍ପପତିଙ୍କ ସହ ଚର୍ଚ୍ଚା ହେବା ସହ ୧୩୨ଟି ମନୋନୀତ ୱାନ୍-ଟୁ-ୱାନ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାକୁ କେବଳ ପାରମ୍ପରିକ ଖଣିଜ ଭିତ୍ତିକ ଶିଳ୍ପ ନୁହେଁ, ବରଂ ଏକ ଆଧୁନିକ ଓ ବିବିଧତାପୂର୍ଣ୍ଣ କ୍ଷେତ୍ରରେ ପୁଞ୍ଜିନିବେଶ ପ୍ରସ୍ତାବ ମିଳିଛି। ଏଥିରେ ଧାତୁ ଓ ଡାଉନ୍‌ଷ୍ଟ୍ରିମ୍, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ, ସବୁଜ ଶକ୍ତି, ଫାର୍ମାସ୍ୟୁଟିକାଲ୍ସ, ଆଇଟି, ବୟନଶିଳ୍ପ ଏବଂ ପ୍ରତିରକ୍ଷା ସେକ୍ଟର ସାମିଲ ଅଛି।

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର, ୧୨/୦୯ (ଜେଏନ୍ଏସ୍) : ଆଜି ପୂର୍ବାହ୍ନ ଘ: ୧୦.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୨୬୧ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୪୪ ଗୋଟି ବ୍ୟକ୍ତିଗତ ଏବଂ ୧୭ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧୦୦ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୧୨ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ବାଲେଶ୍ୱର ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଦିଲ୍ଲୀପ କୁମାର ଜେନା, ବାଲେଶ୍ୱର ନିର୍ବାହୀ ଅଧିକାରୀ, ପୌରପାଳିକା ଶ୍ରୀଯୁକ୍ତ ଶିରୀୟାଲ ଶୁଭ୍ର ପଟେଲ, ସଦର ବିଡିଓ ଶ୍ରୀଯୁକ୍ତ ଉତ୍ତମ କୁମାର ଜେନା, ସଦର ତହସିଲଦାର ଶ୍ରୀଯୁକ୍ତ ଅନିଲ କୁମାର ମହାନ୍ତିଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଆନ୍ତର୍ଜାତୀୟ ସାକ୍ଷରତା ଦିବସରେ ସାକ୍ଷରତା ଅଭିଯାନ

ନୀଳଗିରି, ୧୨/୦୯ (ଜେଏନ୍ଏସ୍): ଗୋଷ୍ଠୀ ସେବା, ସମାବେଶୀ ଶିକ୍ଷା ଓ ଗ୍ରାମୀଣ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରି ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଜି ଆନ୍ତର୍ଜାତୀୟ ସାକ୍ଷରତା ଦିବସ-୨୦୨୬ ପାଳିତ ହୋଇଛି। ବିଶ୍ୱବିଦ୍ୟାଳୟର ପୋଷ୍ୟଗ୍ରାମ ମଚ୍ଛୁଆ ସହ ନିକଟସ୍ଥ ସିଙ୍ଗିରି ଓ ସାନକାଳିଆପଦା ଗ୍ରାମଠାରେ ଏହି ଅବସରରେ ବିଭିନ୍ନ ସାକ୍ଷରତା ଓ ଶିକ୍ଷା ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଫକୀର ମୋହନ ବିଶ୍ୱବିଦ୍ୟାଳୟର ସମାଜକାର୍ଯ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ଗବେଷଣାକୁ ଗ୍ରାମୀଣ ସମୁଦାୟର ବାସ୍ତବ ଆବଶ୍ୟକତା ସହ ଯୋଡ଼ିବା ସହିତ ଉନ୍ନତ ଭାରତ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଆଗେଇ ନେବାର ଏକ ସାର୍ଥକ ପ୍ରୟାସ ଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ତଥା ଅଧ୍ୟାପିକା ମାନଙ୍କ ଦ୍ୱାରା - ଗ୍ରାମୀଣ ପରିବାରଗୁଡ଼ିକର ଶିକ୍ଷାଗତ ସ୍ଥିତି ଅନୁଧ୍ୟାନ, ଶିଶୁମାନଙ୍କ ଶିକ୍ଷାରେ ରହିଥିବା ପ୍ରତିବନ୍ଧକ ଚିହ୍ନଟ ଏବଂ ଉପଲବ୍ଧ ଶିକ୍ଷା ସୁଯୋଗ ଓ ସରକାରୀ ସହାୟତା ସମ୍ପର୍କରେ ପରିବାରଗୁଡ଼ିକୁ ସଚେତନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏବଂ ସମାଜକାର୍ଯ୍ୟ ବିଭାଗର ସଂଯୋଜିକା ଡ଼କ୍ଟର ଗ୍ରେସ୍ ବାହାଲେନ୍ ମୁଣ୍ଡୁଙ୍କ ପ୍ରଚେଷ୍ଟାରେ ଏହି



**ଗୋଷ୍ଠୀସେବା, ସମାବେଶୀ ଶିକ୍ଷା ଓ ଉନ୍ନତ ଭାରତ ଅଭିଯାନ ପ୍ରତି ବିଶ୍ୱବିଦ୍ୟାଳୟର ପଦକ୍ଷେପ**

ସମୁଦାୟଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

କାର୍ଯ୍ୟକ୍ରମର ଅଂଶ ଭାବେ ଛାତ୍ରଛାତ୍ରୀମାନେ ଘରକୁ ଘର ଯାଇ ସାକ୍ଷରତା ଓ ଶିକ୍ଷା ସର୍ବେକ୍ଷଣ କରିଥିଲେ। ଏହି ସର୍ବେକ୍ଷଣ ମାଧ୍ୟମରେ ପରିବାରଗୁଡ଼ିକର ସାକ୍ଷରତା ସ୍ଥିତି ଜାଣିବା ସହିତ ବିଦ୍ୟାଳୟ ଛାଡ଼ିଥିବା ଶିଶୁ ଏବଂ ଶିକ୍ଷାରୁ ବିଚ୍ଛିନ୍ନ ହେବାର ଆଶଙ୍କା ଥିବା ଶିଶୁମାନଙ୍କୁ ଚିହ୍ନଟ କରାଯାଇଥିଲା। ପରିବାରଗୁଡ଼ିକ ସହ ପ୍ରତ୍ୟକ୍ଷ ଆଲୋଚନା ମାଧ୍ୟମରେ ଶିଶୁମାନଙ୍କ ଶିକ୍ଷାରେ ଅଂଶଗ୍ରହଣକୁ ପ୍ରଭାବିତ କରୁଥିବା ସାମାଜିକ ଓ ଆର୍ଥିକ କାରଣଗୁଡ଼ିକ ବୁଝିବା ସହିତ ଅଭିଭାବକମାନଙ୍କୁ ଶିଶୁମାନଙ୍କୁ ନିୟମିତ ଭାବେ ବିଦ୍ୟାଳୟ ସହ ଯୋଡ଼ି ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିସହ ପୋଷ୍ୟଗ୍ରାମଗୁଡ଼ିକର ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଗତ ସ୍ଥିତି, ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଅଧିକ ସମୁଦାୟ ସହଯୋଗ ଆବଶ୍ୟକ ଥିବା କ୍ଷେତ୍ର ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ନିୟମିତ ବିଦ୍ୟାଳୟ ଯିବା ଓ ଶିକ୍ଷା ଜାରି ରଖିବାର ଗୁରୁତ୍ୱ ସମ୍ପର୍କରେ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯିବା ସହିତ ଶିଶୁମାନଙ୍କ ପାଇଁ ଉପଲବ୍ଧ ସରକାରୀ ଶିକ୍ଷା ଯୋଜନା, ସୁବିଧା ଓ କଲ୍ୟାଣମୂଳକ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଯାଇଥିଲା। ସହକାରୀ ଅଧ୍ୟାପିକା ରଶ୍ମିରେଖା ରାଉତ ଓ ଶ୍ରୀମତୀ ସୁପ୍ରିୟା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ସମଗ୍ର ଗୋଷ୍ଠୀସମ୍ପର୍କ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ। ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଶର୍ମିଷ୍ଠା ମହାରଣା ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଗ୍ରାମବାସୀମାନଙ୍କ ସହ ଆଲୋଚନା କରିଥିଲେ।

ଉଚ୍ଚଶିକ୍ଷାନୁଷ୍ଠାନ ଓ ଗ୍ରାମୀଣ ସମୁଦାୟ ମଧ୍ୟରେ ଜ୍ଞାନ, ଅଂଶଗ୍ରହଣ ଓ ସହଯୋଗମୂଳକ କାର୍ଯ୍ୟ ମାଧ୍ୟମରେ ଏକ ସୁଦୃଢ଼ ସମ୍ପର୍କ ଗଢ଼ିବା ଏହାର ମୂଳ ଲକ୍ଷ୍ୟ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୋଷ୍ୟଗ୍ରାମ କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀମାନେ ଗ୍ରାମୀଣ ଜୀବନର ବାସ୍ତବତାକୁ ନିକଟରୁ ବୁଝିବାର ସୁଯୋଗ ପାଇବା ସହିତ ଗ୍ରାମବାସୀମାନେ ବିଶ୍ୱବିଦ୍ୟାଳୟର ଜ୍ଞାନ, ଦକ୍ଷତା ଓ ମାନବ ସମ୍ବଳରୁ ଉପକୃତ ହେଉଛନ୍ତି। ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ମାଧ୍ୟମରେ ବିଶ୍ୱବିଦ୍ୟାଳୟର ସମାଜକାର୍ଯ୍ୟ ବିଭାଗର କ୍ଷେତ୍ରଭିତ୍ତିକ ଓ ସେବାମୂଳକ ଶିକ୍ଷା ପଦ୍ଧତି ମଧ୍ୟ ପ୍ରତିଫଳିତ ହୋଇଥିଲା।





ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ଜାଲିଆତି ଅଭିଯୋଗ

## ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଇସ୍ତଫା ଦେଲେ ଶେଖ୍ ହାସିନାଙ୍କ ଝିଅ ସାଇମା ୱାଜେଦ



ନୂଆଦିଲ୍ଲୀ/ଢାକା, ୧୨/୦୯ : ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଝିଅ ସାଇମା ୱାଜେଦ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ର ଦକ୍ଷିଣ-ପୂର୍ବ ଏସିଆ ଆଞ୍ଚଳିକ ନିର୍ଦ୍ଦେଶକ ପଦରୁ ଆନୁଷ୍ଠାନିକ ଭାବେ ଇସ୍ତଫା ଦେଇଛନ୍ତି । ମିଳିତ ଜାତିସଂଘର ଏହି ସ୍ୱାସ୍ଥ୍ୟ ସଂସ୍ଥା ଏବଂ ବାଂଲାଦେଶ ସରକାରଙ୍କ ଦ୍ୱାରା ତାଙ୍କ ବିରୋଧରେ ଚାଲିଥିବା ଆର୍ଥିକ ଜାଲିଆତି ଓ ଦୁର୍ନୀତି ତଦନ୍ତ ମଧ୍ୟରେ ସେ ଏହି ନିଷ୍ପତ୍ତି ନେଇଛନ୍ତି । WHO ମହାନିର୍ଦ୍ଦେଶକ ଟେଡ୍ରୋସ୍ ଅଧାନମ୍ ଗେବ୍ରେସିୟସ୍‌ଙ୍କ ନିକଟକୁ ପଠାଇଥିବା ପତ୍ରରେ ସେ ନିଜର ଇସ୍ତଫା ସମ୍ପର୍କରେ ସ୍ପଷ୍ଟ କରିଛନ୍ତି । ୨୦୨୪ ପ୍ରାରମ୍ଭରେ ୫ ବର୍ଷ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ ହୋଇଥିବା ସାଇମାଙ୍କୁ ଗତ ବର୍ଷ ଶେଷ ଭାଗରେ WHO ପକ୍ଷରୁ ବିନା ଦରମାରେ ବାଧ୍ୟତାମୂଳକ ଛୁଟିରେ ପଠାଯାଇଥିଲା । ବାଂଲାଦେଶର ଦୁର୍ନୀତି ନିବାରଣ କମିଶନ ତାଙ୍କ ବିରୋଧରେ କ୍ଷମତାର ଅପବ୍ୟବହାର, ଜାଲିଆତି ଏବଂ ପ୍ରାୟ ୨.୮ ମିଲିୟନ ଡଲାରର ପାଣ୍ଠି ହେରଫେର ନେଇ ମାମଲା ରୁଜୁ କରିଥିଲା । ଏହାଛଡ଼ା, ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରରେ ଜାଲିଆତି ଏବଂ ଚୀନ ଗସ୍ତ ସମୟରେ ଆର୍ଥିକ ଅନିୟମିତତା କରିଥିବା ନେଇ WHO ମଧ୍ୟ ତାଙ୍କ ବିରୋଧରେ ଆନ୍ତରିକ ତଦନ୍ତ ଚଳାଇଥିଲା । ତେବେ ସାଇମା ଏହି ସମସ୍ତ ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ଅସ୍ୱୀକାର କରିଛନ୍ତି ।

ନିଜ ଇସ୍ତଫାପତ୍ରରେ ସାଇମା ଲେଖିଛନ୍ତି ଯେ, "WHOର ବର୍ତ୍ତମାନର ନେତୃତ୍ୱ ଏବଂ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟକଳାପ ଯୋଗୁଁ ମୁଁ ସଂସ୍ଥା ଉପରୁ ସମ୍ପୂର୍ଣ୍ଣ ବିଶ୍ୱାସ ହରାଇଛି । ଦୀର୍ଘ ପ୍ରାୟ ଏକ ବର୍ଷ ଧରି ମତେ ବିନା ଦରମାରେ ଛୁଟିରେ ରଖାଯିବା ଫଳରେ ମୋର ଆର୍ଥିକ ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି, ଯାହା ଦ୍ୱାରା ମୋ ପାଇଁ ଏହି ପଦବୀରେ ରହିବା ସମ୍ଭବପର ନୁହେଁ" । ସାଇମା ୱାଜେଦଙ୍କ ଅକାଳ ବିଦାୟ ପରେ ଏହି ପ୍ରଭାବଶାଳୀ ଆଞ୍ଚଳିକ ନିର୍ଦ୍ଦେଶକ ପଦବୀ ପାଇଁ ଆସନ୍ତା ମାସ (ଅକ୍ଟୋବର ୧୨) ଠାରୁ ନୂଆ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂତ୍ରରୁ ପ୍ରକାଶ । ଏହାପରେ ଆସନ୍ତା ଜାନୁଆରୀ ୨୪ ତାରିଖରେ ଭାରତ ଓ ବାଂଲାଦେଶ ସମେତ ୧୧ଟି ସଦସ୍ୟ ଦେଶକୁ ନେଇ ଗଠିତ ଏହି ଅଞ୍ଚଳ ପାଇଁ ନୂଆ ମୁଖ୍ୟ ଚୟନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ ।

## ସେୟାର ବଜାରରେ ହାହାକାର

ମୁମ୍ବାଇ, ୧୨/୦୯ : ଭାରତୀୟ ସେୟାର ବଜାର ପାଇଁ ଶୁକ୍ରବାର ଦିନଟି ଏକ ବଡ଼ ବିପର୍ଯ୍ୟୟ ସାବ୍ୟସ୍ତ ହୋଇଛି । ବିଶ୍ୱ ବଜାରରୁ ମିଳିଥିବା ଦୁର୍ବଳ ସଙ୍କେତ ଏବଂ ମଧ୍ୟପ୍ରାଚ୍ୟରେ ବଢୁଥିବା ସାମରିକ ତିକ୍ତତା ଯୋଗୁଁ ଘରୋଇ ସେୟାର ବଜାରରେ ଭୟାବହ ହ୍ରାସ ଦେଖିବାକୁ ମିଳିଛି । ବଜାର ଆରମ୍ଭ ହେବା ମାତ୍ରେ ପ୍ରାୟ ୧% ର ବଡ଼ ପତନ ଘଟି ଦୁଇ ପ୍ରମୁଖ ସୂଚକାଙ୍କ ନିମ୍ନଗାମୀ ହୋଇଛନ୍ତି । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ସେନସେକ୍ସ ପ୍ରାୟ ୭୦୦ ପଏଣ୍ଟ ଖସି ୭୪,୨୦୦ ସ୍ତରକୁ ଚାଲିଆସିଥିବା ବେଳେ, ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍ଟି-୫୦ ମଧ୍ୟ ୨୪୦ ପଏଣ୍ଟରୁ ଅଧିକ ହ୍ରାସ ପାଇ ୨୩,୨୩୦ ସ୍ତରରେ କାରବାର କରୁଛି । ଏହି ହ୍ରାସ କାରଣରୁ ନିବେଶକମାନେ କିଛି ମିନିଟ୍ ଭିତରେ ଲକ୍ଷ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବା ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୮ ଡଲାର ଡେଇଁଛି । ଭାରତ ନିଜ ଆବଶ୍ୟକତାର ଅଧିକାଂଶ ତେଲ ଆମଦାନୀ



- ✦ ସେନସେକ୍ସ ୭୦୦ ପଏଣ୍ଟ ଖସିଲା
- ✦ ନିଫ୍ଟି ୨୩,୨୫୦ ତଳକୁ ଖସିଲା
- ✦ ନିବେଶକଙ୍କ କୋଟି କୋଟି ଟଙ୍କା ସ୍ୱାହା

କରୁଥିବାରୁ, ଏହି ଦର ବୃଦ୍ଧି ଭାରତୀୟ ଅର୍ଥନୀତି ଉପରେ ଚାପ ପକାଇଛି । ଅଶୋଧିତ ତୈଳର ମହଙ୍ଗା ଦର ଏବଂ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଯୋଗୁଁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ବହୁତ ଦୁର୍ବଳ ହୋଇଯାଇଛି । ଆଜି ବଜାର ଖୋଲିବା ବେଳକୁ ଟଙ୍କାର ମୂଲ୍ୟ ପ୍ରତି ଡଲାର ପିଛା ୯୫.୬୯ ଟଙ୍କାର ସର୍ବନିମ୍ନ ସ୍ତରକୁ ଖସି ଆସିଛି । ଆମେରିକାରେ ହୋଲସେଲ ମୁଦ୍ରାସ୍ଫୀତି ୫.୪% କୁ ବୃଦ୍ଧି ପାଇଛି । ଏହା ଦ୍ୱାରା ଆସନ୍ତା ସପ୍ତାହରେ ଆମେରିକୀୟ କେନ୍ଦ୍ରୀୟ ବ୍ୟାଙ୍କ 'ଫେଡେରାଲ ରିଜର୍ଭ' ସୁଧ ହାର ବଢ଼ାଇବା ନେଇ ଆଶଙ୍କା ପ୍ରକଟ ହୋଇଛି, ଯାହା ବିଶ୍ୱ ବଜାରକୁ ଆନ୍ଦୋଳିତ କରିଛି । ଆଜିର କାରବାରରେ ଟାଟା ଷ୍ଟିଲ୍, ହିନ୍ଦାଲକୋ, ବାଜାଜ୍ ଫାଇନାନ୍ସ ଏବଂ ଶ୍ରୀରାମ ଫାଇନାନ୍ସ ଭଳି ବଡ଼ କମ୍ପାନୀଗୁଡ଼ିକର ସେୟାର ଦର ପ୍ରାୟ ୨% ରୁ ୩.୫% ପର୍ଯ୍ୟନ୍ତ ହ୍ରାସ ପାଇଛି । ତେବେ ଏହି ସଙ୍କଟ ସମୟରେ ମଧ୍ୟ ବଜାରକୁ ସାମାନ୍ୟ ସହାରା ଦେଇ ଆଇଟି ସେକ୍ଟରର ଞ୍ଜଉଝ ଏବଂ ଇନଫୋସିସ୍ ଭଳି ସେୟାର ଗୁଡ଼ିକ ସାମାନ୍ୟ ସବୁଜ ସଙ୍କେତ ସହ କାରବାର କରୁଛନ୍ତି । ଏହା ବ୍ୟତୀତ ଚଳିତ ସେପ୍ଟେମ୍ବର ମାସରେ ଅନେକ ବଡ଼ ବଡ଼ ଆଇପିଓ ଲାଇନ୍‌ରେ ଥିବାରୁ ବଜାରରୁ ପୁଞ୍ଜି ଅନ୍ୟ ଆଡ଼କୁ ଆକର୍ଷିତ ହେଉଛି, ଯାହା ଚାପ ବଢ଼ାଉଛି । ପ୍ରତିରକ୍ଷା ଓ ଆର୍ଥିକ ବିଶେଷଜ୍ଞଙ୍କ ଅନୁଯାୟୀ, ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ସ୍ଥିତିରେ ସୁଧାର ନଆସିବା ପର୍ଯ୍ୟନ୍ତ ସେୟାର ବଜାରରେ ଏଭଳି ଅସ୍ଥିରତା ଲାଗିରହିବ ।

# ବ୍ରିକ୍ସ ସମ୍ମିଳନୀ ଓ ପୁଟିନଙ୍କ ଗସ୍ତ ପାଇଁ ଦିଲ୍ଲୀ ପ୍ରସ୍ତୁତ

## ଛାଉଣୀରେ ପରିଣତ ହେଲା ରାଜଧାନୀ, ସ୍କୁଲ ଓ ଅଫିସ ଛୁଟି ଘୋଷଣା

ନୂଆଦିଲ୍ଲୀ, ୧୨/୦୯ : ରାଜଧାନୀ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ (ସେପ୍ଟେମ୍ବର ୧୨-୧୩) ଏବଂ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ହାଇ-ପ୍ରୋଫାଇଲ୍ ଭାରତ ଗସ୍ତ ପାଇଁ ଦିଲ୍ଲୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛି । ଏହି ବିଶ୍ୱସ୍ତରୀୟ ସମ୍ମିଳନୀ ଲାଗି ସାରା ଦିଲ୍ଲୀକୁ ଏକ ଅଭେଦ୍ୟ ଦୁର୍ଗରେ ପରିଣତ କରାଯାଇଛି । ବିଶ୍ୱର ପ୍ରମୁଖ ନେତାମାନଙ୍କ ସୁରକ୍ଷା ପାଇଁ ଦିଲ୍ଲୀ ପୋଲିସ, ସ୍ୱାତ ଟିମ୍ ଏବଂ କେନ୍ଦ୍ରୀୟ ଏଜେନ୍ସିର ପ୍ରାୟ ୨୫,୦୦୦ରୁ ୩୦,୦୦୦ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି । ସମ୍ମିଳନୀର ମୁଖ୍ୟ ସ୍ଥଳ 'ଭାରତ ମଣ୍ଡପମ' ଓ ରାଜଘାଟଠାରେ NSG କମାଣ୍ଡୋମାନଙ୍କ ଦ୍ୱାରା ଆଣ୍ଟି-ଟେରର






ମକଡ୍ରିଲ୍ କରାଯାଇଛି । ଋଷ ଏବଂ ଚୀନର ଆଡଭାନ୍ସଡ୍ ସୁରକ୍ଷା ଟିମ୍ ପୂର୍ବରୁ ଦିଲ୍ଲୀରେ ପହଞ୍ଚି ନିର୍ଦ୍ଦିଷ୍ଟ ହୋଟେଲଗୁଡ଼ିକର ଯାଞ୍ଚ ଶେଷ କରିଛନ୍ତି । ଏହା ସହିତ ଡ୍ରୋନ୍ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଆଣ୍ଟି-ଡ୍ରୋନ୍ ବନ୍ଧୁକ ମଧ୍ୟ ମୁତୟନ କରାଯାଇଛି ।

ସୁରକ୍ଷା ଏବଂ ଭିଭିଆଇପି କାରକେଡ୍‌ର ଯାତାୟାତକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ୧୧ (ଶୁକ୍ରବାର) ଦିନ ସମସ୍ତ କେନ୍ଦ୍ରୀୟ ଓ ଦିଲ୍ଲୀ ସରକାରୀ ଅଫିସ, ସ୍ୱାୟତ୍ତ ଶାସିତ ସଂସ୍ଥା, କୋର୍ଟ ଏବଂ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଟ୍ରାଫିକ ବ୍ୟବସ୍ଥା ପାଇଁ କଡ଼ା କଟକଣା ସହ ବ୍ୟାପକ ଆଡଭାଇଜରୀ ଜାରି ହୋଇଛି । ଋଷ ରାଷ୍ଟ୍ରପତି ପୁଟିନ ସେପ୍ଟେମ୍ବର ୧୧ରେ ଦିଲ୍ଲୀରେ ପହଞ୍ଚିବେ । ସମ୍ମିଳନୀ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ପୁଟିନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ଭାରତ ଓ ଋଷ ମଧ୍ୟରେ ପ୍ରତିରକ୍ଷା , ପରମାଣୁ ଶକ୍ତି ଏବଂ ବାଣିଜ୍ୟିକ କାରବାର ବୃଦ୍ଧି ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି ।

## ଫିଲିପାଇନ୍ସରେ ଭୟାବହ ଜଳପୋତ ଦୁର୍ଘଟଣା



ମାନିଲା/ପାଲାୱାନ୍, ୧୨/୦୯ :ଫିଲିପାଇନ୍ସରେ ପୁଣି ଏକ ସାମୁଦ୍ରିକ ବିପର୍ଯ୍ୟୟ ଘଟିଛି । ରାଜଧାନୀ ମାନିଲାରୁ ବାହାରି ପର୍ଯ୍ୟଟନ ସ୍ଥଳୀ ପାଲାୱାନ୍ ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ଜଳପୋତ ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ ଅତିକମରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଏବେ ବି ପ୍ରାୟ ୮୬ ଜଣ ଯାତ୍ରୀ ନିଖୋଜ ଅଛନ୍ତି । ମୋଟ ୧୩୪ ଜଣ ଯାତ୍ରୀ ଓ କର୍ମଚାରୀଙ୍କୁ ନେଇ ଯାଉଥିବା ଏହି ଜଳପୋତଟି ନିଜର ଗନ୍ତବ୍ୟ ସ୍ଥଳ 'କୋରୋନ୍' ଦ୍ୱୀପରେ ପହଞ୍ଚିବାର ମାତ୍ର ୨ କିଲୋମିଟର ପୂର୍ବରୁ ଏହି ଅଘଟଣ ଘଟିଥିଲା ।

**୫ ମୃତ, ୮୬ ନିଖୋଜ ମଝି ସମୁଦ୍ରରେ ପ୍ରାଣ ବିକଳରେ ଡେଇଁଲେ ଯାତ୍ରୀ**

ପ୍ରତ୍ୟକ୍ଷଦର୍ଶୀ ଓ ଉଦ୍ଧାର ହୋଇଥିବା ଯାତ୍ରୀଙ୍କ କହିବା ଅନୁଯାୟୀ, ଜଳପୋତର ମାଲ୍ ପରିବହନ ଅଂଶ ଭିତରେ ପ୍ରଥମେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା । ଏହା ପରେ ଦେଖୁଦେଖୁ ପ୍ରଚଣ୍ଡ ନିଆଁ ସାରା ଜଳପୋତକୁ ବ୍ୟାପି ଯାଇଥିଲା । ଚାରିଆଡ଼େ କଳା ଧୂଆଁର ଆସ୍ତରଣ ଜମିଯିବାରୁ ଶ୍ୱାସରୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା । ଭୟ ଓ ଆତଙ୍କରେ ଯାତ୍ରୀମାନେ ପ୍ରାଣ ବଞ୍ଚାଇବା ପାଇଁ ବିନା ଲାଇଫ୍ ଜ୍ୟାକେଟ୍‌ରେ ମଝି ସମୁଦ୍ରକୁ ଡେଇଁ ପଡ଼ିଥିଲେ । ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଫିଲିପାଇନ୍ସ ତଟରକ୍ଷୀ ବାହିନୀ, ସାମରିକ ହେଲିକପ୍ଟର ଏବଂ ସ୍ଥାନୀୟ ମତ୍ସ୍ୟଜୀବୀମାନେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ବର୍ତ୍ତମାନ ସୁଦ୍ଧା ସମୁଦ୍ର ଭିତରୁ ୪୩ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତେବେ ସମୁଦ୍ରର ପ୍ରଖର ସ୍ରୋତ, ପ୍ରବଳ ଉତ୍ତାପ ଏବଂ ଜଳପୋତରୁ ବାହାରୁଥିବା ବିଷାକ୍ତ ଧୂଆଁ ଯୋଗୁଁ ନିଖୋଜ ଯାତ୍ରୀଙ୍କୁ ଖୋଜିବାରେ ଉଦ୍ଧାରକାରୀ ଦଳ ବଡ଼ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଫିଲିପାଇନ୍ସରେ ହଜାର ହଜାର ଦ୍ୱୀପ ରହିଥିବାରୁ ଜଳପୋତ ହେଉଛି ସେଠାକାର ଯାତ୍ରୀ ପରିବହନର ମୁଖ୍ୟ ମାଧ୍ୟମ । ମାତ୍ର ଦୁର୍ବଳ ରକ୍ଷଣାବେକ୍ଷଣ, ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଂଘନ ଏବଂ କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ ଯୋଗୁଁ ଏଠାରେ ବାରମ୍ବାର ସାମୁଦ୍ରିକ ଦୁର୍ଘଟଣା ଘଟୁଛି, ଯାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ପକ୍ଷରୁ ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ।

## ନଭେମ୍ବରରେ ଇରାନ ସହ ଯୁଦ୍ଧ ଶେଷ ହେବ : ଟ୍ରମ୍ପ



ୱାଶିଂଟନ, ୧୨/୦୯ : ଆମେରିକାରେ ଆଗାମୀ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପାଇଁ ରାଜନୈତିକ ପାରଦ ଚରମ ସୀମାରେ ପହଞ୍ଚିଛି । ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଶାସକ ରିପବ୍ଲିକାନ୍ ଏବଂ ବିରୋଧୀ ଡେମୋକ୍ରାଟିକ୍ ଦଳ ମଧ୍ୟରେ ଜୋରଦାର ଟକ୍କର ଚାଲିଥିବା ବେଳେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ଗୋଟି ଚାଳନା କରିଛନ୍ତି । ନିର୍ବାଚନ ପ୍ରଚାର ସମୟରେ ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ଯଦି ଚଳିତ ନିର୍ବାଚନରେ ରିପବ୍ଲିକାନ୍ ଦଳ ଜିତେ, ତେବେ ପ୍ରତ୍ୟେକ ପ୍ରାପ୍ତବୟସ୍କ ଆମେରିକୀୟ ନାଗରିକଙ୍କୁ ୫,୦୦୦ ଡଲାର (ପ୍ରାୟ ୪.୭ ଲକ୍ଷ ଟଙ୍କା) ଲେଖାଏଁ ନଗଦ ପ୍ରଦାନ କରାଯିବ । ଟ୍ରମ୍ପଙ୍କ ଏହି ପ୍ରତିଶ୍ରୁତି ପରେ ଆମେରିକା ସମେତ ସାରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଛି ।

**ଭୋଟ୍ ପାଇଁ ଟ୍ରମ୍ପଙ୍କ ମାଷ୍ଟରପ୍ଲାନ୍**

**ଜିତିଲେ ପ୍ରତି ଆମେରିକୀୟଙ୍କୁ ମିଳିବ ୫,୦୦୦ ଡଲାର, ବିଶ୍ୱ ରାଜନୀତି ହେଲା ସରଗରମ**

ଟେକ୍ସାସର ଡାଲାସଠାରେ ଆୟୋଜିତ ଏକ ବିଶାଳ ସମାବେଶକୁ ସମ୍ବୋଧିତ କରି ଟ୍ରମ୍ପ ଏହି ଘୋଷଣା କରିଛନ୍ତି । ସେ ଏହାକୁ 'ଟ୍ରମ୍ପ ଡିଭିଡେଣ୍ଡ' ନାମ ଦେଇଛନ୍ତି । ଟ୍ରମ୍ପଙ୍କ କହିବା ଅନୁଯାୟୀ, ଯେଉଁଭଳି ବଡ଼ ବଡ଼ କମ୍ପାନୀଗୁଡ଼ିକ ସେମାନଙ୍କ ସେୟାରଧାରୀଙ୍କୁ ଲାଭାଂଶ ଦିଅନ୍ତି, ସେହିଭଳି ଆମେରିକା ସରକାର ନିଜ ନାଗରିକଙ୍କୁ ଏହି ଅର୍ଥ ପ୍ରଦାନ କରିବେ । ତେବେ ଏହି ଅର୍ଥ କେବଳ ଆମେରିକା ଭିତରେ ହିଁ ଖର୍ଚ୍ଚ କରାଯାଇପାରିବ ବୋଲି ସେ ସର୍ତ୍ତ ରଖିଛନ୍ତି, ଯାହା ଦ୍ୱାରା ଦେଶର ବ୍ୟବସାୟ ଓ ଅର୍ଥନୀତି ସୁଦୃଢ଼ ହେବ । ଟ୍ରମ୍ପଙ୍କ ଏହି ମାଗଣା ଉପହାର ରାଜନୀତିକୁ ନେଇ ଆମେରିକାରେ ବିବାଦ ତେଜିବାରେ ଲାଗିଛି । ଆଲୋଚକଙ୍କ ଅନୁଯାୟୀ, ଏହି ପ୍ରତିଶ୍ରୁତି ପୂରଣ କରିବା ପାଇଁ ଆମେରିକା ରାଜକୋଷ ଉପରେ ପ୍ରାୟ ୧.୩୫ ଟ୍ରିଲିୟନ ଡଲାରର ଅତିରିକ୍ତ ବୋଝ ପଡ଼ିବ, ଯାହା ଦେଶକୁ ଆର୍ଥିକ ସଂକଟ ଆଡ଼କୁ ଠେଲିଦେବ । ବିରୋଧୀ ଡେମୋକ୍ରାଟିକ୍ ଦଳ ଏହାକୁ ଭୋଟ୍ ହାତେଇବାର ଏକ 'ଅସାମ୍ବିଧାନିକ ଉପାୟ' ବୋଲି କହିବା ସହ ଟ୍ରମ୍ପ ଆମେରିକାର ଗଣତନ୍ତ୍ରକୁ କିଣିବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ।

କେବଳ ଆର୍ଥିକ ପ୍ରତିଶ୍ରୁତି ନୁହେଁ, ବରଂ ବୈଦେଶିକ ନୀତିକୁ ନେଇ ମଧ୍ୟ ଟ୍ରମ୍ପ ବଡ଼ ଦାବି କରିଛନ୍ତି । ସେ କହିଛନ୍ତି ଯେ ନଭେମ୍ବର ମାସରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଶେଷ ହେବା ମାତ୍ରେ ଇରାନ ସହିତ ଚାଲିଥିବା ସାମରିକ ତିକ୍ତତା ଓ ଯୁଦ୍ଧ ସମାପ୍ତ ହେବ । ଅନ୍ୟପଟେ, ଇରାନ ଆମେରିକା ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ସାଇବର ଆଟାକ୍ ଓ ଡିଜିଟାଲ୍ ହସ୍ତକ୍ଷେପ କରୁଥିବା ନେଇ ଗୁପ୍ତଚର ସଂସ୍ଥାଗୁଡ଼ିକ ଆଶଙ୍କା ପ୍ରକଟ କରିଛନ୍ତି । ଏହି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗିବାକୁ ଯାଉଛି । ରିପୋର୍ଟ ଅନୁଯାୟୀ, ଦଳଗୁଡ଼ିକ କେବଳ ଟେଲିଭିଜନ ଏବଂ ଡିଜିଟାଲ୍ ମିଡିଆ ବିଜ୍ଞାପନ ପାଇଁ ପ୍ରାୟ ୧୧.୬ ବିଲିୟନ (ଅରବ) ଡଲାର ଖର୍ଚ୍ଚ କରୁଛନ୍ତି । ବିଶେଷ କରି କ୍ରିପ୍ଟୋକରେନ୍ସି ଓ ଏଆଇ କମ୍ପାନୀଗୁଡ଼ିକ ନିଜ ସପକ୍ଷରେ ଆଇନ ପ୍ରଣୟନ ପାଇଁ ଏହି ନିର୍ବାଚନରେ କୋଟି କୋଟି ଡଲାରର ରାଜନୈତିକ ପାଣ୍ଠି ଯୋଗାଉଛନ୍ତି ।

## କମର୍ସିଆଲ୍ ଗ୍ୟାସ୍ ଯୋଗାଣ କଟକଣା ହଟାଇଲେ ସରକାର




ନୂଆଦିଲ୍ଲୀ, ୧୨/୦୯ : ଦେଶର ବ୍ୟବସାୟୀ, ହୋଟେଲ ଏବଂ ଶିଳ୍ପସଂସ୍ଥାଗୁଡ଼ିକ ପାଇଁ କେନ୍ଦ୍ର ସରକାର ଏକ ବଡ଼ ଆଶ୍ୱସ୍ତିକର ଖବର ଆଣିଛନ୍ତି । ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ବାଣିଜ୍ୟିକ ଏଲ୍‌ପିଜି ଗ୍ୟାସ୍ ଯୋଗାଣ ଉପରେ ଲାଗିଥିବା ସମସ୍ତ ପ୍ରକାର କଟକଣାକୁ ସରକାର ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିନେଇଛନ୍ତି । ପେଟ୍ରୋଲିୟମ୍ ମନ୍ତ୍ରାଳୟର ନୂଆ ନିର୍ଦ୍ଦେଶ ଅନୁଯାୟୀ, ଏବେ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ପୂର୍ବଭଳି ୧୦୦ ପ୍ରତିଶତ ଗ୍ୟାସ୍ ଯୋଗାଣ ପୁନର୍ବାର ଆରମ୍ଭ କରାଯିବ ।

ଯଦି ଆଗାମୀ ଦିନରେ କୌଣସି କାରଣରୁ ଗ୍ୟାସ୍ ଯୋଗାଣ ପ୍ରଭାବିତ ହୁଏ, ତେବେ ହସ୍ପିଟାଲ, ଶିକ୍ଷାନୁଷ୍ଠାନ, ଫାର୍ମାସ୍ୟୁଟିକାଲ୍ ଏବଂ କୃଷି ଭିତ୍ତିକ ଶିଳ୍ପକୁ ପ୍ରାଥମିକତା ଆଧାରରେ ଗ୍ୟାସ୍ ଯୋଗାଇ ଦିଆଯିବ । ଏହାସହ ବଜାରରେ ସନ୍ତୁଳନ ରକ୍ଷା ପାଇଁ କ୍ଷୁଦ୍ର ବ୍ୟବସାୟୀଙ୍କୁ ପାଇପ୍‌ଡ ପ୍ରାକୃତିକ ଗ୍ୟାସ୍ ଏବଂ ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ପ୍ରୋତ୍ସାହିତ କରାଯାଉଛି । ଅନ୍ୟପଟେ ହୋଟେଲ ଓ ବ୍ୟବସାୟିକ ସ୍ଥଳରେ ବେଆଇନ ଭାବେ ଘରୋଇ ଗ୍ୟାସ୍ ସିଲିଣ୍ଡର

- ◥ ହୋଟେଲ ଓ ଶିଳ୍ପସଂସ୍ଥାକୁ ମିଳିଲା ବଡ଼ ଆଶ୍ୱସ୍ତି
- ◥ ବୁକିଂ ନିୟମରେ ପରିବର୍ତ୍ତନ
- ◥ ୨୫ ଦିନରେ ମିଳିବ ଗୋଟିଏ ସିଲିଣ୍ଡର, ଓଟିପି ବାଧ୍ୟତାମୂଳକ

(୧୪.୨ କେଜି) ବ୍ୟବହାରକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଚଢ଼ାଉକୁ ଜୋରଦାର କରାଯାଇଛି ।

ଗ୍ୟାସ୍ ସିଲିଣ୍ଡରର କଳାବଜାରୀ ଏବଂ ହୋର୍ଡିଂ ରୋକିବା ପାଇଁ ସରକାର ରିଫିଲ୍ ବୁକିଂ ନିୟମରେ ବଡ଼ ସଂଶୋଧନ କରିଛନ୍ତି । ଏବେ ଗ୍ରାହକମାନେ ପ୍ରତି ୨୫ ଦିନରେ କେବଳ ଗୋଟିଏ ସିଲିଣ୍ଡର ବୁକ୍ କରିପାରିବେ । ଗ୍ରାମାଞ୍ଚଳ ପାଇଁ ପୂର୍ବରୁ ଥିବା ୪୫ ଦିନର ଅବଧିକୁ କମାଇ ସହରାଞ୍ଚଳ ଭଳି ସମାନ ୨୫ ଦିନ କରାଯାଇଛି, ଯାହା ଗ୍ରାମୀଣ ଗ୍ରାହକଙ୍କୁ ଆଶ୍ୱସ୍ତି ଦେଇଛି । ଏହା ସହିତ ଗ୍ୟାସ୍ ଡେଲିଭରି ସମୟରେ ଗ୍ରାହକଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବରକୁ ଆସୁଥିବା ଡେଲିଭରି ଆଥେଣ୍ଟିକେସନ କୋଡ୍ କିମ୍ବା ଓଟିପି ଦେଖାଇବା ବାଧ୍ୟତାମୂଳକ କରାଯାଇଛି ।

## ବିଶ୍ୱ ମାନଚିତ୍ରରେ ଇସ୍ରୋର ନୂଆ ପରିଚୟ

ନୂଆଦିଲ୍ଲୀ,୧୨/୦୯: ମହାକାଶ ଗବେଷଣା କ୍ଷେତ୍ରରେ ଭାରତ ଆଉ ଏକ ଐତିହାସିକ ସଫଳତା ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେଉଛି । ଚନ୍ଦ୍ରଯାନ ଏବଂ ସୂର୍ଯ୍ୟ ମିଶନ 'ଆଦିତ୍ୟ-ଏଲ୍୧'ର ଅଭୂତପୂର୍ବ ସଫଳତା ପରେ, ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଏବେ ମହାକାଶରେ ନିଜର ସ୍ଥାୟୀ ଘର ତଥା 'ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ' ପ୍ରତିଷ୍ଠା କରିବା ପାଇଁ ଅଣ୍ଟା ଭିଡ଼ିଛି । କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ ଏହି ପ୍ରୋଜେକ୍ଟର କାର୍ଯ୍ୟ ଆରମ୍ଭ ହୋଇସାରିଛି ଏବଂ ୨୦୩୫ ସୁଦ୍ଧା ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ ବୋଲି

**୨୦୩୫ ସୁଦ୍ଧା ମହାକାଶରେ ଭାରତୀୟ ସ୍ପେସ୍ ଷ୍ଟେସନ**

ଲକ୍ଷ୍ୟ ରଖାଯାଇଛି । ପୃଥିବୀ ପୃଷ୍ଠରୁ ପ୍ରାୟ ୪୦୦ କିଲୋମିଟର ଉପରେ ନିମ୍ନ ପୃଥିବୀ କକ୍ଷପଥରେ ଏହି ଷ୍ଟେସନ ସ୍ଥାପିତ ହେବ । ଏହାର ମୋଟ ଓଜନ ପ୍ରାୟ ୫୨ ଟନ୍ ହେବ । ଏହା ବର୍ତ୍ତମାନ ମହାକାଶରେ ଥିବା ଆନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ ତୁଳନାରେ ଛୋଟ ହେଲେ ମଧ୍ୟ ସମ୍ପୂର୍ଣ୍ଣ ଆଧୁନିକ ଟେକ୍ନୋଲୋଜିରେ ନିର୍ମିତ ହେବ । ଏଥିରେ ଏକ ସମୟରେ ୩ ରୁ ୪ ଜଣ ମହାକାଶଚାରୀ ପ୍ରାୟ ୧୫ ରୁ ୨୦ ଦିନ ପର୍ଯ୍ୟନ୍ତ ରହି ବିଭିନ୍ନ ଗବେଷଣା କରିପାରିବେ ।



୨୦୨୮ ମସିହାରେ (ପ୍ରଥମ ମଡ୍ୟୁଲ୍ ଲଞ୍ଚ) ସ୍ପେସ୍ ଷ୍ଟେସନର ମୂଳ ଅଂଶ ବା 'ଇଇଝ-୧' ମଡ୍ୟୁଲ୍‌କୁ ୨୦୨୮ ସୁଦ୍ଧା ମହାକାଶକୁ ପଠାଯିବ । ସେହିପରି ୨୦୩୫ (ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ) ଅନ୍ୟ ସମସ୍ତ ମଡ୍ୟୁଲକୁ ପର୍ଯ୍ୟାୟକ୍ରମେ ଯୋଡ଼ି ୨୦୩୫ ସୁଦ୍ଧା ସ୍ପେସ୍ ଷ୍ଟେସନକୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ କରାଯିବ । ଆହୁରି ମଧ୍ୟ ୨୦୪୦ (ଚନ୍ଦ୍ରରେ ଭାରତୀୟ) ଏହି ସ୍ପେସ୍ ଷ୍ଟେସନର ଅଭିଜ୍ଞତାକୁ ଆଧାର କରି ୨୦୪୦ ମସିହା ସୁଦ୍ଧା ଜଣେ ଭାରତୀୟଙ୍କୁ ଚନ୍ଦ୍ର ପୃଷ୍ଠକୁ ପଠାଇବା ପାଇଁ ଇସ୍ରୋର ମହତ୍ତ୍ୱାକାଂକ୍ଷୀ ଯୋଜନା ରହିଛି । ମହାକାଶରେ ସ୍ପେସ୍ ଷ୍ଟେସନ ପ୍ରତିଷ୍ଠା ହେବା ଦ୍ୱାରା ଭାରତୀୟ ବୈଜ୍ଞାନିକମାନେ ମାଇକ୍ରୋଗ୍ରାଭିଟି (ଶୂନ୍ୟ ମାଧ୍ୟାକର୍ଷଣ) ପରିବେଶରେ ପରୀକ୍ଷା ନିରୀକ୍ଷା କରିପାରିବେ । ଏହା ଦ୍ୱାରା ନୂତନ ଔଷଧ ପ୍ରସ୍ତୁତି, ମହାକାଶ ଜୈବ ବିଜ୍ଞାନ, ପାଣିପାଗ ପୂର୍ବାନୁମାନ ଏବଂ ସାଟେଲାଇଟ୍ ଟେକ୍ନୋଲୋଜି କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆସିବ । ଏହାସହ ଭାରତ ଅନ୍ୟ ଦେଶ ଉପରେ ନିର୍ଭର ନକରି ନିଜସ୍ୱ ଜ୍ଞାନକୌଶଳରେ ମହାକାଶ ଗବେଷଣାକୁ ଆଗକୁ ନେଇପାରିବ । ଏହି ମିଶନର ପ୍ରଥମ ପାହାଚ ହେଉଛି ଭାରତର 'ଗଗନଯାନ ମିଶନ', ଯାହା ମାଧ୍ୟମରେ ପ୍ରଥମ ଥର ପାଇଁ ଭାରତୀୟ ମହାକାଶଚାରୀମାନଙ୍କୁ ମହାକାଶକୁ ପଠାଯିବ । ଏହା ବ୍ୟତୀତ ସ୍ପେସ୍ ଷ୍ଟେସନର ଭାରୀ ଯନ୍ତ୍ରାଂଶଗୁଡ଼ିକୁ ମହାକାଶକୁ ନେବା ପାଇଁ ଇସ୍ରୋ ଏକ ସ୍ୱତନ୍ତ୍ର ପୁନଃବ୍ୟବହାର ଯୋଗ୍ୟ ଶକ୍ତିଶାଳୀ ରକେଟ୍ ଘଏଖଠ ନିର୍ମାଣ କରୁଛି । ବର୍ତ୍ତମାନ ବିଶ୍ୱରେ କେବଳ ଆମେରିକା, ରୁଷ ଏବଂ ଚୀନ ପାଖରେ ମହାକାଶ ଷ୍ଟେସନ ରହିଛି । ୨୦୩୫ ସୁଦ୍ଧା 'ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ' ପ୍ରତିଷ୍ଠା ହେଲେ ଭାରତ ବିଶ୍ୱର ଏହି ଏଲିଟ୍ କ୍ଲବ୍ ରେ ସାମିଲ ହେବ, ଯାହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ହେବ ।

**ଚୀନ୍‌କୁ କଡ଼ା ଜବାବ**

## ଭାରତୀୟ ମାଟିରେ ଗର୍ଜିଲେ ଜାପାନୀ ଯୁଦ୍ଧ ବିମାନ

ନୂଆଦିଲ୍ଲୀ,୧୨/୦୯: ଇଣ୍ଡୋ-ପାସିଫିକ୍ (ଭାରତ-ପ୍ରଶାନ୍ତ ମହାସାଗରୀୟ) କ୍ଷେତ୍ରରେ ଚୀନର ବଢୁଥିବା ସାମରିକ ଦାଦାଗିରିର ମୁକାବିଲା ପାଇଁ ଭାରତ ଓ ଜାପାନ ନିଜର ପ୍ରତିରକ୍ଷା ସମ୍ପର୍କକୁ ଆହୁରି ମଜବୁତ କରିଛନ୍ତି । ଏହି କ୍ରମରେ ରାଜସ୍ଥାନର ରଣକ୍ଷେତ୍ର ଯୋଧପୁରଠାରେ ଭାରତୀୟ ବାୟୁସେନା ଏବଂ ଜାପାନ ବାୟୁସେନା ମଧ୍ୟରେ ଯୌଥ ବାୟୁ ସମରାଭ୍ୟାସ 'ଏକ୍ସରସାଇଜ୍ ବୀର ଗାର୍ଡିଆନ୍ ୨୦୨୬' ଆରମ୍ଭ ହୋଇଯାଇଛି । ସେପ୍ଟେମ୍ବର ୯ ରୁ ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଯୁଦ୍ଧାଭ୍ୟାସ ଏସିଆର ଭୂ-ରାଜନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ।



ଏହି ସମରାଭ୍ୟାସର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଯେ, ପ୍ରଥମ ଥର ପାଇଁ ଜାପାନର ଯୁଦ୍ଧବିମାନଗୁଡ଼ିକ ସେମାନଙ୍କ ଦେଶ ବାହାରକୁ ଆସି ସିଧାସଳଖ ଭାରତୀୟ ଏୟାରବେସ୍‌ରୁ ଅପରେଟ୍ କରୁଛନ୍ତି । ଏଥିରେ ଜାପାନ ପକ୍ଷରୁ ସେମାନଙ୍କର ପ୍ରମୁଖ ଏଫ୍-ଟୁଏ ଫାଇଟର ଜେଟ୍ ଏବଂ ଭାରତ ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏଲ୍‌ସିଏ ତେଜସ, ସୁଖୋଇ ସୁ-୩୦ ଏମ୍‌କେଆଇ ଏବଂ ରାଫେଲ୍ ଯୁଦ୍ଧବିମାନ ଆକାଶରେ ନିଜର ଶକ୍ତି ପ୍ରଦର୍ଶନ କରୁଛନ୍ତି । ଦୁଇ ଦେଶର ପାଇଲଟ୍ ମାନେ ମିଳିତ ଭାବେ ଆଧୁନିକ ଯୁଦ୍ଧ କୌଶଳ, ମିଶନ ପ୍ଲାନିଂ ଏବଂ ଜଟିଳ ଏୟାର ଡିଫେନ୍ସ ରଣନୀତି ଉପରେ କାର୍ଯ୍ୟ କରୁଛନ୍ତି । ଭାରତ ଏବଂ ଜାପାନ ମଧ୍ୟରେ କେବଳ ବାୟୁସେନା ନୁହେଁ, ବରଂ ସ୍ଥଳସେନା ଏବଂ ନୌସେନା ସ୍ତରରେ ମଧ୍ୟ ବ୍ୟାପକ ସହଯୋଗ ଦେଖିବାକୁ ମିଳୁଛି । ଚଳିତ ବର୍ଷ ଉତ୍ତରାଖଣ୍ଡର ଚୌବଟିଆଠାରେ ଦୁଇ ଦେଶର ସ୍ଥଳସେନା ମଧ୍ୟରେ ଏହି ଯୁଦ୍ଧାଭ୍ୟାସ ସଫଳତାର ସହ ସମ୍ପନ୍ନ ହୋଇଛି, ଯେଉଁଠାରେ ଆତଙ୍କବାଦୀ କାର୍ଯ୍ୟକଳାପର ମୁକାବିଲା ପାଇଁ ମିଳିତ ରଣନୀତି ପ୍ରସ୍ତୁତ କରାଯାଇଥିଲା । ସାମୁଦ୍ରିକ ସୁରକ୍ଷା ଏବଂ ଶତ୍ରୁପକ୍ଷର ବୁଡ଼ାଜାହାଜକୁ ଚିହ୍ନଟ କରିବା ପାଇଁ ଦୁଇ ଦେଶର ନୌସେନା ମଧ୍ୟରେ ଏହି ଦ୍ୱିପାକ୍ଷିକ ସମରାଭ୍ୟାସ ନିୟମିତ ଭାବେ ଆୟୋଜିତ ହେଉଛି । ପ୍ରତିରକ୍ଷା ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ସମରାଭ୍ୟାସ ପଛରେ ଏକ ବଡ଼ ରଣନୀତିକ ସଂକେତ ରହିଛି । ଭାରତ ଏବଂ ଜାପାନ ଦୁହେଁ ହେଉଛନ୍ତି 'କ୍ୱାଡ୍' (କ୍ୱାଡ୍-ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ) ସଂଗଠନର ସଦସ୍ୟ । ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗର ଅଞ୍ଚଳରେ ଚୀନର ସାମରିକ ଅନୁପ୍ରବେଶ ବୃଦ୍ଧି ପାଉଥିବା ବେଳେ, ଭାରତ ଓ ଜାପାନର ଏହି ନିବିଡ଼ତା ବେଜିଂ ପାଇଁ ଏକ ବଡ଼ ଚେତାବନୀ । ଏହି ସମରାଭ୍ୟାସ ପ୍ରମାଣିତ କରୁଛି ଯେ ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ଦୁଇ ଦେଶର ସେନା ପରସ୍ପର ସହ କାନ୍ଧରେ କାନ୍ଧ ମିଳାଇ ଯୁଦ୍ଧ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ । 'ବୀର ଗାର୍ଡିଆନ୍ ୨୦୨୬' କେବଳ ଏକ ସାମରିକ ଅଭ୍ୟାସ ନୁହେଁ, ବରଂ ଏହା ଦୁଇ ଗଣତାନ୍ତ୍ରିକ ମହାଶକ୍ତିଙ୍କ ମଧ୍ୟରେ ଥିବା ପ୍ରତିରକ୍ଷା ଓ ବିଶ୍ୱାସର ଏକ ନୂତନ ଅଧ୍ୟାୟ, ଯାହା ଆଗାମୀ ଦିନରେ ଏସିଆ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ।

" ନିଜ ଉପରେ ବିଶ୍ୱାସ ରଖି ହସି ହସି ଚାଲ,
ଝଡ଼ଝଞ୍ଜା ଆସିଲେ ବି ପଛକୁ ନ ଚାହଁ।
ତୁମ ଜୀବନର ପ୍ରତିଟି ମୁହୂର୍ତ୍ତ ଅଟେ ଅମୂଲ୍ୟ,
କର୍ମ ହିଁ ଦେବ ଦିନେ ତୁମ ସଂଘର୍ଷର ମୂଲ୍ୟ। "

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

## ସମ୍ପାଦକୀୟ...

# ବିଲୁପ୍ତି ପଥରେ ଜଙ୍ଗଲର ମଣିଷ ଓରାଙ୍ଗଉଟାଙ୍ଗ ସଂକଟର ଏକ ସମୀକ୍ଷା



ପ୍ରକୃତିର ସବୁଠାରୁ ଆଶ୍ଚର୍ଯ୍ୟଜନକ ଏବଂ ବୁଦ୍ଧିମାନ ଜୀବମାନଙ୍କ ମଧ୍ୟରେ ଓରାଙ୍ଗଉଟାଙ୍ଗ ଅନ୍ୟତମ। ମାଲୟ ଭାଷାରେ 'ଓରାଙ୍ଗଉଟାଙ୍ଗ' ଶବ୍ଦର ଅର୍ଥ ହେଉଛି 'ଜଙ୍ଗଲର ମଣିଷ'। ଆନ୍ଥ୍ରୋପଏଡ୍ ବା ମାନବସଦୃଶ ଏହି ମାଙ୍କଡ଼ମାନେ ସେମାନଙ୍କର ଗଭୀର ନାଲି-ବାଦାମୀ ରଙ୍ଗର ଲୋମ ଏବଂ ଅସାଧାରଣ ବୁଦ୍ଧିମତା ପାଇଁ ଜଣାଶୁଣା। କିନ୍ତୁ ଆଜି ବିଜ୍ଞାନ ଓ ପ୍ରଗତିର ଦ୍ରୁତ ଦୌଡ଼ରେ ଏହି 'ଜଙ୍ଗଲର ମଣିଷ' ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ଇଣ୍ଡୋନେସିଆ ଏବଂ ମାଲେସିଆର ବୋର୍ଣ୍ଣିଓ ଓ ସୁମାତ୍ରା ଦ୍ୱୀପରେ ମିଳୁଥିବା ଏହି ଜୀବ ଆଜି ଆଧୁନିକ ମାନବ ସଭ୍ୟତାର ଲୋଭର ଶିକାର ହୋଇଛନ୍ତି।

ଓରାଙ୍ଗଉଟାଙ୍ଗମାନଙ୍କ ଜନସଂଖ୍ୟା ହ୍ରାସ ପାଇବାର ସବୁଠାରୁ ବଡ଼ କାରଣ ହେଉଛି ସେମାନଙ୍କର ପ୍ରାକୃତିକ ବାସସ୍ଥାନ ନଷ୍ଟ ହେବା। ବିଗତ କିଛି ଦଶନ୍ଧି ମଧ୍ୟରେ, ସାରା ବିଶ୍ୱରେ ପାମ୍ ଅଏଲ୍ ର ଚାହିଦା ଆକାଶଛୁଆଁ ହୋଇଛି। ସାବୁନ୍, କସମେଟିକ୍ସଠାରୁ ଆରମ୍ଭ କରି ଚକୋଲେଟ୍ ଏବଂ ବିସ୍କୁଟ୍ ପର୍ଯ୍ୟନ୍ତ ପ୍ରତ୍ୟେକ ଜିନିଷରେ ଏହାର ବ୍ୟବହାର କରାଯାଉଛି। ଏହି ଚାହିଦା ମେଣ୍ଟାଇବା ପାଇଁ ଇଣ୍ଡୋନେସିଆ ଓ ମାଲେସିଆର ମୂଲ୍ୟବାନ ବର୍ଷାରଣ୍ୟକୁ ଦ୍ରୁତ ଗତିରେ କଟାଯାଇ ପାମ୍ ଗଛର ଚାଷ କରାଯାଉଛି। ଜଙ୍ଗଲ ନଷ୍ଟ ହେବା ଯୋଗୁଁ ଓରାଙ୍ଗଉଟାଙ୍ଗମାନେ ବାସହୀନ ହେବା ସହ ଖାଦ୍ୟ ଅଭାବର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଖାଦ୍ୟ ସନ୍ଧାନରେ ସେମାନେ ମାନବ ବସତି ବା ଚାଷ ଜମିକୁ ଚାଲିଆସନ୍ତି, ଯେଉଁଠାରେ ସେମାନଙ୍କୁ ପୋଡ଼ି ମାରିଦିଆଯାଏ କିମ୍ବା ଗୁଳି କରି ହତ୍ୟା କରାଯାଏ।

## ସଂକଟଜନକ ସ୍ଥିତି
## ସଂରକ୍ଷଣର ଆବଶ୍ୟକତା

ଓରାଙ୍ଗଉଟାଙ୍ଗମାନଙ୍କ ପାଇଁ ଅନ୍ୟ ଏକ ବଡ଼ ବିପଦ ହେଉଛି ବେଆଇନ ଶିକାର ଓ ଚୋରା ଚାଲାଣ। ଆନ୍ତର୍ଜାତୀୟ ବଜାରରେ ଓରାଙ୍ଗଉଟାଙ୍ଗର ଶିଶୁମାନଙ୍କୁ 'ପୋଷା ଜୀବ' ଭାବରେ ବିକ୍ରି କରିବା ପାଇଁ ଏକ ବଡ଼ କଳାବଜାର ସକ୍ରିୟ ରହିଛି। ସବୁଠାରୁ ଦୁଃଖଦାୟକ ବିଷୟ ହେଉଛି, ଗୋଟିଏ ଶିଶୁ ଓରାଙ୍ଗଉଟାଙ୍ଗକୁ ଧରିବା ପାଇଁ ଶିକାରୀମାନେ ପ୍ରଥମେ ତାର ମା'କୁ ହତ୍ୟା କରନ୍ତି, କାରଣ ଓରାଙ୍ଗଉଟାଙ୍ଗ ମା' ନିଜ ସନ୍ତାନକୁ କେବେହେଲେ ଛାଡ଼େ ନାହିଁ। ଏହି ପ୍ରକ୍ରିୟାରେ ଅନେକ ଶିଶୁ ମଧ୍ୟ ମାନସିକ ଆଘାତ ଏବଂ ପରିବହନ ଜନିତ ଅବହେଳା ଯୋଗୁଁ ମୃତ୍ୟୁବରଣ କରନ୍ତି। ଓରାଙ୍ଗଉଟାଙ୍ଗ କେବଳ ଏକ ସୁନ୍ଦର ଜୀବ ନୁହଁନ୍ତି, ବରଂ ସେମାନେ ଜଙ୍ଗଲର 'ଉଦ୍ୟାନପାଳ' । ସେମାନେ ମୁଖ୍ୟତଃ ଫଳ ଖାଆନ୍ତି ଏବଂ ଜଙ୍ଗଲର ବିଭିନ୍ନ ସ୍ଥାନରେ ମଳ ତ୍ୟାଗ କରି ଗଛର ମଞ୍ଜି ବିସ୍ତାର କରିବାରେ ସାହାଯ୍ୟ କରନ୍ତି। ଅନେକ ବଡ଼ ବଡ଼ ଗଛର ବଂଶବୃଦ୍ଧି କେବଳ ଓରାଙ୍ଗଉଟାଙ୍ଗମାନଙ୍କ ଉପରେ ନିର୍ଭର କରେ। ଯଦି ଓରାଙ୍ଗଉଟାଙ୍ଗ ବିଲୁପ୍ତ ହୋଇଯାଆନ୍ତି, ତେବେ ବର୍ଷାରଣ୍ୟର ସମ୍ପୂର୍ଣ୍ଣ ପରିବେଶ ସନ୍ତୁଳନ ବିଗିଡ଼ିଯିବ, ଯାହା ପରୋକ୍ଷରେ ବିଶ୍ୱ ଜଳବାୟୁ ପରିବର୍ତ୍ତନକୁ ଆହୁରି ତୀବ୍ର କରିବ।

ବର୍ତ୍ତମାନ ସୁଦ୍ଧା ଓରାଙ୍ଗଉଟାଙ୍ଗର ତିନୋଟି ପ୍ରଜାତି (ବୋର୍ଣ୍ଣିଓ, ସୁମାତ୍ରା ଏବଂ ତାପାନୁଲି) କୁ 'ଅତି ସଂକଟାପନ୍ନ' ଶ୍ରେଣୀରେ ରଖାଯାଇଛି। ଯଦି ବର୍ତ୍ତମାନର ସ୍ଥିତି ଜାରି ରହେ, ତେବେ ଆସନ୍ତା କିଛି ଦଶନ୍ଧି ମଧ୍ୟରେ ଏହି ପ୍ରଜାତି ସମ୍ପୂର୍ଣ୍ଣ ରୂପେ ବିଲୁପ୍ତ ହୋଇଯାଇପାରେ। ଏହାର ସମାଧାନ ପାଇଁ କେବଳ ସରକାରୀ ଆଇନ ଯଥେଷ୍ଟ ନୁହେଁ। ଆନ୍ତର୍ଜାତୀୟ ସ୍ତରରେ 'ସ୍ଥାୟୀ ପାମ୍ ଅଏଲ୍' ର ବ୍ୟବହାରକୁ ପ୍ରୋତ୍ସାହନ ଦେବାକୁ ହେବ, ଯେପରି କୌଣସି ଜଙ୍ଗଲ ନଷ୍ଟ ନକରି ଚାଷ କରାଯାଇପାରିବ। ଗ୍ରାହକ ଭାବରେ ଆମକୁ ମଧ୍ୟ ସଚେତନ ହେବାକୁ ପଡ଼ିବ ଏବଂ ଜଙ୍ଗଲ ଧ୍ୱଂସ କରୁଥିବା କମ୍ପାନୀଗୁଡ଼ିକର ଉତ୍ପାଦକୁ ବର୍ଜନ କରିବାକୁ ହେବ। ପ୍ରକୃତିର ଏହି ଅମୂଲ୍ୟ ଉପହାରକୁ ବଞ୍ଚାଇବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଜଙ୍ଗଲର ମଣିଷକୁ ସୁରକ୍ଷା ଦେଲେ ହିଁ ମାନବ ସଭ୍ୟତାର ଭବିଷ୍ୟତ ସୁରକ୍ଷିତ ରହିବ।

ଓରାଙ୍ଗଉଟାଙ୍ଗମାନଙ୍କ ସୁରକ୍ଷା ପାଇଁ କେବଳ କାଗଜପତ୍ରର ଆଇନ ଯଥେଷ୍ଟ ନୁହେଁ, ବରଂ ଏକ ବ୍ୟାପକ ଏବଂ ବାସ୍ତବିକ ଅଭିଯାନର ଆବଶ୍ୟକତା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଇଣ୍ଡୋନେସିଆ ଓ ମାଲେସିଆର ସ୍ଥାନୀୟ ଆଦିବାସୀ ଏବଂ ଜଙ୍ଗଲ ଆଖପାଖରେ ରହୁଥିବା ସମୁଦାୟଙ୍କୁ ଏହି ସଂରକ୍ଷଣ କାର୍ଯ୍ୟରେ ସାମିଲ କରିବା। ଯଦି ସେମାନଙ୍କୁ ବିକଳ୍ପ ଜୀବିକା ଯୋଗାଇ ଦିଆଯାଏ, ତେବେ ଜଙ୍ଗଲ କ୍ଷୟ ଏବଂ ବେଆଇନ ଶିକାର ବହୁ ମାତ୍ରାରେ ହ୍ରାସ ପାଇବ। ଏହାସହ ବନ୍ୟଜନ୍ତୁ ଅଭୟାରଣ୍ୟର ସୀମା ବୃଦ୍ଧି କରିବା ଏବଂ ନଷ୍ଟ ହୋଇଯାଇଥିବା ବର୍ଷାରଣ୍ୟର ପୁନରୁଦ୍ଧାର ପାଇଁ ବ୍ୟାପକ ବୃକ୍ଷରୋପଣ କରିବା ଜରୁରୀ।

ଆନ୍ତର୍ଜାତୀୟ ସ୍ତରରେ, ଚୋରା ଚାଲାଣ ଏବଂ ବେଆଇନ ପୋଷା ଜୀବ ବ୍ୟବସାୟ କରୁଥିବା ଅପରାଧୀ ଚକ୍ର ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ। ସାରା ବିଶ୍ୱର ଗ୍ରାହକମାନେ କେବଳ ସେହି ସବୁ ସାମଗ୍ରୀ ବ୍ୟବହାର କରିବା ଉଚିତ, ଯେଉଁଥିରେ 'ସର୍ଟିଫାଏଡ୍ ସ୍ଥାୟୀ ପାମ୍ ଅଏଲ୍' ବ୍ୟବହାର କରାଯାଇଛି। ସବୁଜ ପୃଥିବୀର ଏହି ଅମୂଲ୍ୟ ପ୍ରତିନିଧିଙ୍କ ଅସ୍ତିତ୍ୱ ରକ୍ଷା କରିବା ପାଇଁ ଆମକୁ ନିଜର ଉପଭୋକ୍ତା ଶୈଳୀ ଏବଂ ମାନସିକତାରେ ପରିବର୍ତ୍ତନ ଆଣିବାକୁ ହେବ। ପରିବେଶର ସନ୍ତୁଳନ ରକ୍ଷା କରିବାରେ ଓରାଙ୍ଗଉଟାଙ୍ଗଙ୍କ ଭୂମିକା ଅତୁଳନୀୟ। ଯଦି ଆମେ ଆଜି ସେମାନଙ୍କୁ ନିରାପଦ ପରିବେଶ ଯୋଗାଇ ନଦେବା, ତେବେ ଆଗାମୀ ପିଢ଼ି କେବଳ ବହି ପୃଷ୍ଠାରେ ଏହି ଜୀବକୁ ଦେଖିବାକୁ ପାଇବେ। ଆସନ୍ତୁ, ସମସ୍ତେ ମିଳିତ ଭାବେ ଏହି ବୁଦ୍ଧିମାନ 'ଜଙ୍ଗଲର ମଣିଷ'କୁ ବିଲୁପ୍ତିରୁ ରକ୍ଷା କରିବା ପାଇଁ ଏକ ଦୃଢ଼ ସଂକଳ୍ପ ନେବା ଏବଂ ପୃଥିବୀର ଭବିଷ୍ୟତକୁ ସୁରକ୍ଷିତ ରଖିବା।

# ଖଣି ଶେଷ ହେଲେ ବିକାଶ କାହା ପାଇଁ ?



ସିତାଂଶୁ ଶେଖର ମିଶ୍ର
ଶାନ୍ତି ନଗର, ସୋନପୁର
ଦୁରଭାଷ- ୮୧୪୪୮ ୭୦୭୨୯

୨୦୪୭ର ବିକଶିତ ଭାରତ ପାଇଁ ଆଜିର ପ୍ରଶ୍ନ—ଖଣିଜ ସମ୍ପଦର ଅସୀମ ଉତ୍ତୋଳନ ନା ସମ୍ପଦର ସୁସ୍ଥିର ବିନିଯୋଗ ?

ଭାରତ ସ୍ୱାଧୀନ ହେବାବେଳେ ଦେଶର ଅର୍ଥନୀତି ମୁଖ୍ୟତଃ କୃଷିନିର୍ଭର ଥିଲା। ଶିଳ୍ପାୟନର ଆବଶ୍ୟକତା ଥିଲା ଏବଂ ଲୁହାପଥର, କୋଇଲା, ବକ୍ସାଇଟ୍, କ୍ରୋମାଇଟ୍, ମାଙ୍ଗାନିଜ୍ ଭଳି ଖଣିଜ ସମ୍ପଦ ଦେଶର ଶିଳ୍ପ ଓ ଭିତ୍ତିଭୂମି ଗଠନର ମୁଖ୍ୟ ଆଧାର ହେଲା। ଏହି ଅର୍ଥରେ ଖଣିଜ ସମ୍ପଦ ଉତ୍ତୋଳନ ଭାରତର ବିକାଶ ଯାତ୍ରାର ଅପରିହାର୍ଯ୍ୟ ଅଂଶ ଥିଲା। କିନ୍ତୁ ସାତ ଦଶକରୁ ଅଧିକ ସମୟ ପରେ ଆଜି ପ୍ରଶ୍ନଟି ଅନ୍ୟ—ବିକାଶ ପାଇଁ ଆମେ ପ୍ରକୃତିର ସମ୍ପଦକୁ କେତେ ଦ୍ରୁତ ହାରରେ ଖର୍ଚ୍ଚ କରୁଛୁ ଏବଂ ଆଗାମୀ ପିଢ଼ି ପାଇଁ କ'ଣ ରଖୁଛୁ ?

ଭାରତର କୋଇଲା ଉତ୍ପାଦନର ଇତିହାସ ଏହି ପରିବର୍ତ୍ତନର ଏକ ବଡ଼ ଚିତ୍ର ଦେଖାଏ। ସରକାରୀ ତଥ୍ୟ ଅନୁସାରେ ୧୯୫୦ ଠାରୁ ୨୦୨୦-୨୧ ପର୍ଯ୍ୟନ୍ତ ଭାରତର ସମୁଦାୟ କୋଇଲା ଉତ୍ପାଦନ ପ୍ରାୟ ୧୭,୨୯୭.୯୪ ନିୟୁତ ଟନ୍ ହୋଇଥିଲା। ଏହା ପରେ ମଧ୍ୟ ଉତ୍ପାଦନ ହ୍ରାସ ପାଇନାହିଁ। ୨୦୧୩-୧୪ରେ ଦେଶର କୋଇଲା ଉତ୍ପାଦନ ୫୬୫.୭୭ ନିୟୁତ ଟନ୍ ଥିବାବେଳେ ୨୦୨୪-୨୫ରେ ଏହା ୧,୦୪୭.୫୨ ନିୟୁତ ଟନ୍‌ରେ ପହଞ୍ଚିଛି। ଅର୍ଥାତ୍ ଏକ ଦଶକରେ ଉତ୍ପାଦନ ପ୍ରାୟ ଦୁଇଗୁଣ ହୋଇଛି।

ଲୁହାପଥରର ଚିତ୍ର ମଧ୍ୟ ଏହି ପ୍ରବଣତାକୁ ପ୍ରକାଶ କରେ। ୨୦୧୦-୧୧ରେ ଭାରତର ଲୁହାପଥର ଉତ୍ପାଦନ ୨୦୭.୧୬ ନିୟୁତ ଟନ୍ ଥିଲା। ୨୦୧୨-୧୩ରେ ଏହା ୧୩୬.୦୨ ନିୟୁତ ଟନ୍‌କୁ ହ୍ରାସ ପାଇଥିଲେ ମଧ୍ୟ ପରବର୍ତ୍ତୀ ବର୍ଷଗୁଡ଼ିକରେ ପୁଣି ବଢ଼ିଛି। ୨୦୨୪-୨୫ରେ ଦେଶର ଲୁହାପଥର ଉତ୍ପାଦନ ରେକର୍ଡ ୨୮୯ ନିୟୁତ ଟନ୍‌ରେ ପହଞ୍ଚିଛି। ସେହି ବର୍ଷ ବକ୍ସାଇଟ୍ ଉତ୍ପାଦନ ୨୪.୭ ନିୟୁତ ଟନ୍ ଏବଂ ମାଙ୍ଗାନିଜ୍ ଉତ୍ପାଦନ ୩.୮ ନିୟୁତ ଟନ୍ ହୋଇଛି। ଅର୍ଥାତ୍ ସ୍ୱାଧୀନତା ପରେ ଯେଉଁ ଖଣିଜ ସମ୍ପଦ ଶିଳ୍ପାୟନର ଆଧାର ଥିଲା, ଆଜି ତାହା ଦେଶର ଦ୍ରୁତ ଅର୍ଥନୈତିକ ବିକାଶର ଏକ ବଡ଼ ଇନ୍ଧନ। କିନ୍ତୁ ଏଠାରେ ହିଁ ମୂଳ ପ୍ରଶ୍ନ—ଉତ୍ପାଦନର ରେକର୍ଡ କି ବିକାଶର ରେକର୍ଡ, ନା ପ୍ରାକୃତିକ ପୁଞ୍ଜି ହ୍ରାସର ମଧ୍ୟ ଏକ ରେକର୍ଡ ?

ଓଡ଼ିଶାର ପରିସ୍ଥିତି ଏହି ପ୍ରଶ୍ନକୁ ଆହୁରି ଗମ୍ଭୀର କରିଦିଏ। ରାଜ୍ୟର ଅର୍ଥନୀତିରେ ଖଣିଜ ସମ୍ପଦର ଗୁରୁତ୍ୱ ଅସ୍ୱୀକାର କରାଯାଇପାରେନାହିଁ। ଲୁହାପଥର, କୋଇଲା, ବକ୍ସାଇଟ୍, କ୍ରୋମାଇଟ୍, ମାଙ୍ଗାନିଜ୍ ଆଦି ଓଡ଼ିଶାର ଶିଳ୍ପ ଓ ରପ୍ତାନିର ମୁଖ୍ୟ ଆଧାର। ୨୦୨୪-୨୫ରେ ରାଜ୍ୟର ଲୁହାପଥର ଉତ୍ପାଦନ ୧୭୮୯.୯ ଲକ୍ଷ ଟନ୍, କୋଇଲା ୨୬୩୦.୨ ଲକ୍ଷ ଟନ୍, ବକ୍ସାଇଟ୍ ୧୭୯.୩ ଲକ୍ଷ ଟନ୍ ଏବଂ କ୍ରୋମାଇଟ୍ ୩୧.୯ ଲକ୍ଷ ଟନ୍ ହୋଇଛି।

ଏହି ତଥ୍ୟକୁ ଯଦି ଦୀର୍ଘ ସମୟର ପରିପ୍ରେକ୍ଷିରେ ଦେଖାଯାଏ, ଚିତ୍ରଟି ଆହୁରି ସ୍ପଷ୍ଟ ହୁଏ। ଉପଲବ୍ଧ ସରକାରୀ ତଥ୍ୟ ଅନୁସାରେ ଓଡ଼ିଶାରେ ୧୯୯୪-୯୫ରେ ଲୁହାପଥର ଉତ୍ପାଦନ ପ୍ରାୟ ୮୦ ଲକ୍ଷ ଟନ୍ ଥିଲା; ୨୦୦୦-୦୧ରେ ଏହା ପ୍ରାୟ ୧୬୮ ଲକ୍ଷ ଟନ୍ ଏବଂ ୨୦୦୮-୦୯ରେ ପ୍ରାୟ ୭୭୨ ଲକ୍ଷ ଟନ୍ ହୋଇଥିଲା। ପରବର୍ତ୍ତୀ ଦୁଇ ଦଶକରେ ଏହି ଉତ୍ପାଦନ ଆହୁରି ବଢ଼ି ୨୦୨୩-୨୪ରେ ପ୍ରାୟ ୧୬୯୦ ଲକ୍ଷ ଟନ୍ ହୋଇଛି। ଏଠାରେ ଏକ ରାଜନୈତିକ ତଥ୍ୟ ମଧ୍ୟ ମନେ ରଖିବା ଦରକାର। ୨୦୦୦ ପରଠାରୁ ଓଡ଼ିଶାରେ ଦୀର୍ଘ ସମୟ ଧରି ଏକ ଦଳର ସରକାର ଥିଲା ଏବଂ ୨୦୨୪ରୁ ଅନ୍ୟ ଦଳର ସରକାର ଦାୟିତ୍ୱ ନେଇଛି। କିନ୍ତୁ ଖଣି ଉତ୍ପାଦନର ପ୍ରତ୍ୟେକ ଟନ୍‌କୁ ଗୋଟିଏ ନିର୍ଦ୍ଦିଷ୍ଟ ସରକାରର "ସୃଷ୍ଟି" ବୋଲି କହିବା ତଥ୍ୟସମ୍ମତ ହେବ ନାହିଁ। ଖଣି ଲିଜ୍, ଭୂତାତ୍ତ୍ୱିକ ଭଣ୍ଡାର, ପୂର୍ବ ଅନୁମୋଦନ, ଶିଳ୍ପ ଚାହିଦା, ରପ୍ତାନି, ଜାତୀୟ ନୀତି ଓ ବଜାର ଦର ଏସବୁ ମିଶି ଉତ୍ପାଦନ ନିର୍ଦ୍ଧାରଣ କରେ। ତେଣୁ ଦଳୀୟ ଦୋଷାରୋପ ଅପେକ୍ଷା ଦୀର୍ଘକାଳୀନ ନୀତିର ସମୀକ୍ଷା ଅଧିକ ଆବଶ୍ୟକ।

ବାସ୍ତବରେ ପ୍ରଶ୍ନଟି ଖଣି ଖୋଳିବା କି ନ ଖୋଳିବା ନୁହେଁ। ପ୍ରଶ୍ନ ହେଉଛି—କେତେ ଖୋଳିବା, କାହିଁକି ଖୋଳିବା, କେତେ ମୂଲ୍ୟ ସୃଷ୍ଟି କରିବା ଏବଂ ତାହାର ବଦଳରେ ପ୍ରକୃତିକୁ କେତେ ଫେରାଇବା ?

ଖଣିଜ ଏକ ଅପୂର୍ଣ୍ଣ ନବୀକରଣଶୀଳ ସମ୍ପଦ। ଆଜି ଏହାକୁ ଉତ୍ତୋଳନ କଲେ କାଲି ସେହି ସ୍ଥାନରେ ସେହି ଖଣିଜ ପୁଣି ତିଆରି ହେବ ନାହିଁ। ତେଣୁ ଖଣିଜ ରାଜସ୍ୱକୁ କେବଳ ଚଳନ୍ତି ଖର୍ଚ୍ଚରେ ବ୍ୟୟ କରିଦେବା ଦୂରଦୃଷ୍ଟିର ପରିଚୟ ନୁହେଁ। ଖଣିରୁ ମିଳୁଥିବା ଆୟର ଏକ ବଡ଼ ଅଂଶ ମାନବ ସମ୍ପଦ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ, ଗବେଷଣା, ଜଳସଂରକ୍ଷଣ, ଜଙ୍ଗଲ ପୁନରୁଦ୍ଧାର ଓ ନବୀକରଣଯୋଗ୍ୟ ଶକ୍ତିରେ ବିନିଯୋଗ ହେବା ଦରକାର। ଏହି ଦୃଷ୍ଟିରୁ ଓଡ଼ିଶାର ଭବିଷ୍ୟତ ପାଇଁ ତିନୋଟି ସମ୍ପଦ ଯଥା ଖଣିଜ, ଜଙ୍ଗଲ ଓ ଜଳକୁ ଏକାଠି ଦେଖିବାର ସମୟ ଆସିଛି। ଖଣିଜ ସମ୍ପଦ ଅର୍ଥନୈତିକ ମୂଲ୍ୟ ଦିଏ; ଜଙ୍ଗଲ ଜୀବନ, ଜୈବବିବିଧତା ଓ ଜଳବାୟୁର ସୁରକ୍ଷା କରେ; ଜଳ କୃଷି, ଶିଳ୍ପ ଓ ଜନଜୀବନର ଆଧାର। ଗୋଟିଏକୁ ଅତ୍ୟଧିକ ବ୍ୟବହାର କରି ଅନ୍ୟ ଦୁଇଟିକୁ ଦୁର୍ବଳ କରିଦେଲେ ସେହି ବିକାଶ ଦୀର୍ଘସ୍ଥାୟୀ ହେବ ନାହିଁ।

୨୦୪୭ରେ ଭାରତ ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖୁଛି। ଓଡ଼ିଶା ମଧ୍ୟ ନିଜ ଅର୍ଥନୀତିକୁ ବିଶାଳ ଆକାର ଦେବାର ଲକ୍ଷ୍ୟ ରଖିଛି। ରାଜ୍ୟର ଆର୍ଥିକ ସର୍ବେକ୍ଷଣ ମଧ୍ୟ ୨୦୪୭ ଲକ୍ଷ୍ୟ ସହ ଖଣିଜ ସମ୍ପଦର ଗୁରୁତ୍ୱକୁ ଉଲ୍ଲେଖ କରିଛି। କିନ୍ତୁ ୨୦୪୭ର ଓଡ଼ିଶାକୁ ଆମେ କେବଳ ଅଧିକ ଖଣି ଓ ଅଧିକ ଉତ୍ପାଦନର ରାଜ୍ୟ ଭାବେ ଦେଖିବାକୁ ଚାହୁଁଛୁ କି? ନା ଏମିତି ଏକ ରାଜ୍ୟ ଭାବେ ଦେଖିବାକୁ ଚାହୁଁଛୁ, ଯେଉଁଠି ଖଣିଜ ସମ୍ପଦରୁ ମିଳିଥିବା ଧନ ମାନବ ସମ୍ପଦ ଓ ପ୍ରାକୃତିକ ସମ୍ପଦକୁ ଆହୁରି ସମୃଦ୍ଧ କରିଛି? ସୁଶାସକଙ୍କ ପରୀକ୍ଷା କେବଳ ଆଜିର ରାଜସ୍ୱ କିମ୍ବା ଆଜିର ଉତ୍ପାଦନ ନୁହେଁ। ସେ ଆଜି କେତେ ନେଲେ ତାହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ—ଆଗାମୀ ପିଢ଼ି ପାଇଁ କ'ଣ ଛାଡ଼ିଗଲେ। ଯେଉଁ ବିକାଶ ବର୍ତ୍ତମାନକୁ ସମୃଦ୍ଧ କରେ, କିନ୍ତୁ ଭବିଷ୍ୟତକୁ ଦୁର୍ବଳ କରେ, ତାହା ସୁଶାସନ ନୁହେଁ। ପ୍ରକୃତ ସୁଶାସନ ହେଉଛି—ବର୍ତ୍ତମାନର ଆବଶ୍ୟକତା ପୂରଣ ସହିତ ଭବିଷ୍ୟତ ପିଢ଼ିର ଅଧିକାର, ପ୍ରାକୃତିକ ସମ୍ପଦ ଓ ସୁଯୋଗକୁ ସୁରକ୍ଷିତ ରଖିବା।

ଆଜି ଯଦି ପର୍ବତ ଖୋଳି ରାଜସ୍ୱ ବଢ଼ାଇବାକୁ ବିକାଶର ଏକମାତ୍ର ପରିମାପ କରାଯାଏ, ତେବେ ୨୦୪୭ରେ ଆମ ପିଲାମାନେ ହୁଏତ ପଚାରିବେ—"ଆମ ପୂର୍ବ ପୁରୁଷମାନେ ଆମ ପାଇଁ କ'ଣ ରଖିଗଲେ ?"

ସେହି ପ୍ରଶ୍ନର ଉତ୍ତର ଆଜିଠାରୁ ଲେଖିବାକୁ ପଡ଼ିବ। ଖଣିଜ ସମ୍ପଦର ସୁଚିନ୍ତିତ ଓ ନିୟନ୍ତ୍ରିତ ବ୍ୟବହାର ସହିତ ଜଙ୍ଗଲ ଓ ଜଳ ସମ୍ପଦର ସୁରକ୍ଷା, ଖଣି ଅଞ୍ଚଳର ପୁନରୁଦ୍ଧାର, ସ୍ଥାନୀୟ ଲୋକଙ୍କ ଜୀବିକା ଓ ମାନବ ସମ୍ପଦରେ ଖଣିଜ ରାଜସ୍ୱର ବିନିଯୋଗ—ଏହା ହିଁ ହେବା ଦରକାର ନୂଆ ବିକାଶ ଚିନ୍ତନ। ଖଣି ଖୋଳି ବିକାଶ କରିବା ସହଜ; ଖଣି ଥିବା ଅଞ୍ଚଳକୁ ଆଗାମୀ ପିଢ଼ି ପାଇଁ ଜୀବନଯୋଗ୍ୟ ରଖିବା ହିଁ ସତ୍ୟ ବିକାଶ। ଇତିହାସ ଆଗାମୀ ଦିନରେ ଆମକୁ ଏହି ମାପଦଣ୍ଡରେ ହିଁ ବିଚାର କରିବ।

# ଓଡ଼ିଶା କ୍ରିକେଟ : ୨୦୧୨ର ନେତୃତ୍ୱରୁ ୨୦୨୬ର ନିରବତା



ଇଂ ଲକି ସ୍ୱାଇଁ
ଭୁବନେଶ୍ୱର
ଦୁରଭାଷ- ୯୭୭୬୨୦୬୩୩

ପୂର୍ବାଞ୍ଚଳ ପୁଣି ଦୁଲୀପ ଟ୍ରଫି ଚାମ୍ପିଅନ୍। କିନ୍ତୁ ଚାମ୍ପିଅନ୍ ଦଳର ଚୂଡ଼ାନ୍ତ ଏକାଦଶରେ ଓଡ଼ିଶାର ଜଣେ ବି ଖେଳାଳି ନାହାନ୍ତି। ୨୦୧୨ର ନେତୃତ୍ୱରୁ ୨୦୨୬ର ଅନୁପସ୍ଥିତି—ଏହି ୧୪ ବର୍ଷର ଯାତ୍ରା କ'ଣ କହୁଛି ?

କ୍ରିକେଟରେ କିଛି ପରାଜୟ ସ୍କୋରବୋର୍ଡରେ ଦେଖାଯାଏ। ଆଉ କିଛି ପରାଜୟ ଦେଖାଯାଏ ଏକ ସମ୍ପୂର୍ଣ୍ଣ କ୍ରିକେଟ ବ୍ୟବସ୍ଥାର ଚିତ୍ରରେ। ଓଡ଼ିଶା କ୍ରିକେଟର ସାମ୍ପ୍ରତିକ ପରିସ୍ଥିତି ସେହି ଦ୍ୱିତୀୟ ପ୍ରକାରର ପ୍ରଶ୍ନକୁ ଆମ ସମ୍ମୁଖରେ ରଖିଛି।

୨୦୨୬ ଦୁଲୀପ ଟ୍ରଫିର ଫାଇନାଲରେ ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ମ୍ୟାଚ୍ ଡ୍ର ହେଲା। କିନ୍ତୁ ପ୍ରଥମ ପାଳିରେ ୩୭୨ ରନ୍‌ର ବିଶାଳ ଅଗ୍ରଣୀ ହାସଲ କରିଥିବାରୁ ପୂର୍ବାଞ୍ଚଳକୁ ବିଜେତା ଘୋଷଣା କରାଗଲା। ଏହା ସହିତ ୧୩ ବର୍ଷ ପରେ ପୂର୍ବାଞ୍ଚଳ ପୁଣି ଦୁଲୀପ ଟ୍ରଫି ଚାମ୍ପିଅନ୍ ହେଲା। ଫାଇନାଲରେ ଇଶାନ କିଶନଙ୍କ ୨୭୦ ରନ୍‌ର ବିସ୍ଫୋରକ ଇନିଂସ୍ ଓ କୁମାର କୁଶାଗ୍ରଙ୍କ ୧୦୧ ରନ୍ ସହାୟତାରେ ପୂର୍ବାଞ୍ଚଳ ପ୍ରଥମ ପାଳିରେ ୭୦୮ ରନ୍ କରିଥିଲା। ଦକ୍ଷିଣାଞ୍ଚଳ ୩୩୬ ରନ୍‌ରେ ଅଲ୍‌ଆଉଟ୍ ହେବାରୁ ପୂର୍ବାଞ୍ଚଳ ୩୭୨ ରନ୍‌ର ଅଗ୍ରଣୀ ପାଇଥିଲା। ପୂର୍ବାଞ୍ଚଳର ଏହି ବିଜୟ ନିଶ୍ଚିତ ଭାବେ ଗୌରବର ବିଷୟ। କିନ୍ତୁ ଏହି ଗୌରବର ମଧ୍ୟରେ ଓଡ଼ିଶା କ୍ରିକେଟ ପାଇଁ ଏକ ଅସ୍ୱସ୍ତିକର ପ୍ରଶ୍ନ ଲୁଚିଛି। ଚାମ୍ପିଅନ୍ ପୂର୍ବାଞ୍ଚଳର ଚୂଡ଼ାନ୍ତ ଏକାଦଶରେ ଜଣେ ମଧ୍ୟ ଓଡ଼ିଆ ଖେଳାଳି ନଥିଲେ।

**୨୦୧୨ : ଯେତେବେଳେ ଓଡ଼ିଶା ଥିଲା ପୂର୍ବାଞ୍ଚଳର ମେରୁଦଣ୍ଡ :-**

ଏହି ଚିତ୍ରକୁ ବୁଝିବା ପାଇଁ ୨୦୧୨କୁ ଫେରିବା ଦରକାର। ୨୦୧୨ରେ ପୂର୍ବାଞ୍ଚଳ ଦୁଲୀପ ଟ୍ରଫି ଜିତିଥିବା ସମୟରେ ଓଡ଼ିଶାର ନଟରାଜ ବେହେରା ଦଳର ଅଧିନାୟକ ଥିଲେ। ବିପ୍ଳବ ସାମନ୍ତରାୟ ଓ ବସନ୍ତ ମହାନ୍ତି ମଧ୍ୟ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ପୂର୍ବତନ ଓଡ଼ିଶା କ୍ରିକେଟର ଦେବାଶିଷ ମହାନ୍ତି ଥିଲେ କୋଚ୍। ସେହି ବର୍ଷ ପୂର୍ବାଞ୍ଚଳ ଟାଇଟଲ୍ ବଜାୟ ରଖିଥିବା ସମୟରେ ମଧ୍ୟ ଓଡ଼ିଶାର ଏକାଧିକ ଖେଳାଳି ଦଳର ଅଂଶ ଥିଲେ। ଅର୍ଥାତ୍, ୨୦୧୨ରେ ଓଡ଼ିଶା ପୂର୍ବାଞ୍ଚଳର କେବଳ ଜଣେ ପ୍ରତିନିଧି ନୁହେଁ; ପୂର୍ବାଞ୍ଚଳର ଶକ୍ତିର ଏକ ମୁଖ୍ୟ ସ୍ତମ୍ଭ ଥିଲା। ଆଜିର ଚିତ୍ର ତାହାର ସମ୍ପୂର୍ଣ୍ଣ ବିପରୀତ।

**୨୦୨୬ : ଚାମ୍ପିଅନ୍ ଦଳ, କିନ୍ତୁ ଓଡ଼ିଶା ବାହାରେ :-**

୨୦୨୬ ଦୁଲୀପ ଟ୍ରଫି ପାଇଁ ପୂର୍ବାଞ୍ଚଳର ୧୫ ଜଣିଆ ଦଳରେ ଓଡ଼ିଶାରୁ କେବଳ ଶୁଭ୍ରାଂଶୁ ସେନାପତି ସ୍ଥାନ ପାଇଥିଲେ। ସମ୍ବିତ ବରାଳ ଓ ସ୍ୱସ୍ତିକ ସାମଲ ଷ୍ଟାଣ୍ଡବାଇରେ ଥିଲେ। ତୁଳନା କଲେ ବଙ୍ଗରୁ ୬ ଜଣ ଓ ଝାଡ଼ଖଣ୍ଡରୁ ୫ ଜଣ ମୁଖ୍ୟ ଦଳରେ ଥିଲେ। ଫାଇନାଲରେ ଓଡ଼ିଶାର ଏକମାତ୍ର ମୁଖ୍ୟ ଦଳୀୟ ପ୍ରତିନିଧି ଶୁଭ୍ରାଂଶୁ ସେନାପତି ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇନଥିଲେ। ୨୦୧୨ରେ ଓଡ଼ିଶା ଦେଉଥିଲା ଅଧିନାୟକ। ୨୦୨୬ରେ ଓଡ଼ିଶା ଦେଇପାରିଲା ନାହିଁ ଚୂଡ଼ାନ୍ତ ଏକାଦଶର ଜଣେ ଖେଳାଳି। ଏହା କେବଳ ଗୋଟିଏ ଚୟନର ଘଟଣା ନୁହେଁ। ଏହା ଏକ ଦୀର୍ଘମିଆଦୀ ପ୍ରବୃତ୍ତିକୁ ନେଇ ପ୍ରଶ୍ନ ଉଠାଉଛି।

**ଏହା କ'ଣ ପ୍ରଶାସନିକ ବିଫଳତା ?**

ସରଳ ଭାବେ 'ହଁ' କହିଦେବା ଯେତିକି ଭୁଲ୍, 'ନା' କହି ପ୍ରଶ୍ନକୁ ଏଡ଼ାଇଯିବା ମଧ୍ୟ ସେତିକି ଭୁଲ୍। ଜଣେ ଖେଳାଳିଙ୍କ ଚୟନ ତାଙ୍କ ପ୍ରଦର୍ଶନ, ଫର୍ମ, ଫିଟନେସ୍, ଦଳର ଆବଶ୍ୟକତା ଓ ପ୍ରତିଯୋଗିତା ଉପରେ ନିର୍ଭର କରେ। କିନ୍ତୁ ଏଠାରେ ପ୍ରଶ୍ନ ଜଣେ ଖେଳାଳିଙ୍କର ନୁହେଁ। ପ୍ରଶ୍ନ ହେଉଛି- ୧୪ ବର୍ଷ ମଧ୍ୟରେ ଓଡ଼ିଶାରୁ ପୂର୍ବାଞ୍ଚଳ ସ୍ତରକୁ ଯିବା ଭଳି ଖେଳାଳିଙ୍କ ସଂଖ୍ୟା କାହିଁକି ଏତେ କମିଗଲା ? ଏହା ଏକ ପ୍ରଶାସନିକ ଆତ୍ମସମୀକ୍ଷାର ବିଷୟ ନିଶ୍ଚିତ ଭାବେ।

**ଭିଜନ ୨୦୨୪ : ଲକ୍ଷ୍ୟ ଥିଲା, ଫଳାଫଳ କେତେ ? :-**

ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର ଭିଜନ ଅ୨୦୨୪ ରେ ଜିଲ୍ଲା କ୍ରିକେଟର ବିକାଶ, ଏକାଡେମୀ, ଜୁନିୟର ଓ ସିନିୟର କ୍ରିକେଟର ବିସ୍ତାର ଭଳି ଅନେକ ଲକ୍ଷ୍ୟ ରହିଥିଲା। ତେଣୁ ଆଜିର ପ୍ରଶ୍ନ ଏହା ନୁହେଁ ଯେ ଓସିଏର ଭିଜନ୍ ଥିଲା କି ନାହିଁ। ପ୍ରଶ୍ନ ହେଉଛି- ସେହି ଭିଜନ୍‌ର ମାପଯୋଗ୍ୟ ଫଳାଫଳ କ'ଣ ? ଜିଲ୍ଲାରୁ କେତେ ପ୍ରତିଭା ରାଜ୍ୟ ଦଳକୁ ଆସିଲେ ? ରାଜ୍ୟ ଦଳରୁ କେତେ ଜଣ ପୂର୍ବାଞ୍ଚଳକୁ ଗଲେ ? କେତେ ଜଣ ଇଣ୍ଡିଆ ଇ, ଓଟଖ କିମ୍ବା ଭାରତୀୟ କ୍ରିକେଟର ଉଚ୍ଚତର ସ୍ତରକୁ ପହଞ୍ଚିଲେ? ଭିଜନ୍‌ର ସଫଳତା ଦଲିଲରେ ନୁହେଁ; ଖେଳାଳିଙ୍କ ଉନ୍ନତିରେ ଦେଖାଯାଏ।

**ପ୍ରକୃତ ଅବନତି କେଉଁଠି? :-**

ଏହାର ଉତ୍ତର କୌଣସି ଜଣେ ଅଧିକାରୀ, ଚୟନକର୍ତ୍ତା କିମ୍ବା କୋଚ୍‌ଙ୍କୁ ଦୋଷ ଦେଇ ମିଳିବ ନାହିଁ। ଓଡ଼ିଶା କ୍ରିକେଟକୁ ଏକ ସମ୍ପୂର୍ଣ୍ଣ "ଖେଳାଳୀ ଡେଭେଲପମେଣ୍ଟ ଅଡିଟ" ଆବଶ୍ୟକ।

**ତୃଣମୂଳ କ୍ରିକେଟର ମାନ କେତେ?**

ଜିଲ୍ଲାସ୍ତରରେ ଗୁଣାତ୍ମକ ଟର୍ଫ୍ ୱିକେଟ୍ କେତେଗୋଟି ଅଛି ନା କେବଳ ପ୍ରାକଟିସ ପାଇଁ ରହିଛି ଓ ପ୍ରଶିକ୍ଷଣ ପ୍ରତିଦିନ ହେଉଛି ନା କେଉଁ ବ୍ୟକ୍ତିଗତ ଏକାଡେମି ତତ୍ତ୍ୱାବଧାନରେ ଚାଲିଛି ? ପ୍ରତ୍ୟେକ ଜିଲ୍ଲାରେ କେତେଗୋଟି ସମ୍ପୂର୍ଣ୍ଣ ଟର୍ଫ ପିଚ ସହ ଖେଳପଡ଼ିଆ ଅଛି, ନା ଜିଲ୍ଲା କ୍ରିକେଟ ସଙ୍ଘ କେବଳ କାଗଜ ପତ୍ରରେ ସୀମିତ? ଯୁବ ଖେଳାଳିମାନେ ପର୍ଯ୍ୟାପ୍ତ ରେଡ୍-ବଲ୍ କ୍ରିକେଟ ପାଉଛନ୍ତି କି ? U-16 ରୁ U-19, U-23 ଓ ସିନିୟର ସ୍ତରକୁ ଯିବାରେ କେତେ ଖେଳାଳି ହଜିଯାଉଛନ୍ତି ? କୋଚିଂ ବ୍ୟବସ୍ଥାର ମୂଲ୍ୟାୟନ ଖେଳାଳିଙ୍କ ବିକାଶ ଆଧାରରେ ହେଉଛି କି ? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ - ବଙ୍ଗ ଓ ଝାଡ଼ଖଣ୍ଡ ପୂର୍ବାଞ୍ଚଳକୁ ଏତେ ଅଧିକ ଖେଳାଳି ଦେଉଥିବାବେଳେ ଓଡ଼ିଶା କାହିଁକି ପଛକୁ ଯାଉଛି ?

**ଓଡ଼ିଶା T-20 ଲିଗ୍ : ଖେଳାଳିଙ୍କ ପାଇଁ ଏହାର ପ୍ରକୃତ ଲାଭ କ'ଣ ? :-**

୨୦ ଲିଗ୍ ନିଶ୍ଚିତ ଭାବେ ଏକ ବଡ଼ ମଞ୍ଚ ହୋଇପାରେ। କିନ୍ତୁ ଏହାର ସଫଳତା କେବଳ ମନୋରଞ୍ଜନ, ଦର୍ଶକ, ପ୍ରସାରଣ କିମ୍ବା ବାଣିଜ୍ୟିକ ମୂଲ୍ୟରେ ମାପାଯିବା ଉଚିତ୍ ନୁହେଁ। ପ୍ରଶ୍ନ ହେବା ଉଚିତ୍— ଏହି ଲିଗରୁ କେତେ ଖେଳାଳି ରଣଜୀ ଟ୍ରଫିକୁ

ଅବଶିଷ୍ଟାଂଶ......ପୃଷ୍ଠା-୧୨

# ତିଳକ ଲଗାଇବା ସମୟରେ ମୁଣ୍ଡ ଉପରେ ହାତ ରଖିବା : ଆଧ୍ୟାତ୍ମିକ ଓ ବୈଜ୍ଞାନିକ ଦିଗ

ହିନ୍ଦୁ ଧର୍ମ ଓ ସନାତନ ପରମ୍ପରାରେ ତିଳକ କେବଳ ଏକ ଚିହ୍ନ ନୁହେଁ—ଏହା ଶରୀର, ମନ ଓ ଆତ୍ମା ମଧ୍ୟରେ ଶକ୍ତିର ସନ୍ତୁଳନ ସ୍ଥାପନ କରିବାର ଏକ ଗଭୀର ପ୍ରକ୍ରିୟା। ବିଶେଷକରି ଯେତେବେଳେ କୌଣସି ବ୍ୟକ୍ତି ଆପଣଙ୍କ କପାଳରେ ତିଳକଲଗାନ୍ତି, ସେତେବେଳେ ଆପଣ ନିଜେ ମୁଣ୍ଡ ଉପରେ କିମ୍ବା ମୁଣ୍ଡ ପଛରେ ହାତ ରଖିଥାନ୍ତି। ଏହି ସାଧାରଣ ଦେଖାଯାଉଥିବା କ୍ରିୟା ପଛରେ ଅଛି ଗଭୀର ଆଧ୍ୟାତ୍ମିକ ତତ୍ତ୍ୱ ଏବଂ ପାରମ୍ପାରିକ ବୈଜ୍ଞାନିକ ବ୍ୟାଖ୍ୟା। ଆଧ୍ୟାତ୍ମିକ ମହତ୍ତ୍ୱ: ଆଜ୍ଞା ଚକ୍ର (ତୃତୀୟ ନେତ୍ରର ସ୍ଥାନ) ଓ ସହସ୍ରାର ଚକ୍ରର ସମନ୍ୱୟ । ତିଳକସାଧାରଣତଃ ଦୁଇ ଭ୍ରୂ ମଧ୍ୟରେ ଲଗାଯାଏ। ଯୋଗ ଓ ତନ୍ତ୍ର ଶାସ୍ତ୍ର ଅନୁଯାୟୀ, ଏହି ସ୍ଥାନକୁ ଆଜ୍ଞା ଚକ୍ର କୁହାଯାଏ, ଯାହାକୁ "ତୃତୀୟ ନେତ୍ର" ବା "ଅନ୍ତର୍ଦୃଷ୍ଟିର କେନ୍ଦ୍ର" ବୋଲି ମଧ୍ୟ ବର୍ଣ୍ଣନା କରାଯାଇଛି।

ଆଜ୍ଞା ଚକ୍ର ହେଉଛି ସପ୍ତ ଚକ୍ର ମଧ୍ୟରୁ ଷଷ୍ଠ ଚକ୍ର। ଏହା ବୁଦ୍ଧି, ସ୍ମୃତି, ଏକାଗ୍ରତା, ଅନ୍ତର୍ଦୃଷ୍ଟି ଏବଂ ଆଧ୍ୟାତ୍ମିକ ଚେତନାର ସ୍ଥାନ। ଏହି ସ୍ଥାନରେ ତିଳକଲଗାଇଲେ ମନ ଭୌତିକ ବିଚଳନରୁ ଦୂର ହୋଇ ଆଭ୍ୟନ୍ତରୀଣ ଚେତନା ପ୍ରତି ଧ୍ୟାନ କେନ୍ଦ୍ରିତ କରେ। ସହସ୍ରାର ଚକ୍ର – ମୁଣ୍ଡର ଶୀର୍ଷରେ ଶକ୍ତିର କେନ୍ଦ୍ର। ମୁଣ୍ଡର ଶୀର୍ଷଭାଗରେ ଥିବା ସହସ୍ରାର ଚକ୍ର କୁ ହଜାର ପାଖୁଡ଼ା ବିଶିଷ୍ଟ ପଦ୍ମ ବୋଲି କଳ୍ପନା କରାଯାଏ। ଏହା ସର୍ବୋଚ୍ଚ ଚୈତନ୍ୟ, ଦିବ୍ୟ ଶକ୍ତି ଏବଂ ଆତ୍ମ-ସାକ୍ଷାତ୍କାରର ପ୍ରତୀକ। ହାତ ରଖିବାର ଆଧ୍ୟାତ୍ମିକ କାରଣ : ଯେତେବେଳେ କପାଳରେ ତିଳକଲଗାଯାଏ, ସେତେବେଳେ ମୁଣ୍ଡ ଉପରେ ହାତ ରଖିବା ଦ୍ୱାରା; ଶକ୍ତିର ପ୍ରବାହ ସୁରକ୍ଷିତ ରହେ; ଆଜ୍ଞା ଚକ୍ରରୁ ଉତ୍ପନ୍ନ ହେଉଥିବା ଶକ୍ତି ସହସ୍ରାର ଚକ୍ର ଆଡ଼କୁ ଗତି କରେ। ହାତ ରଖିଲେ ଏହି ଶକ୍ତି ବାହାରକୁ ବିକ୍ଷିପ୍ତ ହୁଏ ନାହିଁ, ବରଂ ଶରୀର ଭିତରେ ସନ୍ତୁଳିତ ରହେ। ଏକ ଶକ୍ତି-ସର୍କିଟ୍ ସୃଷ୍ଟି ହୁଏ: ତିଳକଓ ହାତ ମିଶି ଏକ ପ୍ରକାରର ଶକ୍ତି-ପରିପଥ ଗଠନ କରେ, ଯାହା ଶରୀରରେ ସକାରାତ୍ମକ ଶକ୍ତିକୁ ସ୍ଥିର ରଖେ ଏବଂ ଆଶୀର୍ବାଦ ଗ୍ରହଣ କରିବାର କ୍ଷମତା ବୃଦ୍ଧି କରେ।

- ମାନସିକ ସ୍ଥିରତା ଓ ଏକାଗ୍ରତା: ଏହି ମୁଦ୍ରା ମନକୁ ଶାନ୍ତ କରେ, ଧ୍ୟାନକୁ ଗଭୀର କରେ ଏବଂ ପୂଜା-ଅର୍ଚ୍ଚନାକୁ ଅଧିକ ଫଳପ୍ରଦ କରେ।

ବୈଜ୍ଞାନିକ ଦିଗ (ପାରମ୍ପାରିକ ବ୍ୟାଖ୍ୟା) : ଏଠାରେ "ବୈଜ୍ଞାନିକ" ଶବ୍ଦଟି ଆଧୁନିକ ଗବେଷଣା-ପ୍ରମାଣିତ ତଥ୍ୟ ନୁହେଁ, ବରଂ ଆୟୁର୍ବେଦ, ଯୋଗ ଓ ପାରମ୍ପାରିକ ଜ୍ଞାନ ଉପରେ ଆଧାରିତ ବ୍ୟାଖ୍ୟା। ଆଜ୍ଞା ଚକ୍ରର ନିକଟରେ ପିଟ୍ୟୁଟେରି ଓ ପିନିଆଲ୍ ଗ୍ରନ୍ଥି ଅବସ୍ଥିତ। ତିଳକଲଗାଇବା ଓ ହାତ ରଖିବା ଦ୍ୱାରା ଏହି ଗ୍ରନ୍ଥିଗୁଡ଼ିକ ଉପରେ ହାଲୁକା ଚାପ ପଡ଼େ, ଯାହା ମାନସିକ ସ୍ଥିରତା,



ଶାନ୍ତି ଏବଂ ସକାରାତ୍ମକତା ବୃଦ୍ଧି କରିବାରେ ସହାୟକ ବୋଲି ବିଶ୍ୱାସ କରାଯାଏ। ରକ୍ତ ସଞ୍ଚାଳନ ଓ ଶକ୍ତି ସନ୍ତୁଳନ- ମୁଣ୍ଡ ଉପରେ ହାତ ରଖିଲେ ମସ୍ତିଷ୍କ ଆଡ଼କୁ ରକ୍ତ ସଞ୍ଚାଳନ ଉନ୍ନତ ହୁଏ ବୋଲି କେତେକ ପାରମ୍ପାରିକ ବ୍ୟାଖ୍ୟାରେ ଉଲ୍ଲେଖ ଅଛି। ଏହା ମସ୍ତିଷ୍କକୁ ଅମ୍ଳଜାନ ଓ ପୋଷକ ତତ୍ତ୍ୱ ଯୋଗାଇ ମାନସିକ ସ୍ୱଚ୍ଛତା ବୃଦ୍ଧି କରେ। ଏହି ମୁଦ୍ରା ଶରୀରର ଶକ୍ତି ପ୍ରବାହକୁ ସନ୍ତୁଳିତ ରଖେ, ଯାହାଦ୍ୱାରା ମନ ଶାନ୍ତ ରହେ ଓ ଏକାଗ୍ରତା ବୃଦ୍ଧି ପାଏ। ମାନସିକ ଶାନ୍ତି ଓ ଧ୍ୟାନ- ମୁଣ୍ଡ ଉପରେ ହାତ ରଖିବା ଏକ ପ୍ରକାରର ସୁରକ୍ଷା କବଚ ସୃଷ୍ଟି କରେ, ଯାହା ବାହ୍ୟ ବିଚଳନରୁ ମନକୁ ରକ୍ଷା କରେ। ଏହା ଧ୍ୟାନ ଓ ପ୍ରାର୍ଥନା ସମୟରେ ବିଶେଷ ଉପଯୋଗୀ।

ଧାର୍ମିକ ଓ ସାଂସ୍କୃତିକ ପ୍ରସଙ୍ଗ : ହିନ୍ଦୁ ଧର୍ମରେ "ଖାଲିମଥା" (ତିଳକବିହୀନ ମଥା)କୁ ଅଶୁଭ ବୋଲି ମାନାଯାଏ। ତିଳକଲଗାଇଲେ ପୂଜା, ଉତ୍ସବ ଓ ଶୁଭ କାର୍ଯ୍ୟ ସମ୍ପୂର୍ଣ୍ଣ ଓ ଫଳପ୍ରଦ ହୁଏ। ଏହା ଶୁଭତାର ପ୍ରତୀକ। ଗୁରୁ, ବଡ଼ ବା ପୁରୋହିତଙ୍କଠାରୁ ତିଳକନେବା ସମୟରେ ହାତ ରଖିଲେ ଆଶୀର୍ବାଦ ଅଧିକ ଗ୍ରହଣୀୟ ହୁଏ ବୋଲି ବିଶ୍ୱାସ। ଏହି ମୁଦ୍ରା ବିନୟ, ସମ୍ମାନ ଓ ଆଧ୍ୟାତ୍ମିକ ଗ୍ରହଣଶୀଳତାର ପ୍ରତୀକ।

କିପରି ଲଗାଯିବା ଉଚିତ୍?

- ତିଳକଦୁଇ ଭ୍ରୂ ମଧ୍ୟରେ ସମାନ ଭାବରେ ଲଗାଯିବା ଉଚିତ୍।
- ତିଳକଲଗାଉଥିବା ବ୍ୟକ୍ତି ଯଦି ଗୁରୁ ବା ବଡ଼ ହୁଅନ୍ତି, ତେବେ ତିଳକନେଉଥିବା ବ୍ୟକ୍ତି ନିଜେ ମୁଣ୍ଡ ଉପରେ ହାତ ରଖିବା ଉଚିତ୍।
- ହାତଟି ସହସ୍ରାର ଚକ୍ର (ମୁଣ୍ଡର ଶୀର୍ଷ) ଉପରେ ରଖିବା ଉଚିତ୍, ଯାହାଦ୍ୱାରା ଶକ୍ତି ପ୍ରବାହ ସୁରକ୍ଷିତ ରହେ।

ତିଳକଲଗାଇବା ସମୟରେ ମୁଣ୍ଡ ଉପରେ ହାତ ରଖିବା କେବଳ ଏକ ପରମ୍ପରା ନୁହେଁ—ଏହା ଆଜ୍ଞା ଚକ୍ର ଓ ସହସ୍ରାର ଚକ୍ର ମଧ୍ୟରେ ଶକ୍ତିର ସନ୍ତୁଳନ ସ୍ଥାପନ କରିବା, ମାନସିକ ସ୍ଥିରତା ବୃଦ୍ଧି କରିବା ଏବଂ ଆଶୀର୍ବାଦକୁ ଅଧିକ ଗ୍ରହଣୀୟ କରିବାର ଏକ ଗଭୀର ପ୍ରକ୍ରିୟା। ଆଜ୍ଞା ଚକ୍ରରୁ ସହସ୍ରାର ଚକ୍ର ପର୍ଯ୍ୟନ୍ତ ଶକ୍ତି ପ୍ରବାହକୁ ସୁରକ୍ଷିତ ରଖେ। ସ୍ନାୟୁ, ଗ୍ରନ୍ଥି ଓ ରକ୍ତ ସଞ୍ଚାଳନ ଉପରେ ସକାରାତ୍ମକ ପ୍ରଭାବ ପକାଇ ମାନସିକ ଶାନ୍ତି ଓ ଏକାଗ୍ରତା ବୃଦ୍ଧି କରେ। ଏହା ଶୁଭତା, ଆଶୀର୍ବାଦ ଓ ସମ୍ମାନର ପ୍ରତୀକ।

ଏହି ସରଳ କିନ୍ତୁ ଗଭୀର ଅର୍ଥପୂର୍ଣ୍ଣ ପରମ୍ପରା ଆମକୁ ମନେ କରାଇ ଦିଏ ଯେ ଧର୍ମ କେବଳ ଅନ୍ଧବିଶ୍ୱାସ ନୁହେଁ, ବରଂ ଏଥିରେ ମାନବ ଶରୀର, ମନ ଓ ଆତ୍ମାର ବିଜ୍ଞାନ ମଧ୍ୟ ନିହିତ ଅଛି।



ଅଭିଷେକ ଯୋଶୀ
ମୁଖ୍ୟ, ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା






ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)


## ପଶ୍ଚିମ ଓଡ଼ିଶାର ଅନନ୍ୟ ଗଣପର୍ବ 'ନୂଆଖାଇ'

# ନୂଆଖାଇ ଜୁହାର





ପଶ୍ଚିମ ଓଡ଼ିଶାର ପ୍ରାଣଧନ ତଥା ଅନନ୍ୟ ଗଣପର୍ବ 'ନୂଆଖାଇ' ଆମ ସଂସ୍କୃତିର ଏକ ଗୌରବମୟ ଅଧ୍ୟାୟ। ଏହା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ମାଟି, ମାତୃଭୂମି ଏବଂ ଚାଷୀକୁଳ ସହ ଜଡ଼ିତ ଏକ ଆଧ୍ୟାତ୍ମିକ ଓ ସାମାଜିକ ଗଣପର୍ବ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ, ଅର୍ଥାତ୍ ଗଣେଶ ଚତୁର୍ଥୀର ଠିକ୍ ପରଦିନ ସମଗ୍ର ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏହି କୃଷିଭିତ୍ତିକ ପର୍ବ ଅତ୍ୟନ୍ତ ହର୍ଷୋଲ୍ଲାସର ସହ ପାଳିତ ହୋଇଥାଏ।

### ଇଷ୍ଟଦେବୀଙ୍କଠାରେ ନବାନ୍ନ ଲାଗି

ନୂଆଖାଇର ମୁଖ୍ୟ ଆକର୍ଷଣ ହେଉଛି ନୂଆ ଧାନରୁ ପ୍ରସ୍ତୁତ 'ନବାନ୍ନ' ଭୋଗ। ଚଳିତ ବର୍ଷ ମଧ୍ୟ ଜ୍ୟୋତିଷମାନଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଶୁଭଲଗ୍ନ ଅନୁସାରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ, ମା' ପାଟଣେଶ୍ୱରୀ, ମା' ସୁରେଶ୍ୱରୀଙ୍କ ପୀଠରେ ପ୍ରଥମେ ନୂଆ ଧାନର କ୍ଷୀରି ଓ ଭୋଗ ଅର୍ପଣ କରାଯିବ। ମାଆଙ୍କଠାରେ ପ୍ରସାଦ ଲାଗି ହେବା ପରେ ପରିବାରର ସମସ୍ତ ସଦସ୍ୟ ଏକାଠି ବସି ଏହି ପବିତ୍ର ପ୍ରସାଦ ସେବନ କରିବାର ପରମ୍ପରା ରହିଛି।

### ସାମାଜିକ ସଦ୍ଭାବନା ଓ 'ନୂଆଖାଇ ଜୁହାର'

ନୂଆଖାଇ ପର୍ବର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି 'ନୂଆଖାଇ ଜୁହାର'। ନବାନ୍ନ ଭକ୍ଷଣ ପରେ ଘରର ଏବଂ ସମାଜର ସମସ୍ତ ଛୋଟ ପିଲା ଓ ଯୁବକମାନେ ବୟୋଜ୍ୟେଷ୍ଠମାନଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥାନ୍ତି। ଏହି ଅବସରରେ ପୁରୁଣା ସବୁ ରାଗ, ରୁଷା, ଅଭିମାନ ଓ ମନୋମାଳିନ୍ୟକୁ ଭୁଲି ଲୋକେ ପରସ୍ପରକୁ ଆଲିଙ୍ଗନ କରନ୍ତି। ଦୂରଦୂରାନ୍ତରେ ଥିବା ପରିବାରର ସଦସ୍ୟମାନେ ଏହି ଦିନ ନିଜ ଭିଟାମାଟିକୁ ଫେରିଆସନ୍ତି, ଯାହା ପରିବାର ମଧ୍ୟରେ ସ୍ନେହ ଓ ଏକତାର ବନ୍ଧନକୁ ଅଧିକ ଦୃଢ଼ କରିଥାଏ।

### ପାରମ୍ପରିକ ଖାଦ୍ୟ ଓ ସାଂସ୍କୃତିକ ଝଲକ

ଏହି ଦିନ ଘରେ ଘରେ ସୁଆଦିଆ ପିଠାପଣା, ବିଶେଷ କରି ମୁଗ ପିଠା, ଆରିସା ପିଠା ଏବଂ ବିଭିନ୍ନ ପରିବା ମିଶ୍ରିତ ପାରମ୍ପରିକ 'କୁଟୁଣ୍ଡ' (ଘାଣ୍ଟ ତରକାରୀ) ପ୍ରସ୍ତୁତ କରାଯାଏ। ସନ୍ଧ୍ୟା ହେଲେ ପଶ୍ଚିମ ଓଡ଼ିଶାର ପୁରପଲ୍ଲୀ ସମ୍ବଲପୁରୀ ନୃତ୍ୟ, ଡାଲଖାଇ, ରସରକେଲୀ ଓ ମାଦଳର ତାଳେ ତାଳେ କମ୍ପିଉଠେ। କି ସହର କି ଗାଁ, ସବୁଠି କେବଳ ସାଂସ୍କୃତିକ ମାହୋଲ ଦେଖିବାକୁ ମିଳେ। ମୋଟାମୋଟି ଭାବେ କହିଲେ, ନୂଆଖାଇ ହେଉଛି ଆମ ଶ୍ରମଜୀବୀ ମଣିଷ ଓ କୃଷକର ମହାନତାକୁ ସମ୍ମାନ ଜଣାଇବାର ଏକ ଅନନ୍ୟ ମାଧ୍ୟମ, ଯାହା ସମାଜରେ ସମାନତା ଓ ଭାଇଚାରାର ବାର୍ତ୍ତା ପ୍ରସାରିତ କରେ।

### ବୈଦିକ ଯୁଗରୁ ଚୌହାନ ବଂଶ : 'ନୂଆଖାଇ' ପର୍ବର ଗୌରବମୟ ଇତିହାସ

ପଶ୍ଚିମ ଓଡ଼ିଶାର ପ୍ରାଣଧନ କୁହାଯାଉଥିବା କୃଷିଭିତ୍ତିକ ଗଣପର୍ବ 'ନୂଆଖାଇ'ର ପରମ୍ପରା ଯେତିକି ନିଆରା, ଏହାର ଇତିହାସ ମଧ୍ୟ ସେତିକି ସମୃଦ୍ଧ ଓ ପ୍ରାଚୀନ। କେବେଠାରୁ ଏହି ପର୍ବ ଆରମ୍ଭ ହେଲା, ସେ ନେଇ କୌଣସି ନିର୍ଦ୍ଦିଷ୍ଟ ଲିଖିତ ତାରିଖ ନଥିଲେ ମଧ୍ୟ ଗବେଷକ ଓ ଇତିହାସକାରଙ୍କ ମତରେ ଏହାର ଚେର ବୈଦିକ ଯୁଗ ସହିତ ଜଡ଼ିତ। ପ୍ରକୃତି ପ୍ରତି କୃତଜ୍ଞତା ଜ୍ଞାପନ କରିବାର ଏହି ମହାନ ପରମ୍ପରା ସୁଦୀର୍ଘ ବର୍ଷ ଧରି ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି।

### ବୈଦିକ ଯୁଗର 'ପ୍ରଲମ୍ବନ ଯଜ୍ଞ'ରୁ ସୂତ୍ରପାତ

ଐତିହାସିକ ତଥ୍ୟ ଅନୁସାରେ, ବୈଦିକ କାଳରେ କୃଷି ସମାଜରେ ପାଞ୍ଚଟି ମୁଖ୍ୟ ଯଜ୍ଞ ବା କୃଷିଭିତ୍ତିକ କାର୍ଯ୍ୟ କରାଯାଉଥିଲା। ସେଗୁଡ଼ିକ ମଧ୍ୟରୁ ତୃତୀୟ ଯଜ୍ଞ ଥିଲା 'ପ୍ରଲମ୍ବନ ଯଜ୍ଞ', ଯାହାର ଅର୍ଥ ହେଉଛି କ୍ଷେତରୁ ଆସିଥିବା ପ୍ରଥମ ଶସ୍ୟ ବା ଫସଲକୁ ନିଜର ଆରାଧ୍ୟ ଦେବଦେବୀଙ୍କୁ ସମର୍ପଣ କରିବା। ଏହି ବୈଦିକ ପ୍ରଥାରୁ ହିଁ କାଳକ୍ରମେ 'ନବାନ୍ନ ଭକ୍ଷଣ' ବା 'ନୂଆଖାଇ'ର ସୃଷ୍ଟି ହୋଇଛି ବୋଲି ବିଶ୍ୱାସ କରାଯାଏ। ଏହା ବ୍ୟତୀତ ପ୍ରକୃତି ପୂଜକ ଆଦିବାସୀ ସଂସ୍କୃତିରେ ମଧ୍ୟ ପ୍ରଥମ ଫସଲକୁ ଗ୍ରାମଦେବତୀଙ୍କୁ ନ ଚଢ଼ାଇ ନିଜେ ଗ୍ରହଣ ନ କରିବାର ଯେଉଁ ପରମ୍ପରା ଥିଲା, ତାହା ନୂଆଖାଇକୁ ଅଧିକ ସମୃଦ୍ଧ କରିଛି।

- ମା' ସମଲେଇଙ୍କ ନବାନ୍ନଠାରୁ ବିଦେଶ ମାଟିର ଜୁହାର ଭେଟ
- ୧୨ଶ ଶତାବ୍ଦୀର ରାଜକୀୟ ପରମ୍ପରାରୁ ଆରମ୍ଭ
- ରାଜା ରମାଇ ଦେଓଙ୍କ ଶାସନ କାଳରୁ ଲଣ୍ଡନ-ଦୁବାଇର 'ଭେଟଘାଟ'
- ଐତିହ୍ୟରୁ ଆନ୍ତର୍ଜାତୀୟ 'ନୂଆଖାଇ'ର ସୁଦୀର୍ଘ ଯାତ୍ରା

### ଚୌହାନ ରାଜା ରମାଇ ଦେଓଙ୍କ ରାଜକୀୟ ସ୍ୱୀକୃତି

ଖ୍ରୀଷ୍ଟାବ୍ଦ ୧୨ଶ ଶତାବ୍ଦୀରେ ପାଟଣାଗଡ଼ (ବର୍ତ୍ତମାନର ବଲାଙ୍ଗୀର ଜିଲ୍ଲା)ର ପ୍ରଥମ ଚୌହାନ ରାଜା ରମାଇ ଦେଓଙ୍କ ଶାସନ କାଳରେ ଏହି ପର୍ବକୁ ଏକ ବ୍ୟାପକ ସାମାଜିକ ଓ ସାଂସ୍କୃତିକ ରୂପ ମିଳିଥିଲା। ରାଜା ରମାଇ ଦେଓ ନିଜ ସାମ୍ରାଜ୍ୟରେ କୃଷିର ଉନ୍ନତି ଏବଂ ପ୍ରଜାମାନଙ୍କ ମଧ୍ୟରେ ଏକତା ବୃଦ୍ଧି କରିବା ପାଇଁ ଏହି ପର୍ବକୁ ସରକାରୀ ବା ରାଜକୀୟ ସ୍ୱୀକୃତି ଦେଇଥିଲେ। ସେବେଠାରୁ ରାଜପରିବାର ଏବଂ ସାଧାରଣ ଜନତା ଏକାଠି ମିଶି ନିଜ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀଙ୍କ ପାଖରେ ଶୁଭଲଗ୍ନରେ ନବାନ୍ନ ଲାଗି କରିବା ଆରମ୍ଭ କଲେ।

### ଏକତା ସୂତ୍ରରେ ବାନ୍ଧିଲା ଆଧୁନିକ ସଂସ୍କାର

ପୂର୍ବରୁ ପଶ୍ଚିମ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ସ୍ଥାନୀୟ ରାଜା କିମ୍ବା ଜ୍ୟୋତିଷଙ୍କ ଗଣନା ଅନୁସାରେ ଅଲଗା ଅଲଗା ଦିନରେ ନୂଆଖାଇ ପାଳନ ହେଉଥିଲା। କିନ୍ତୁ ସାଂସ୍କୃତିକ ସମାନତା ଓ ଭାଇଚାରାକୁ ଆହୁରି ଦୃଢ଼ କରିବା ପାଇଁ ୧୯୯୦ ଦଶକରେ ଏକ ଐତିହାସିକ ସଂସ୍କାର ଅଣାଗଲା। ସର୍ବସମ୍ମତି କ୍ରମେ ସ୍ଥିର କରାଗଲା ଯେ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ (ଗଣେଶ ଚତୁର୍ଥୀର ପରଦିନ) ସମଗ୍ର ପଶ୍ଚିମ ଓଡ଼ିଶାରେ ଏକା ସାଙ୍ଗରେ ନୂଆଖାଇ ପାଳିତ ହେବ।

ଶତାବ୍ଦୀ ଶତାବ୍ଦୀ ଧରି ଚାଲିଆସିଥିବା ଏହି ମହାନ ପର୍ବ ଆଜି ମଧ୍ୟ ଆମକୁ ନିଜର ମୂଳ ସଂସ୍କୃତି, ମାଟି ଏବଂ ପରମ୍ପରା ସହ ଯୋଡ଼ି ରଖିବାରେ ସଫଳ ହୋଇଛି।

### ସାତସମୁଦ୍ର ପାରିରେ ପଶ୍ଚିମ ଓଡ଼ିଶାର 'ନୂଆଖାଇ'

ପଶ୍ଚିମ ଓଡ଼ିଶାର ଗୌରବମୟ କୃଷିଭିତ୍ତିକ ଗଣପର୍ବ 'ନୂଆଖାଇ' ଆଉ କେବଳ ଗୋଟିଏ ଅଞ୍ଚଳ କିମ୍ବା ରାଜ୍ୟ ମଧ୍ୟରେ ସୀମିତ ହୋଇ ରହିନାହିଁ. ଆଜି ଏହି ପର୍ବ ସୀମାର ପ୍ରାଚୀର ଡେଇଁ ବିଦେଶ ମାଟିରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି. ଓଡ଼ିଶାର ସମ୍ବଲପୁର, ବଲାଙ୍ଗୀର, ବରଗଡ଼ ଓ କଳାହାଣ୍ଡି ଭଳି ଜିଲ୍ଲାର ପାରମ୍ପରିକ ଗାଁ ଗହଳିରୁ ଆରମ୍ଭ ହୋଇଥିବା ଏହି ପବିତ୍ର ଅନୁଷ୍ଠାନ ଆଜି ଲଣ୍ଡନଠାରୁ ଆରମ୍ଭ କରି ଦୁବାଇ ଓ ଆମେରିକା ପର୍ଯ୍ୟନ୍ତ ବିଶ୍ୱର ପ୍ରମୁଖ ସହରଗୁଡ଼ିକୁ କମ୍ପାଉଛି।

### ବିଦେଶ ମାଟିରେ 'ନୂଆଖାଇ ଭେଟଘାଟ'

ଜୀବିକା ଓ ଶିକ୍ଷା ସୂତ୍ରରେ ସାରା ବିଶ୍ୱରେ ବିଛେଇ ହୋଇ ରହିଥିବା ପ୍ରବାସୀ ଓଡ଼ିଆମାନେ ନିଜର ମୂଳ ସଂସ୍କୃତିକୁ ବିଦେଶରେ ଉଜ୍ଜୀବିତ ରଖିଛନ୍ତି. ପ୍ରତିବର୍ଷ ଯୁକ୍ତରାଜ୍ୟ, ଆମେରିକା, ସଂଯୁକ୍ତ ଆରବ ଏମିରେଟ୍ସ, ଅଷ୍ଟ୍ରେଲିଆ ଏବଂ କାନାଡ଼ା ଭଳି ଦେଶରେ ଥିବା ଓଡ଼ିଆ ସଙ୍ଗଠନଗୁଡ଼ିକ ପକ୍ଷରୁ 'ନୂଆଖାଇ ଭେଟଘାଟ' ଅତ୍ୟନ୍ତ ଜାକଜମକରେ ଆୟୋଜନ କରାଯାଉଛି. ସେଠାରେ ପ୍ରବାସୀମାନେ ଏକାଠି ହୋଇ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିବା ସହ ଧାର୍ଯ୍ୟ ଶୁଭଲଗ୍ନରେ ନବାନ୍ନ ପ୍ରସାଦ ସେବନ କରୁଛନ୍ତି. ବିଦେଶରେ ବସି ମଧ୍ୟ ବୟସ୍କମାନଙ୍କୁ 'ନୂଆଖାଇ ଜୁହାର' ଜଣାଇ ଆଶୀର୍ବାଦ ନେବାର ଦୃଶ୍ୟ ବେଶ୍ ଭାବପୂର୍ଣ୍ଣ ମାହୋଲ ସୃଷ୍ଟି କରୁଛି।

### ସମ୍ବଲପୁରୀ ପୋଷାକ ଓ ଡାଲଖାଇର ତାଳ

ବିଦେଶରେ ଅନୁଷ୍ଠିତ ହେଉଥିବା ଏହି ଉତ୍ସବଗୁଡ଼ିକରେ କେବଳ ଓଡ଼ିଆ ନୁହଁନ୍ତି, ବରଂ ବିଦେଶୀ ନାଗରିକମାନେ ମଧ୍ୟ ସାମିଲ ହେଉଛନ୍ତି. ପୁରୁଷ ଓ ମହିଳାମାନେ ସୁନ୍ଦର ସମ୍ବଲପୁରୀ ଶାଢ଼ୀ ଏବଂ କୁର୍ତ୍ତା ପରିଧାନ କରି ପାରମ୍ପରିକ ନୃତ୍ୟ ଗୀତର ଆସର ଜମାଉଛନ୍ତି. ବିଦେଶୀ ମାଟିରେ ମାଦଳ, ଢୋଲ ଓ ମହୁରୀର ତାଳେ ତାଳେ 'ଡାଲଖାଇ' ଓ 'ରସରକେଲୀ' ନୃତ୍ୟର ପ୍ରଦର୍ଶନ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ବୈଭବକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରୁଛି. ଏହାସହିତ ଆରିସା ପିଠା, ମୁଗପିଠା ଏବଂ ପାରମ୍ପରିକ ଓଡ଼ିଆ ଖାଦ୍ୟର ମହକ ବିଦେଶୀ ଅତିଥିମାନଙ୍କୁ ମଧ୍ୟ ଆପ୍ୟାୟିତ କରୁଛି।

### ଦେଶର ବିଭିନ୍ନ ମେଟ୍ରୋ ସହରରେ ମଧ୍ୟ ଉତ୍ସବ

ଓଡ଼ିଶା ବାହାରେ ଭାରତର ଅନ୍ୟାନ୍ୟ ପ୍ରମୁଖ ସହର ଯେପରିକି ନୂଆଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ହାଇଦ୍ରାବାଦ ଏବଂ ଚେନ୍ନାଇରେ ମଧ୍ୟ ପଶ୍ଚିମ ଓଡ଼ିଶାର ପ୍ରବାସୀମାନେ ବହୁ ସଂଖ୍ୟାରେ ଏକାଠି ହୋଇ ଏହି ପର୍ବକୁ ପାଳନ କରୁଛନ୍ତି. ଏହାଛଡ଼ା ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଓ ଝାଡ଼ଖଣ୍ଡର କେତେକ ଅଞ୍ଚଳରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳେ।

ଏହିପରି ଭାବେ, ନୂଆଖାଇ ଆଜି କେବଳ ଏକ ଆଞ୍ଚଳିକ କୃଷିଭିତ୍ତିକ ପର୍ବ ହୋଇ ରହିନାହିଁ, ବରଂ ଏହା ବିଶ୍ୱବ୍ୟାପୀ ଓଡ଼ିଆ ସମାଜକୁ ଏକତା ଓ ସଦଭାବନାର ସୂତ୍ରରେ ବାନ୍ଧି ରଖୁଥିବା ଏକ 'ଗ୍ଲୋବାଲ୍ ବ୍ରାଣ୍ଡ' ପାଲଟିଛି।



## ଓଡ଼ିଶା ସମେତ ସାରା ଦେଶରେ ନିଆରା ପରମ୍ପରା

### ପୂଜା ପାଇବେ

# ଭଗବାନ ବିଶ୍ୱକର୍ମା

ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ସାରା ରାଜ୍ୟରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହେବାକୁ ଯାଉଛି ସୃଷ୍ଟିର ଆଦି ବିନ୍ଧାଣୀ ଦେବଶିଳ୍ପୀ ଭଗବାନ ବିଶ୍ୱକର୍ମାଙ୍କ ପୂଜା। ସୂର୍ଯ୍ୟଙ୍କ କନ୍ୟା ସଂକ୍ରାନ୍ତି ଅବସରରେ ଏହି ପୂଜା ଅନୁଷ୍ଠିତ ହେଉଥିବାରୁ ଏଥିପାଇଁ କଳକାରଖାନା, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ହିନ୍ଦୁ ଶାସ୍ତ୍ର ଅନୁଯାୟୀ, ଭଗବାନ ବିଶ୍ୱକର୍ମା ହେଉଛନ୍ତି ସମଗ୍ର ବ୍ରହ୍ମାଣ୍ଡର ପ୍ରଥମ ଶିଳ୍ପୀ ଓ ସ୍ଥାପତ୍ୟକାର। ସତ୍ୟଯୁଗର ସ୍ୱର୍ଗପୁରୀ, ତ୍ରେତୟାରେ ସୁବର୍ଣ୍ଣ ଲଙ୍କା, ଦ୍ୱାପରରେ ଦ୍ୱାରକା ନଗରୀ ଏବଂ ହସ୍ତିନାପୁର ଭଳି ଭବ୍ୟ ସହର ତାଙ୍କରି ଦ୍ୱାରା ନିର୍ମିତ ହୋଇଥିଲା। କେବଳ ସେତିକି ନୁହେଁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମଧ୍ୟ ସେ ଅତି ଗୋପନୀୟ ଭାବେ ଦାରୁରୁ ରୂପ ଦେଇଥିଲେ। ଦେବତାମାନଙ୍କ ପ୍ରତିରକ୍ଷା ପାଇଁ ଭଗବାନ ଶିବଙ୍କ ତ୍ରିଶୂଳ, ମହାପ୍ରଭୁ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ଓ ଇନ୍ଦ୍ରଙ୍କ ବଜ୍ର ଭଳି ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ରର ନିର୍ମାତା ମଧ୍ୟ ସେ ନିଜେ।

ଏହି ଦିନ କାରିଗର, ମହାରଣା, ଶ୍ରମିକ ଓ ଡ୍ରାଇଭରମାନେ ନିଜ ନିଜର ଯନ୍ତ୍ରପାତି, ଗାଡ଼ିମୋଟର ଏବଂ କାର୍ଯ୍ୟାଳୟକୁ ସଫାସୁତୁରା କରି ଭଗବାନଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ସମର୍ପଣ କରିଥାନ୍ତି। ବ୍ୟବସାୟର ଅଭିବୃଦ୍ଧି ଏବଂ କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା ପାଇଁ ଦେବଶିଳ୍ପୀଙ୍କ ଆଶୀର୍ବାଦ ଭିକ୍ଷା କରାଯାଏ। ପରମ୍ପରା ଅନୁଯାୟୀ ଏହି ଦିନ ସମସ୍ତ ଯାନ୍ତ୍ରିକ କାର୍ଯ୍ୟ ବନ୍ଦ ରହିଥାଏ।



ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରମୁଖ ଶିଳ୍ପାଞ୍ଚଳ ଓ ସହରଗୁଡ଼ିକରେ ଆକର୍ଷଣୀୟ ମଣ୍ଡପ ସାଙ୍ଗକୁ ଆଲୋକମାଳାରେ ସଜେଇ ଦିଆଯାଉଛି। କୋଭିଡ ପରବର୍ତ୍ତୀ ସମୟରେ ଚଳିତ ବର୍ଷ ଶ୍ରମିକ ଓ ମାଲିକମାନଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭଜନ ସନ୍ଧ୍ୟା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୃଷ୍ଟିର ଆଦି ବିନ୍ଧାଣୀ ଦେବଶିଳ୍ପୀ ଭଗବାନ ବିଶ୍ୱକର୍ମାଙ୍କ ପୂଜାକୁ ନେଇ ସାରା ଦେଶ ଚଳଚଞ୍ଚଳ। ଭାରତର ବିଭିନ୍ନ ପ୍ରାନ୍ତରେ ଏହି ପୂଜା ପାଳନର ଶୈଳୀ ଓ ସମୟ ଭିନ୍ନ ହୋଇଥିଲେ ମଧ୍ୟ ଶିଳ୍ପ, କଳା ଏବଂ ଯନ୍ତ୍ରପାତି ପ୍ରତି ଥିବା ସମ୍ମାନ ସବୁଠି ସମାନ। ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ଏହି ପର୍ବକୁ ଅତି ନିଆରା ଢଙ୍ଗରେ ପାଳନ କରାଯାଉଛି। ଓଡ଼ିଶାରେ ସେପ୍ଟେମ୍ବର ୧୭ ତାରିଖ କନ୍ୟା ସଂକ୍ରାନ୍ତି ଦିନ ଏହି ପୂଜା ଅନୁଷ୍ଠିତ ହୁଏ। ବିଶେଷ କରି ବନ୍ଦର ସହର ପାରାଦୀପରେ ବିଶ୍ୱକର୍ମା ପୂଜା ସବୁଠାରୁ ପ୍ରସିଦ୍ଧ। ଏଠାରେ ବଡ଼ ବଡ଼ ସୁଦୃଶ୍ୟ ତୋରଣ, ରଙ୍ଗାରଙ୍ଗ ଆଲୋକମାଳା ଏବଂ ସପ୍ତାହେ ବ୍ୟାପୀ ମେଳା ଜମିଥାଏ। ଏହାଛଡ଼ା ରାଉରକେଲା, ଅନୁଗୁଳ, ତାଳଚେର, ଝାରସୁଗୁଡ଼ା ଏବଂ କଳିଙ୍ଗନଗର ଭଳି ପ୍ରମୁଖ ଶିଳ୍ପାଞ୍ଚଳରେ ଶ୍ରମିକ ଓ ମାଲିକମାନେ ମିଶି ବହୁ ଆଡ଼ମ୍ବରରେ ପୂଜା କରନ୍ତି। ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିର୍ମାତା ଭାବେ ଏଠାରେ ଭଗବାନ ବିଶ୍ୱକର୍ମାଙ୍କୁ ଗଭୀର ଶ୍ରଦ୍ଧାର ସହ ସ୍ମରଣ କରାଯାଏ। ପଶ୍ଚିମବଙ୍ଗରେ ଘୁଡ଼ି ଉଡ଼ା ପରମ୍ପରା: ପଶ୍ଚିମବଙ୍ଗରେ ମଧ୍ୟ ସେପ୍ଟେମ୍ବର ୧୭ରେ ପୂଜା ହେଉଥିବା ବେଳେ ଏଠାରେ 'ଘୁଡ଼ି ଉଡ଼ାଇବା' ଏକ ବଡ଼ ପରମ୍ପରା। ଏହି ଦିନ କୋଲକାତା ସମେତ ବିଭିନ୍ନ ସହରର ଆକାଶ ରଙ୍ଗବେରଙ୍ଗର ଘୁଡ଼ିରେ ଭରିଯାଏ।

ଉତ୍ତର ଭାରତରେ ଦୀପାବଳି ପରଦିନ: ଉତ୍ତର ପ୍ରଦେଶ, ବିହାର, ଦିଲ୍ଲୀ ଏବଂ ପଞ୍ଜାବରେ ସେପ୍ଟେମ୍ବର ବଦଳରେ ଦୀପାବଳିର ଠିକ୍ ପରଦିନ ଗୋବର୍ଦ୍ଧନ ପୂଜା ସହିତ ଏହାକୁ 'ଔଜାର ପୂଜା' (ଯନ୍ତ୍ରପାତି ପୂଜା) ଭାବେ ପାଳନ କରାଯାଏ।

ପଶ୍ଚିମ ଭାରତରେ ଜୟନ୍ତୀ ଉତ୍ସବ: ଗୁଜରାଟ ଏବଂ ରାଜସ୍ଥାନରେ ମାଘ ମାସ ଶୁକ୍ଲପକ୍ଷ ତ୍ରୟୋଦଶୀ ତିଥିରେ (ଜାନୁଆରୀ/ଫେବୃଆରୀ) 'ବିଶ୍ୱକର୍ମା ଜୟନ୍ତୀ' ପାଳନ କରାଯାଏ। ଏଠାରେ ଶିଳ୍ପୀ ଏବଂ ସୁତାର (ମହାରଣା) ସମ୍ପ୍ରଦାୟର ଲୋକେ ଏହାକୁ ନିଜର ସବୁଠାରୁ ବଡ଼ ପର୍ବ ମାନନ୍ତି। ଦକ୍ଷିଣ ଭାରତରେ 'ଆୟୁଧ ପୂଜା': କର୍ଣ୍ଣାଟକ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶରେ ନବରାତ୍ରୀ ବା ଦଶହରା ସମୟରେ ଏହାକୁ 'ଆୟୁଧ ପୂଜା' ଭାବେ ପାଳନ କରାଯାଇ ସମସ୍ତ ଗାଡ଼ି ଓ ଶିଳ୍ପ ଉପକରଣକୁ ପୂଜା କରାଯାଏ। ରାଜ୍ୟ ଓ ପରମ୍ପରା ଭିନ୍ନ ହେଲେ ହେଁ, ସର୍ବଭାରତୀୟ ସ୍ତରରେ ଏହି ଦିନ ସମସ୍ତ କାରିଗର ଓ ଶ୍ରମିକମାନେ ନିଜ ନିଜର କାମ ବନ୍ଦ ରଖି ଯନ୍ତ୍ରପାତିକୁ ପୂଜା କରିବା ସହ ଆଗାମୀ ବର୍ଷ ପାଇଁ ସଫଳତା ଓ ସୁରକ୍ଷା କାମନା କରିଥାନ୍ତି।



## ଶ୍ରଦ୍ଧା, ସମର୍ପଣ ଓ ଆଧ୍ୟାତ୍ମିକ ପ୍ରେମର ମହାପର୍ବ

# ପବିତ୍ର ରାଧାଷ୍ଟମୀ



ହିନ୍ଦୁ ଧର୍ମ ଓ ବୈଷ୍ଣବ ସଂସ୍କୃତିରେ ପ୍ରେମ, ଭକ୍ତି ଏବଂ ସମର୍ପଣର ସର୍ବୋଚ୍ଚ ପ୍ରତୀକ ହେଉଛନ୍ତି ଶ୍ରୀମତୀ ରାଧାରାଣୀ। ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ସାରା ଦେଶରେ ପାଳିତ ହୁଏ ଶ୍ରୀରାଧାଙ୍କ ପବିତ୍ର ଜନ୍ମୋତ୍ସବ ବା 'ରାଧାଷ୍ଟମୀ' । ଚଳିତ ବର୍ଷ ସେପ୍ଟେମ୍ବର ୧୯ ତାରିଖ (ଶନିବାର) ଦିନ ଏହି ମହାପର୍ବ ପଡୁଛି । ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀର ଠିକ୍ ୧୫ ଦିନ ପରେ ପଡୁଥିବା ଏହି ପର୍ବକୁ ନେଇ ସାରା ଓଡ଼ିଶାର ରାଧାକୃଷ୍ଣ ମନ୍ଦିର ଓ ବିଶେଷ କରି ଇସ୍କନ ମନ୍ଦିରଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ପଦ୍ମ ପୁରାଣ ଓ ବ୍ରହ୍ମବୈବର୍ତ୍ତ ପୁରାଣ ଅନୁଯାୟୀ, ଶ୍ରୀରାଧା କୌଣସି ମାନବ ଗର୍ଭରୁ ଜନ୍ମ ନେଇନଥିଲେ, ସେ ଥିଲେ ଅଯୋନିଜା। ବୃଷଭାନୁ ନାମକ ଜଣେ ଗୋପାଳ ରାଜା ଯେତେବେଳେ ଯଜ୍ଞ ଭୂମି ସଫା କରୁଥିଲେ, ସେହି ସମୟରେ ଏକ ସୁନା ପଦ୍ମଫୁଲ ଉପରେ ଏକ ଦିବ୍ୟ କନ୍ୟା ସନ୍ତାନକୁ ପାଇଥିଲେ । ସେହି କନ୍ୟା ଜଣକ ଥିଲେ ଶ୍ରୀରାଧା ।

ପୌରାଣିକ ମାନ୍ୟତା ଅଛି ଯେ, ଜନ୍ମ ହେବା ପରେ ଶ୍ରୀରାଧା ନିଜର ଆଖି ଖୋଲି ନଥିଲେ । ଯେତେବେଳେ ମାତା ଯଶୋଦା ଶ୍ରୀକୃଷ୍ଣଙ୍କୁ ଧରି ବୃଷଭାନୁଙ୍କ ଆଶ୍ରମକୁ ଆସିଲେ, ବାଳକ କୃଷ୍ଣଙ୍କୁ ସ୍ପର୍ଶ କରିବା କ୍ଷଣି ରାଧା ପ୍ରଥମ କରି ନିଜର ଆଖି ଖୋଲିଥିଲେ । ଅର୍ଥାତ୍ ସେ ଶ୍ରୀକୃଷ୍ଣଙ୍କ ବ୍ୟତୀତ ଏହି ସଂସାରର ଅନ୍ୟ କାହାକୁ ପ୍ରଥମେ ଦେଖିବାକୁ ଚାହୁଁନଥିଲେ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ରାଧା ଓ କୃଷ୍ଣ ଦୁଇଟି ଶରୀର ହେଲେ ମଧ୍ୟ ଏକ ଆତ୍ମା । ରାଧାଙ୍କୁ ଶ୍ରୀକୃଷ୍ଣଙ୍କ 'ଆହ୍ଲାଦିନୀ ଶକ୍ତି' ବୋଲି କୁହାଯାଏ । ସେଥିପାଇଁ କୁହାଯାଏ ଯେ, ଯେଉଁ ଭକ୍ତ କେବଳ ଜନ୍ମାଷ୍ଟମୀ ବ୍ରତ କରେ ଏବଂ ରାଧାଷ୍ଟମୀ ବ୍ରତ କରେନାହିଁ, ତାଙ୍କର ପୂଜା ଅସମ୍ପୂର୍ଣ୍ଣ ରହିଯାଏ । ଶ୍ରୀକୃଷ୍ଣଙ୍କୁ ପାଇବାକୁ ହେଲେ ପ୍ରଥମେ ଶ୍ରୀରାଧାଙ୍କ ଶରଣାପନ୍ନ ହେବାକୁ ପଡିଥାଏ ।

ଶ୍ରୀକୃଷ୍ଣଙ୍କ ଜନ୍ମ ମଧ୍ୟରାତ୍ରିରେ ହୋଇଥିବା ବେଳେ ଶ୍ରୀରାଧାଙ୍କ ଆବିର୍ଭାବ ଭାଦ୍ରବ ଶୁକ୍ଳ ଅଷ୍ଟମୀର ମଧ୍ୟାହ୍ନ (ଦ୍ୱିପ୍ରହର) ସମୟରେ ହୋଇଥିଲା । ତେଣୁ ଏହି ଦିନ ମଧ୍ୟାହ୍ନ ସମୟରେ ମନ୍ଦିରଗୁଡ଼ିକରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ । ବିଗ୍ରହଙ୍କୁ ପଞ୍ଚାମୃତ (କ୍ଷୀର, ଦହି, ଘିଅ, ମହୁ ଓ ଚିନି) ରେ ମହାଅଭିଷେକ କରାଯିବା ସହ ନୂତନ ବସ୍ତ୍ର ଓ ଅଳଙ୍କାରରେ ସଜ୍ଜିତ କରାଯାଏ । ଭକ୍ତମାନେ ଦିନସାରା ଉପବାସ ରଖି ହରିନାମ ସଂକୀର୍ତ୍ତନରେ ମଗ୍ନ ରହନ୍ତି ଏବଂ ମଧ୍ୟାହ୍ନ ପୂଜା ପରେ ବ୍ରତ ସମାପନ କରନ୍ତି ।

### ଓଡ଼ିଶାରୁ ବ୍ରଜଭୂମି ସବୁଠି ଭକ୍ତିର ମାହୋଲ୍

ରାଧାଷ୍ଟମୀ ଅବସରରେ ଉତ୍ତରପ୍ରଦେଶର ମଥୁରା, ବୃନ୍ଦାବନ ଏବଂ ବିଶେଷ କରି ରାଧାରାଣୀଙ୍କ ଜନ୍ମସ୍ଥାନ 'ବରସାନା' ଉତ୍ସବମୁଖର ହୋଇଉଠେ । ଓଡ଼ିଶାରେ ମଧ୍ୟ ବିଭିନ୍ନ ମଠ, ମନ୍ଦିର ଏବଂ ଗ୍ରାମାଞ୍ଚଳରେ ଥିବା ରାଧାକୃଷ୍ଣ ଗାଦିରେ ଏହି ଦିନ ବହୁ ଆଡମ୍ବରରେ ରାସଲୀଳା, କୀର୍ତ୍ତନ ଏବଂ ପ୍ରସାଦ ସେବନର ଆୟୋଜନ କରାଯାଇଥାଏ । ଏହି ପବିତ୍ର ଦିନରେ ଶ୍ରୀରାଧାଙ୍କ ନାମ ସ୍ମରଣ କଲେ ସଂସାରର ସମସ୍ତ ପାପ କ୍ଷୟ ହୋଇ ପରମ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ଶ୍ରୀମତୀ ରାଧାରାଣୀଙ୍କ ପବିତ୍ର ଆବିର୍ଭାବ ତିଥି 'ରାଧାଷ୍ଟମୀ'କୁ ନେଇ ସାରା ଦେଶ ଉତ୍ସବମୁଖର ହୋଇଉଠେ । ଓଡ଼ିଶାର ପାରମ୍ପରିକ ମନ୍ଦିରଠାରୁ ଆରମ୍ଭ କରି ପ୍ରଭୁ ଶ୍ରୀକୃଷ୍ଣଙ୍କ ଲୀଳାକ୍ଷେତ୍ର ବ୍ରଜମଣ୍ଡଳ ପର୍ଯ୍ୟନ୍ତ ସବୁଠି ଏହି ଦିନ ସ୍ୱତନ୍ତ୍ର ଓ ନିଆରା ଢଙ୍ଗରେ ପୂଜାର୍ଚ୍ଚନା କରାଯାଇଥାଏ । ଓଡ଼ିଶାର ବୈଷ୍ଣବ ସଂସ୍କୃତିରେ ରାଧାଷ୍ଟମୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ରାଜ୍ୟର ସମସ୍ତ ରାଧାକୃଷ୍ଣ ମନ୍ଦିର ଓ ଇସ୍କନ ମନ୍ଦିରରେ ଏହି ଦିନ ମଧ୍ୟାହ୍ନରେ ମହାଅଭିଷେକ ଓ ୫୬ ଭୋଗର ଆୟୋଜନ କରାଯାଏ । ତେବେ ଓଡ଼ିଶାରେ ଏହି ପର୍ବର ସବୁଠାରୁ ବଡ଼ ଆକର୍ଷଣ ହେଉଛି ପୁରୀ ଜିଲ୍ଲା ସାକ୍ଷୀଗୋପାଳ ମନ୍ଦିରର 'ରାଧାପାଦ ଦର୍ଶନ' । ବର୍ଷସାରା ମାତା ରାଧାରାଣୀ ଏଠାରେ ଓଡ଼ିଆଣୀ ବେଶରେ (କାନି ମାଡ଼ି ଶାଢ଼ୀ ପିନ୍ଧି) ରହୁଥିବାରୁ ଭକ୍ତମାନେ ତାଙ୍କ ପାଦ ଦର୍ଶନ କରିପାରନ୍ତି ନାହିଁ । ମାତ୍ର ରାଧାଷ୍ଟମୀ ଦିନ ମା'ଙ୍କୁ ପବିତ୍ର 'ନଟବର ବେଶ' କରାଯାଏ । ଏହି ଦିନ ଠାରୁ ଆରମ୍ଭ କରି କାର୍ତ୍ତିକ ମାସର ଅଁଳା ନବମୀ ପର୍ଯ୍ୟନ୍ତ ଭକ୍ତମାନେ ମାତାଙ୍କ ଶ୍ରୀଚରଣ ଦର୍ଶନ କରିବାର ସୁଭାଗ୍ୟ ପାଆନ୍ତି ଥିଏଧ । ଏହି ପାଦ ଦର୍ଶନ କଲେ ଅଶେଷ ପୁଣ୍ୟ ମିଳେ ବୋଲି ଓଡ଼ିଶାରେ ପ୍ରବଳ ଜନବିଶ୍ୱାସ ରହିଛି । ଏହା ସହିତ ଗ୍ରାମାଞ୍ଚଳରେ ଥିବା ଭାଗବତ ଟୁଙ୍ଗୀ ଓ ଗାଦିଗୁଡ଼ିକରେ ମହିଳାମାନେ ଏକତ୍ରିତ ହୋଇ ବ୍ରତ କଥା ଶ୍ରବଣ କରିବା ସହ ସନ୍ଧ୍ୟାରେ ସଂକୀର୍ତ୍ତନ ଓ ପାଲା ଅନୁଷ୍ଠିତ ହୋଇଥାଏ ।

ଓଡ଼ିଶା ବାହାରେ ବିଶେଷ କରି ଉତ୍ତର ପ୍ରଦେଶର ବ୍ରଜ ମଣ୍ଡଳରେ ରାଧାଷ୍ଟମୀର ମାହୋଲ ଦେଖିବା ଭଳି ହୋଇଥାଏ। ରାଧାରାଣୀଙ୍କ ନିଜ ଗାଁ 'ବରସାନା' ସ୍ଥିତ ଲାଡ୍‌ଲୀ ଜୀ ମନ୍ଦିରରେ ଦେଶବିଦେଶରୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୁଏ । ଏଠାରେ ଭୋର ୪ଟାରୁ ମା'ଙ୍କର ମହାଅଭିଷେକ କରାଯାଏ । ବରସାନା ମନ୍ଦିରରେ ଏହି ଦିନ 'ଲଡ୍ଡୁ ମହୋତ୍ସବ' ବା 'ଲଡ୍ଡୁ ହୋଲି' ଖେଳାଯାଏ । ମନ୍ଦିରର ଗମ୍ବୁଜ ଉପରୁ ପ୍ରସାଦ ସ୍ୱରୂପ କୁଇଣ୍ଟାଲ କୁଇଣ୍ଟାଲ ଲଡ୍ଡୁ ଭକ୍ତମାନଙ୍କ ଉପରକୁ ଫିଙ୍ଗାଯାଏ । ଏହି ପ୍ରସାଦ ପାଇବା ପାଇଁ ଭକ୍ତଙ୍କ ମଧ୍ୟରେ ଅପୂର୍ବ ଶ୍ରଦ୍ଧା ଦେଖିବାକୁ ମିଳେ । ବୃନ୍ଦାବନର ବାଙ୍କେ ବିହାରୀ ମନ୍ଦିର ଓ ପ୍ରେମ ମନ୍ଦିରରେ ଦିନସାରା ମନୋଜ୍ଞ 'ରାସଲୀଳା' ପରିବେଷଣ କରାଯାଏ । ସେହିପରି ପଶ୍ଚିମବଙ୍ଗର ମାୟାପୁର ଇସ୍କନ ମନ୍ଦିରରେ ବିଦେଶୀ ଭକ୍ତଙ୍କ ଦ୍ୱାରା ମହାସଂକୀର୍ତ୍ତନ ହେଉଥିବା ବେଳେ ମଣିପୁରରେ ପାରମ୍ପରିକ 'ମଣିପୁରୀ ରାସ ନୃତ୍ୟ' ମାଧ୍ୟମରେ ରାଧାଷ୍ଟମୀ ପାଳନ କରାଯାଏ ।


ପ୍ରସ୍ତୁତି : ସତ୍ୟଜିତ୍ ମହାପାତ୍ର (ସାମ୍ବାଦିକ)
ଅଲଙ୍କରଣ : ମାନସ ରଞ୍ଜନ ମୁଦୁଲି



ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ସେପ୍ଟେମ୍ବର ୨୯ରେ ବିଧାନସଭା ଘେରିବ 'ଇଣ୍ଡିଆ' ମେଣ୍ଟ

✦ ସଂଶୋଧିତ ଖଣି ଆଇନ ବିରୋଧରେ ଆନ୍ଦୋଳନ ତୀବ୍ର
✦ ସେପ୍ଟେମ୍ବର ୧୩ରୁ ଜିଲ୍ଲାସ୍ତରୀୟ ଜନ ଆନ୍ଦୋଳନ
✦ ଆବଶ୍ୟକ ପଡ଼ିଲେ ଓଡ଼ିଶା ବନ୍ଦ ଚେତାବନୀ

ଭୁବନେଶ୍ୱର, ୧୨/୦୯ (ଜେଏନ୍ଏସ୍) : କେନ୍ଦ୍ର ସରକାରଙ୍କ ସଂଶୋଧିତ ଖଣି ଓ ଖଣିଜ ଆଇନକୁ 'ଓଡ଼ିଶା ବିରୋଧୀ' ଦର୍ଶାଇ ରାଜ୍ୟରେ ଏକ ବଡ଼ ଧରଣର ଗଣଆନ୍ଦୋଳନ ପାଇଁ ରଣହୁଙ୍କାର ଦେଇଛି ବିରୋଧୀ 'ଇଣ୍ଡିଆ' ମେଣ୍ଟ। ଆଜି କଂଗ୍ରେସ, ବାମପନ୍ଥୀ ଏବଂ ସହଯୋଗୀ ଦଳଗୁଡ଼ିକର ଏକ ମିଳିତ ବୈଠକ ପରେ ପ୍ରେସମିଟ୍ ଜରିଆରେ ଏହି ସୂଚନା ଦିଆଯାଇଛି। ଆସନ୍ତା ସେପ୍ଟେମ୍ବର ୨୯ ତାରିଖରେ ରାଜଧାନୀ ଭୁବନେଶ୍ୱରରେ ଲକ୍ଷାଧିକ ଲୋକଙ୍କୁ ନେଇ ମେଗା ସମାବେଶ ଏବଂ ଓଡ଼ିଶା ବିଧାନସଭା ଘେରାଉ କରାଯିବ ବୋଲି ମେଣ୍ଟ ପକ୍ଷରୁ ଘୋଷଣା କରାଯାଇଛି। ଓଡ଼ିଶାର ଜଳ, ଜଙ୍ଗଲ ଏବଂ ଖଣିଜ ସମ୍ପଦକୁ କର୍ପୋରେଟ୍ ହାତକୁ ଟେକିଦେବା ପାଇଁ ବିଜେପି ସରକାର ଷଡ଼ଯନ୍ତ୍ର କରୁଥିବା ନେଇ ନେତାମାନେ ଗୁରୁତ୍ୱର ଅଭିଯୋଗ ଆଣିଛନ୍ତି।

ବିଧାନସଭା ଘେରାଉ ପୂର୍ବରୁ ସାରା ରାଜ୍ୟରେ ଜନମତ ସୃଷ୍ଟି ଏବଂ ଲୋକଙ୍କୁ ସଚେତନ କରିବା ପାଇଁ ମେଣ୍ଟ ପକ୍ଷରୁ ଏକ ବିସ୍ତୃତ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ବିକ୍ଷୋଭ ପ୍ରଦର୍ଶନ କରାଯିବ। ୧୩ ସେପ୍ଟେମ୍ବର: କେନ୍ଦୁଝର ଜିଲ୍ଲାରେ ବିଶାଳ ଜନସମାବେଶ, ୧୭ ସେପ୍ଟେମ୍ବର: ସୁନ୍ଦରଗଡ଼ଠାରେ ଜନ ଆନ୍ଦୋଳନ । ୧୯ ସେପ୍ଟେମ୍ବର: ଅନୁଗୋଳରେ ପ୍ରତିବାଦ ସଭା । ୨୧ ସେପ୍ଟେମ୍ବର: ରାୟଗଡ଼ା ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ। ଆଜିର ଏହି ମିଳିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ, ଉଚଓ, ଉଚଓ(ଗ), ଉଚଓ(ଗଖ), ଫରୱାର୍ଡ ବ୍ଲକ୍, ଏନ୍ସିପି ଏବଂ ସମାଜବାଦୀ ପାର୍ଟିର ବହୁ ବରିଷ୍ଠ ନେତୃତ୍ୱ ଉପସ୍ଥିତ ଥିଲେ। ମେଣ୍ଟ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି ଯେ, ଯଦି ସଂଶୋଧିତ ଖଣି ଆଇନକୁ ତୁରନ୍ତ ପ୍ରତ୍ୟାହାର କରାନଯାଏ, ତେବେ ବିଧାନସଭା ଘେରାଉ ପରେ ଆଗାମୀ ଦିନରେ ରାଜ୍ୟର ସମସ୍ତ ଖଣିଜ କାରବାରକୁ ଠପ୍ କରାଯିବା ସହ 'ଓଡ଼ିଶା ବନ୍ଦ' ଭଳି ଚରମ ପଦକ୍ଷେପ ନିଆଯିବ।

## ଓଡ଼ିଶା ବାର୍ଷିକ ହଜାର ହଜାର କୋଟିର ରାଜସ୍ୱ ହରାଇବ : ଭକ୍ତ ଚରଣ ଦାସ



ଓପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି ଯେ, ଏହି ନୂତନ ଆଇନ ଦ୍ୱାରା ରାଜ୍ୟର ଖଣିଜ ସମ୍ପଦ ଉପରେ ଥିବା ଟିକସ ଆଦାୟ ଅଧିକାରକୁ କେନ୍ଦ୍ର ସରକାର ଛଡ଼ାଇ ନେଉଛନ୍ତି। ଏହାଦ୍ୱାରା ଓଡ଼ିଶାର ଆର୍ଥିକ ସ୍ୱାଧୀନତା ନଷ୍ଟ ହେବ ଏବଂ ରାଜ୍ୟ ବାର୍ଷିକ ବିପୁଳ ପରିମାଣର ରାଜସ୍ୱ ହରାଇବ। ବିଜେପିର ଡବଲ୍-ଇଞ୍ଜିନ ସରକାର ଓଡ଼ିଶାର ସ୍ୱାର୍ଥ ରକ୍ଷା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଏହି ଆଇନକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି।



## କଂଗ୍ରେସ ହେଉଛି ବିଜେଡିର 'ବି-ଟିମ୍'



ଭୁବନେଶ୍ୱର, ୧୨/୦୯ (ଜେଏନ୍ଏସ୍) : ଖଣି ଆଇନକୁ ନେଇ ରାଜ୍ୟରେ ବିଜେଡି ଏବଂ କଂଗ୍ରେସ ନେତୃତ୍ୱାଧୀନ 'ଇଣ୍ଡିଆ' ମେଣ୍ଟ ପକ୍ଷରୁ କରାଯାଉଥିବା ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନକୁ ନେଇ ଶାସକ ବିଜେପି ଜୋରଦାର ପଲଟା ଆକ୍ରମଣ କରିଛି। ନିକଟରେ ଅନୁଷ୍ଠିତ ବିଜେପିର ଦୁଇ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ବିରୋଧୀଙ୍କ ଆଭିମୁଖ୍ୟକୁ ସମାଲୋଚନା କରାଯାଇ ଏକ ରାଜନୈତିକ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଛି। ବିଜେପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନିଲ ବଂଶଲ, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ବିରୋଧୀ ଦଳଗୁଡ଼ିକ ଓଡ଼ିଶାର ବିକାଶକୁ ବାଧାପ୍ରାପ୍ତ କରିବା ସହ ସାଧାରଣ ଜନତାଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ବୈଠକ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତାମାନେ କହିଛନ୍ତି ଯେ, ଓଡ଼ିଶାରେ କଂଗ୍ରେସ ଦଳର ନିଜସ୍ୱ କୌଣସି ଅସ୍ତିତ୍ୱ ନାହିଁ। କଂଗ୍ରେସ ଏଠାରେ ସମ୍ପୂର୍ଣ୍ଣ ଭାବେ ବିଜେଡିର 'ବି-ଟିମ୍' ସାଜି କାର୍ଯ୍ୟ କରୁଛି। ଗୋଟିଏ ପଟେ ବିଜେଡି ଲୋକସେବା ଭବନ ଆଗରେ ନାଟକ କରୁଥିବା ବେଳେ, ଅନ୍ୟପଟେ ସେହି ସମାନ ପ୍ରସଙ୍ଗକୁ ନେଇ କଂଗ୍ରେସ ବିଧାନସଭା ଘେରାଉର ପ୍ରହସନ କରୁଛି। ଉଭୟ ଦଳ ଓଡ଼ିଶାର ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ଏବେ ଲୋକଙ୍କ ସହାନୁଭୂତି ସାଉଁଟିବା ପାଇଁ ମିଛ ଖଣି ସମସ୍ୟାର ଆଳ ଦେଖାଉଛନ୍ତି।

▸▸ ଲକ୍ଷ୍ମଣାନନ୍ଦ ହତ୍ୟାକାଣ୍ଡ ଫାଇଲ୍ ଚୋରି ଅଭିଯୋଗ
▸▸ ଖଣି ଆଇନକୁ ନେଇ ଭ୍ରମ ସୃଷ୍ଟି କରୁଛନ୍ତି ବିରୋଧୀ
▸▸ ରାଜ୍ୟ କାର୍ଯ୍ୟକାରିଣୀରେ ଗୃହୀତ ହେଲା ନିନ୍ଦା ପ୍ରସ୍ତାବ

ବିଜେପି କାର୍ଯ୍ୟକାରିଣୀରେ ପୂର୍ବତନ ନବୀନ ପଟ୍ଟନାୟକ ସରକାରଙ୍କ ଉପରେ ଏକ ସାଙ୍ଘାତିକ ଆରୋପ ଲଗାଯାଇଛି। ବିଜେପି ଅଭିଯୋଗ କରିଛି ଯେ, ବହୁଚର୍ଚ୍ଚିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡର ରହସ୍ୟ ଖୋଲିବା ପାଇଁ ଗଠିତ ଜଷ୍ଟିସ ଜେ.ପି. ମିଶ୍ର କମିଶନଙ୍କ ତଦନ୍ତ ରିପୋର୍ଟର ଅସଲି ଫାଇଲ୍କୁ ସେତେବେଳର ସରକାର ଲୋକସେବା ଭବନରୁ ଗାଏବ ବା ଚୋରି କରିଦେଇଛନ୍ତି। ବିଜେପି ସରକାର ଏହି ରିପୋର୍ଟକୁ ସାଧାରଣରେ ପ୍ରକାଶ କରିବାକୁ ପ୍ରତିଶ୍ରୁତିବଦ୍ଧ ଥିବା ବେଳେ, ପୂର୍ବ ସରକାରଙ୍କ ପାପ ଧରାପଡ଼ିଯିବା ଭୟରେ ବିଜେଡି ଏବେ ଆନ୍ଦୋଳନ ଆଢୁଆଳରେ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରୁଛି।

ବିଜେପି ମୁଖପାତ୍ର ପ୍ରକାଶ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ନୂତନ ଗଗଉଜ ଆଇନ ଦ୍ୱାରା ଓଡ଼ିଶାର କୌଣସି ଆର୍ଥିକ କ୍ଷତି ହେବ ନାହିଁ। ବରଂ ଏହା ଦ୍ୱାରା ଖଣି ନିଲାମ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ହେବ ଏବଂ କୋଟି କୋଟି ଟଙ୍କାର ରାଜସ୍ୱ ସିଧାସଳଖ ରାଜ୍ୟ କୋଷାଗାରକୁ ଆସିବ। ପୂର୍ବରୁ ଖଣି ମାଫିଆମାନଙ୍କୁ ସୁହାଇବା ଭଳି ଯେଉଁ ନିୟମ ଥିଲା, ତାହାକୁ ବନ୍ଦ କରାଯାଉଥିବାରୁ ବିରୋଧୀ ଦଳଗୁଡ଼ିକ ଏବେ ବିଚଳିତ ହୋଇପଡ଼ିଛନ୍ତି। ଆଗାମୀ ଦିନରେ ସରକାରଙ୍କ ସଫଳତା ଓ ପ୍ରକୃତ ତଥ୍ୟକୁ ନେଇ ବିଜେପି କର୍ମୀମାନେ ପ୍ରତି ୱାର୍ଡ ଓ ପଞ୍ଚାୟତ ସ୍ତରକୁ ଯାଇ ବିରୋଧୀଙ୍କ ମିଛକୁ ପଦାରେ ପକାଇବେ ବୋଲି ଦଳ ଚେତାବନୀ ଦେଇଛି। ବିଜେପିର ପଲଟା ବାଣ : ବିଜେଡିର 'ବି-ଟିମ୍' ସାଜିଛି କଂଗ୍ରେସ ; ଲକ୍ଷ୍ମଣାନନ୍ଦ ତଦନ୍ତ ରିପୋର୍ଟ ଫାଇଲ ଚୋରି ନେଇ ସାଙ୍ଘାତିକ ଆରୋପ ବିରୋଧୀଙ୍କ ଖଣି ରାଜନୀତି ଉପରେ ବିଜେପିର ପ୍ରହାର ; କାର୍ଯ୍ୟକାରିଣୀରେ ପାସ୍ ହେଲା ବିଜେଡି-କଂଗ୍ରେସ ବିରୋଧୀ ନିନ୍ଦା ପ୍ରସ୍ତାବ।

## ସଂଶୋଧିତ ଏମ୍ଏମ୍ଡିଆର୍ ଆଇନ ବିରୋଧରେ ବିଜେଡିର ବିଶାଳ ବିକ୍ଷୋଭ



ଭୁବନେଶ୍ୱର, ୧୨/୦୯ (ଜେଏନ୍ଏସ୍) : କେନ୍ଦ୍ର ସରକାରଙ୍କ ସଂଶୋଧିତ ଖଣି ଓ ଖଣିଜ ଆଇନକୁ ନେଇ ଆଜି ରାଜଧାନୀ ଭୁବନେଶ୍ୱରରେ ଏକ ବଡ଼ ଧରଣର ରାଜନୈତିକ ହଲଚଲ ଦେଖିବାକୁ ମିଳିଛି. ଏହି ନୂତନ ଆଇନ ପ୍ରତ୍ୟାହାର ଦାବିରେ ବିରୋଧୀ ବିଜୁ ଜନତା ଦଳ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ (ଲୋକ ଭବନ) ସମ୍ମୁଖରେ ଏକ ବିଶାଳ ଗଣଧାରଣା ଓ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି. ଦଳର ଶତାଧିକ ବରିଷ୍ଠ ନେତା, ବିଧାୟକ, ସାଂସଦ, ଛାତ୍ର ଏବଂ ଯୁବ ସଂଗଠନର କର୍ମୀମାନେ ଏହି ବିକ୍ଷୋଭରେ ସାମିଲ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଜୋରଦାର ନାରାବାଜି କରିଥିଲେ । ପ୍ରତିବାଦ ସମୟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ମଧ୍ୟ ଦେଖିବାକୁ ମିଳିଥିଲା । ଓଡ଼ିଶାର ସ୍ୱାର୍ଥ ହାନି କରୁଛି ନୂଆ ଖଣି ଆଇନ: ପ୍ରସନ୍ନ ଆଚାର୍ଯ୍ୟବିକ୍ଷୋଭ ପ୍ରଦର୍ଶନ ସମୟରେ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, "ଏହି ଆଇନ କେବଳ ସମ୍ବିଧାନର ସଂଘୀୟ ବ୍ୟବସ୍ଥାର ବିରୋଧୀ ନୁହେଁ, ବରଂ ଏହା ଓଡ଼ିଶା ପ୍ରତି ଏକ ବଡ଼ ଅନ୍ୟାୟ". ଏହି ସଂଶୋଧନ ଦ୍ୱାରା ଓଡ଼ିଶା ଭଳି ଖଣି ସମୃଦ୍ଧ ରାଜ୍ୟର ଆର୍ଥିକ ସ୍ୱାଧୀନତା ଏବଂ ଖଣି ଜମି ଉପରେ ଟିକସ ଲଗାଇବାର ଅଧିକାରକୁ କେନ୍ଦ୍ର ସରକାର ସଂକୁଚିତ କରୁଛନ୍ତି. ଫଳରେ ଓଡ଼ିଶା ବାର୍ଷିକ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇବ, ଯାହା ଦ୍ୱାରା ରାଜ୍ୟର ଜନକଲ୍ୟାଣକାରୀ ଯୋଜନା, ସ୍କୁଲ, ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ବାଧାପ୍ରାପ୍ତ ହେବ । ସ୍ପେଶାଲ ଆସେମ୍ବଲି ସେସନ ପାଇଁ ଦାବି:ବିଜେଡି ସିନିୟର ଭାଇସ୍ ପ୍ରେସିଡେଣ୍ଟ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ସଂସଦରେ ଏହି ବିଲ୍କୁ କୌଣସି ଆଲୋଚନା ନକରି ବହୁତ ତରବରିଆ ଭାବେ ପାସ୍ କରାଯାଇଛି. ଦଳ ପକ୍ଷରୁ ସମ୍ବିଧାନର ଅନୁଚ୍ଛେଦ ୧୭୪ ଅନୁଯାୟୀ ଓଡ଼ିଶା ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଇ ଏହି ଆଇନ ଉପରେ ବିସ୍ତୃତ ଆଲୋଚନା କରିବାକୁ ରାଜ୍ୟପାଳଙ୍କ ନିକଟରେ ଦାବି କରାଯାଇଛି । ପୂର୍ବରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ବିଧାନସଭା ଅଧିବେଶନ ଡାକିବାକୁ ଅନୁରୋଧ କରିଥିଲେ । ଲୋକସେବା ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପରେ ବିଜେଡିର ଏକ ପ୍ରତିନିଧି ଦଳ ରାଜଭବନ ଅଭିମୁଖେ ପଦଯାତ୍ରା କରିଥିଲେ. ସେଠାରେ ଦଳ ପକ୍ଷରୁ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଓଡ଼ିଶାର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି, ଯେଉଁଥିରେ ଗଗଉଜ ସଂଶୋଧିତ ଆଇନ, ୨୦୨୬ କୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି. ଯଦି କେନ୍ଦ୍ର ସରକାର ଏହି ଦାବି ପୂରଣ ନକରନ୍ତି, ତେବେ ଆଗାମୀ ଦିନରେ ସାରା ରାଜ୍ୟରେ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ବିଜେଡି ଚେତାବନୀ ଦେଇଛି ।

ଲୋକସେବା ଭବନ ସମ୍ମୁଖରେ ପୋଲିସ-କର୍ମୀ ମୁହାଁମୁହିଁ
ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ

# ଓଡ଼ିଶାକୁ ପୁଞ୍ଜି ଆକର୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତ

## ଗ୍ଲୋବାଲ୍ ନିବେଶକ ଓ ଶିଳ୍ପପତିଙ୍କ ସହ ହେବ ଉଚ୍ଚସ୍ତରୀୟ ବୈଠକ



ଭୁବନେଶ୍ୱର/ଆବୁଧାବି, ୧୨/୦୯ (ଜେଏନ୍ଏସ୍) : ରାଜ୍ୟରେ ଶିଳ୍ପ ବିପ୍ଳବ ଏବଂ ବୈଦେଶିକ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସହ ସଂଯୁକ୍ତ ଆରବ ଏମିରେଟ୍ସ ଗସ୍ତରେ ଯାଇଛନ୍ତି. ଗତକାଲି (ସେପ୍ଟେମ୍ବର ୮) ମୁଖ୍ୟମନ୍ତ୍ରୀ ନିଜର ପାଞ୍ଚ ଦିନିଆ ଆନ୍ତର୍ଜାତୀୟ ପୁଞ୍ଜିନିବେଶ ଅଭିଯାନ ଆରମ୍ଭ କରି ୟୁଏଇର ଆବୁଧାବିରେ ପହଞ୍ଚିଛନ୍ତି। ଜାୟେଦ୍ ଆନ୍ତର୍ଜାତୀୟ ବିମାନବନ୍ଦରରେ ୟୁଏଇରେ ଅବସ୍ଥାପିତ ଭାରତୀୟ ଆମ୍ବାସଡର ଡ. ଦୀପକ ମିତ୍ତଲ ଓ ଓଡ଼ିଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏହି ଗସ୍ତରେ ସାମିଲ ଅଛନ୍ତି।

ଆବୁଧାବିରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମେ ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଓଡ଼ିଶାକୁ ପୁଞ୍ଜି ଆଣିବା ନେଇ ଆଗାମୀ ବୈଠକର ପ୍ରସ୍ତୁତି ସମୀକ୍ଷା କରିଥିଲେ. ଏହାସହ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ୟୁଏଇରେ ବସବାସ କରୁଥିବା ହଜାର ହଜାର ପ୍ରବାସୀ ଓଡ଼ିଆମାନଙ୍କୁ ନିରନ୍ତର ସହଯୋଗ, ଉତ୍ତମ ଜୀବନଯାପନ ପରିବେଶ ଓ ସୁବିଧା ସୁଯୋଗ ଯୋଗାଇବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶାକୁ ବିଶ୍ୱସ୍ତରୀୟ ନିବେଶକଙ୍କ ପାଇଁ ପ୍ରଥମ ପସନ୍ଦ ଭାବେ ଗଢ଼ି ତୋଳିବା ସରକାରଙ୍କ ପ୍ରଧାନ ଲକ୍ଷ୍ୟ ବୋଲି ଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀ କହିଥିଲେ।

ସରକାରୀ ସୂଚନା ମୁତାବକ, ସେପ୍ଟେମ୍ବର ୯ରୁ ୧୧ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଓ ଓଡ଼ିଶା ପ୍ରତିନିଧି ଦଳ ଆବୁଧାବି ଓ ଦୁବାଇରେ ବୃହତ ଆନ୍ତର୍ଜାତୀୟ ଶିଳ୍ପ ସଂସ୍ଥା ଏବଂ ନିବେଶକମାନଙ୍କ ସହ ଆଲୋଚନା କରିବେ। ଏହି ପରିପ୍ରେକ୍ଷୀରେ ବିଶ୍ୱର ପ୍ରସିଦ୍ଧ 'ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ', ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ୍ ଗ୍ରୁପ୍ ଏବଂ ଅଗ୍ରଣୀ ପେଟ୍ରୋକେମିକାଲ୍ସ, ମାନୁଫ୍ୟାକ୍ଚରିଂ, ଭିତ୍ତିଭୂମି ଓ ଶକ୍ତି କମ୍ପାନୀର ବରିଷ୍ଠ କର୍ମକର୍ତ୍ତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଗୋଲ୍ଟେବୁଲ୍ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି. ଏହି ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଚୁକ୍ତିପତ୍ର ସ୍ୱାକ୍ଷର ହେବାର ମଧ୍ୟ ସମ୍ଭାବନା ରହିଛି।

ଆସନ୍ତା ସେପ୍ଟେମ୍ବର ୧୧ ତାରିଖ ଦିନ ଦୁବାଇରେ ବିଶାଳ 'ଓଡ଼ିଶା ଇନଭେଷ୍ଟର୍ସ ମିଟ୍-ୟୁଏଇ' ଆୟୋଜନ କରାଯିବ। ଏହି ମେଗା ରୋଡ୍ ଶୋ' ମାଧ୍ୟମରେ ୟୁଏଇ ବ୍ୟବସାୟିକ ଗୋଷ୍ଠୀଙ୍କ ସମ୍ମୁଖରେ ଓଡ଼ିଶାର ଶିଳ୍ପାନୁକୂଳ ପରିବେଶ ଓ ନୂତନ ସୁଯୋଗଗୁଡ଼ିକୁ ପ୍ରଦର୍ଶିତ କରାଯିବ। ଏଥିସହିତ ପ୍ରବାସୀ ଓଡ଼ିଆମାନଙ୍କୁ ରାଜ୍ୟର ବିକାଶ ପ୍ରକ୍ରିୟାରେ ସାମିଲ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରଖାଯାଇଛି। ଗସ୍ତ ଶେଷ କରି ସେପ୍ଟେମ୍ବର ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରିବେ। ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ମୁଖ୍ୟମନ୍ତ୍ରୀଙ୍କ ପୂର୍ବ ସିଙ୍ଗାପୁର ଗସ୍ତରୁ ରାଜ୍ୟକୁ କୌଣସି ଆଖିଦୃଶିଆ ଫାଇଦା ମିଳିନାହିଁ। ରାଜ୍ୟ ସରକାର ଗତ ଦୁଇ ବର୍ଷର ଶିଳ୍ପ ପ୍ରଗତି ଉପରେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ବିଜେଡି ଦାବି କରିବା ସହ ଏହି ୟୁଏଇ ଗସ୍ତ ଯେପରି କେବଳ ଫଟୋସୁଟ୍ ଏବଂ ପ୍ରହସନରେ ସୀମିତ ନରହେ, ସେଥିପ୍ରତି କଟାକ୍ଷ କରିଛି।

✦ ଆବୁଧାବିରେ ପହଞ୍ଚିଲେ ମୋହନ ମାଝୀ
✦ ସେପ୍ଟେମ୍ବର ୧୧ରେ 'ଓଡ଼ିଶା ଇନଭେଷ୍ଟର୍ସ ମିଟ୍'

# ଭୁବନେଶ୍ୱରରେ ବଡ଼ ସାଇବର ରାକେଟ୍ ଜବତ



ଭୁବନେଶ୍ୱର, ୧୨/୦୯ (ଜେଏନ୍ଏସ୍) : ରାଜଧାନୀ ଭୁବନେଶ୍ୱରରେ ଏକ ବଡ଼ ଧରଣର ଆନ୍ତର୍ଜାତୀୟ ସାଇବର ଠକେଇ ଏବଂ 'ବେନାମୀ (ମ୍ୟୁଲ) ବ୍ୟାଙ୍କ ଆକାଉଣ୍ଟ' ରାକେଟ୍ର ପର୍ଦ୍ଦାଫାଶ କରିଛି ଭୁବନେଶ୍ୱର ସାଇବର ଥାନା ପୋଲିସ। ଗୋଟିଏ ନକଲି ସଂସ୍ଥା ଗଠନ କରି ତା' ଆଢୁଆଳରେ ସାଇବର ଅପରାଧର କୋଟି କୋଟି ଟଙ୍କା କାରବାର କରାଯାଉଥିବା ନେଇ ପୋଲିସ ସୂଚନା ଦେଇଛି। ଏହି ମାମଲାରେ ପୋଲିସ ଜଣେ ପ୍ରାଇଭେଟ୍ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ୟାଙ୍କ କର୍ମଚାରୀ ଜିତେନ୍ଦ୍ର କୁମାର ଖୁଣ୍ଟିଆ (୩୩), ରାଜେଶ କୁମାର ଜେନା (୩୪) ଏବଂ ପୁରୁଷୋତ୍ତମ ବେହେରା (୩୫) । ସାଇବର ଥାନା ଏସିପି ସୁଚିସ୍ମିତା ଦାସଙ୍କ ସୂଚନା ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ଜିତେନ୍ଦ୍ର ଖୁଣ୍ଟିଆ ମାନବସମ୍ବଳ ଓ ହସ୍ପିଟାଲିଟି ସେବା ଯୋଗାଇବା ବାହାନାରେ 'ପିପି ହସ୍ପିଟାଲିଟି ଆଣ୍ଡ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍' ନାମକ ଏକ ଜାଲ୍ କମ୍ପାନୀ ଗଠନ କରିଥିଲେ. ଏହି କମ୍ପାନୀରେ ଷଷ୍ଠ ଶ୍ରେଣୀ ପାସ୍ କରିଥିବା ଜଣେ ରଙ୍ଗ ମିସ୍ତ୍ରୀ (ପେଣ୍ଟର) ରାଜେଶ ଏବଂ ନବମ ଶ୍ରେଣୀ ପାସ୍ କରିଥିବା ଡ୍ରାଇଭର ପୁରୁଷୋତ୍ତମଙ୍କୁ ମୋଟା ଅଙ୍କର ଟଙ୍କାର ଲୋଭ ଦେଖାଇ ଜଏଣ୍ଟ ଡିରେକ୍ଟର ବନାଯାଇଥିଲା. ସେମାନଙ୍କ ପରିଚୟ ପତ୍ର ଓ କମ୍ପାନୀର ଜାଲ୍ ଦସ୍ତାବିଜ୍ ବ୍ୟବହାର କରି ବିଭିନ୍ନ ଘରୋଇ ଓ ସରକାରୀ ବ୍ୟାଙ୍କରେ ୨୫ରୁ ଅଧିକ କରେଣ୍ଟ ଏବଂ ସେଭିଂସ ଆକାଉଣ୍ଟ ଖୋଲାଯାଇଥିଲା । 'ଟେନଭେଣ୍ଟ କମ୍ୟୁନିକେସନ ପ୍ରାଇଭେଟ୍ ଲିମିଟେଡ୍' ନାମକ ଏକ ସଂସ୍ଥାର ଜଣେ ବରିଷ୍ଠ ଅଧିକାରୀଙ୍କ ନାମରେ ହ୍ୱାଟ୍ସଆପରେ ନକଲି ପ୍ରୋଫାଇଲ୍ ତିଆରି କରି ଜଣେ କର୍ମଚାରୀଙ୍କୁ ୫ ଲକ୍ଷ ଟଙ୍କା ଟ୍ରାନ୍ସଫର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା. ଏହି ଟଙ୍କା 'ପିପି ହସ୍ପିଟାଲିଟି'ର ବ୍ୟାଙ୍କ ଆକାଉଣ୍ଟକୁ ଯାଇଥିଲା. କମ୍ପାନୀ ଠକେଇର ଶିକାର ହୋଇଥିବା ଜାଣିବା ପରେ ସାଇବର ଥାନାରେ ଅଭିଯୋଗ କରିଥିଲା. ପୋଲିସ ତଦନ୍ତ କରିବା ପରେ ଏହି ଆକାଉଣ୍ଟଗୁଡ଼ିକର କାରବାର ଓଡ଼ିଶା ସମେତ ଗୁଜରାଟର ଅନେକ ସାଇବର ଠକେଇ ମାମଲା ସହ ଜଡ଼ିତ ଥିବା ଜଣାପଡ଼ିଛି। ତଦନ୍ତରୁ ଜଣାପଡ଼ିଛି ଯେ, ବ୍ୟାଙ୍କ କର୍ମଚାରୀ ଜିତେନ୍ଦ୍ର ନିଜ ପଦବୀର ଅପବ୍ୟବହାର କରି ଏହି ଆକାଉଣ୍ଟଗୁଡ଼ିକର ସମସ୍ତ ଲଗ୍-ଇନ୍ କ୍ରେଡେନ୍ସିଆଲ୍, ଏଟିଏମ୍ କାର୍ଡ ଓ ଚେକ୍ ବୁକ୍ ରାକେଟ୍ର ମାଷ୍ଟରମାଇଣ୍ଡ କୃଷ୍ଣଚନ୍ଦ୍ର ବେହେରାଙ୍କୁ ଯୋଗାଉଥିଲେ. ପରେ ଏହି ସମସ୍ତ ବିବରଣୀକୁ ଦିଲ୍ଲୀ, କୋଲକାତା ଏବଂ ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ଥିବା ଆନ୍ତର୍ଜାତୀୟ ସାଇବର ଠକମାନଙ୍କୁ ବିକ୍ରି କରାଯାଉଥିଲା. ବର୍ତ୍ତମାନ ସୁଦ୍ଧା ଏହି ଆକାଉଣ୍ଟଗୁଡ଼ିକରେ ୩୦ ଲକ୍ଷରୁ ଅଧିକ ଟଙ୍କାର ସନ୍ଦେହଜନକ କାରବାର ହୋଇଥିବା ପୋଲିସ ଚିହ୍ନଟ କରିଛି। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୩ଟି ମୋବାଇଲ୍ ଫୋନ୍, ୧୦ଟି ଡେବିଟ୍ କାର୍ଡ, ୯ଟି କ୍ରେଡିଟ୍ କାର୍ଡ, ବ୍ୟାଙ୍କ ଚେକ୍ ବୁକ୍, ପାସବୁକ୍ ଏବଂ କମ୍ପାନୀର ନକଲି ଦସ୍ତାବିଜ୍ ଜବତ କରିଛି. ଏହି ଘଟଣାର ମୁଖ୍ୟ ସୂତ୍ରଧର କୃଷ୍ଣଚନ୍ଦ୍ର ବେହେରା ବର୍ତ୍ତମାନ ଫରାର ଥିବା ବେଳେ ତାଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି. ଏଥିସହ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଅନ୍ୟ କେଉଁ କର୍ମଚାରୀ ଏହି ରାକେଟ୍ରେ ସାମିଲ ଅଛନ୍ତି, ସେ ନେଇ ପୋଲିସ ଅଧିକ ଖୋଳତାଡ଼ କରୁଛି ।

▸▸ ବ୍ୟାଙ୍କ କର୍ମଚାରୀଙ୍କ ସହ ରଙ୍ଗ ମିସ୍ତ୍ରୀ ଓ ଡ୍ରାଇଭର ଗିରଫ
▸▸ ନକଲି ସଂସ୍ଥା ଆଢୁଆଳରେ ଚାଲିଥିଲା ସାଇବର ଠକେଇ
▸▸ ୨୫ରୁ ଅଧିକ ଆକାଉଣ୍ଟ ଜବତ
▸▸ ୫ ଲକ୍ଷର ଠକେଇରୁ ଖୋଲିଲା ରହସ୍ୟ

## ଦାରା ସିଂହଙ୍କ ମୁକ୍ତି ଆବେଦନ ଶୁଣାଣି

# ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ତାଗିଦ୍

ନୂଆଦିଲ୍ଲୀ, ୧୨/୦୯ (ଜେଏନ୍ଏସ୍) : ବହୁଚର୍ଚ୍ଚିତ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ୍ ଷ୍ଟେନ୍ସ ଏବଂ ତାଙ୍କର ଦୁଇ ନାବାଳକ ପୁତ୍ର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଦାରା ସିଂହ ଓରଫ୍ ରବୀନ୍ଦ୍ର କୁମାର ପାଲ୍ଙ୍କ ଦଣ୍ଡାଦେଶ କୋହଳ ଆବେଦନ ଉପରେ ଓଡ଼ିଶା ସରକାରଙ୍କ ଟାଳଟୁଳ ନୀତିକୁ ନେଇ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି. ଜଷ୍ଟିସ ମନୋଜ ମିଶ୍ର ଏବଂ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ସର୍ବୋଚ୍ଚ ଅଦାଲତଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି. ଆସନ୍ତା ୧୭ ସେପ୍ଟେମ୍ବର ସୁଦ୍ଧା ଯଦି ରାଜ୍ୟ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ଦାରା ସିଂହଙ୍କ ଅପରିପକ୍ୱ ମୁକ୍ତି ଆବେଦନ ଉପରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନ ଜଣାନ୍ତି, ତେବେ ଗୃହ ସଚିବଙ୍କୁ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ ଯେ, ମାମଲାର ମୁଖ୍ୟ ଅଭିଯୁକ୍ତ ଦାରା ସିଂହ ଗତ ୨୬ ବର୍ଷ ହେବ କାରାଗାରରେ ବନ୍ଦୀ ଅଛନ୍ତି. ରାଜ୍ୟ ସରକାରଙ୍କ ୨୦୨୨ର କ୍ଷମାଦାନ ବା ଦଣ୍ଡ କୋହଳ ନୀତି ଆଧାରରେ ତାଙ୍କୁ ଜେଲରୁ ମୁକ୍ତ କରାଯାଉ ବୋଲି ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆବେଦନ କରିଛନ୍ତି. ସେ ନିଜ ଆବେଦନରେ ଦର୍ଶାଇଛନ୍ତି ଯେ, ସେ ଦୀର୍ଘ ବର୍ଷ ଧରି କାରାଦଣ୍ଡ ଭୋଗି ସାରିଛନ୍ତି ଏବଂ ଜେଲ୍ରେ ତାଙ୍କର ଆଚରଣ ସନ୍ତୋଷଜନକ ରହିଛି. ଏଥିସହ ନିଜ କୃତକର୍ମ ପାଇଁ ସେ ଅନୁତପ୍ତ ଥିବା କଥା ମଧ୍ୟ ଦର୍ଶାଇଛନ୍ତି ।



ଶୁଣାଣି ସମୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଓକିଲ ଅ ସୁସ୍ଥତା ଦର୍ଶାଇ କୋର୍ଟଙ୍କୁ ଆଉ ୪ ସପ୍ତାହର ସମୟ ମାଗିଥିଲେ. ମାତ୍ର ସୁପ୍ରିମକୋର୍ଟ ସରକାରଙ୍କ ଏହି ଆବେଦନକୁ ସିଧାସଳଖ ଅଗ୍ରାହ୍ୟ କରିଦେଇଥିଲେ. କୋର୍ଟ କହିଛନ୍ତି ଯେ, ସରକାର କୌଣସି ନିଷ୍ପତ୍ତିକୁ ଏଭଳି ଅନିର୍ଦ୍ଦିଷ୍ଟ କାଳ ପାଇଁ ଝୁଲାଇ ରଖିପାରିବେ ନାହିଁ. ଆବେଦନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କିମ୍ବା ଏହାକୁ ପ୍ରତ୍ୟାଖ୍ୟାନ କରାଯିବ, ସେ ନେଇ ସରକାର ସ୍ପଷ୍ଟ ନିଷ୍ପତ୍ତି ନେବା ଜରୁରୀ। ୧୯୯୯ ମସିହା ଜାନୁଆରୀ ୨୩ ତାରିଖ ବିଳମ୍ବିତ ରାତିରେ କେନ୍ଦୁଝର ଜିଲ୍ଲା ମନୋହରପୁର ଗ୍ରାମରେ ଅଷ୍ଟ୍ରେଲିଆର ଖ୍ରୀଷ୍ଟିଆନ ମିଶନାରୀ ଗ୍ରାହାମ୍ ଷ୍ଟେନ୍ସ ଏବଂ ତାଙ୍କର ଦୁଇ ନାବାଳକ ପୁତ୍ର (ଫିଲିପ୍ ଓ ତିମୋଥି) ଗାଡ଼ି ଭିତରେ ଶୋଇଥିବା ବେଳେ ଦାରା ସିଂହଙ୍କ ନେତୃତ୍ୱରେ ଏକ ଉତ୍ୟକ୍ତ ସଂଘବଦ୍ଧ ଦଳ ଗାଡ଼ିରେ ନିଆଁ ଲଗାଇ ସେମାନଙ୍କୁ ଜୀବନ୍ତ ଦଗ୍ଧ କରିଦେଇଥିଲେ. ଏହି ମାମଲାରେ ସିବିଆଇ କୋର୍ଟ ପ୍ରଥମେ ଦାରା ସିଂହଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିବା ବେଳେ ୨୦୦୫ରେ ଓଡ଼ିଶା ହାଇକୋର୍ଟ ଏହାକୁ ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ, ଯାହାକୁ ୨୦୧୧ରେ ସୁପ୍ରିମକୋର୍ଟ ମଧ୍ୟ ବଜାୟ ରଖିଥିଲେ. ବର୍ତ୍ତମାନ ଏହି ମାମଲାର ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ଆସନ୍ତା ୧୭ ସେପ୍ଟେମ୍ବରରେ ହେବ।

# ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଗୃହମନ୍ତ୍ରୀ ଅମିତ ଶାହ

ଭୁବନେଶ୍ୱର,୧୨/୦୯ (ଜେଏନ୍ଏସ୍): କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଦୁଇ ଦିନିଆ ସରକାରୀ ଗସ୍ତରେ ଓଡ଼ିଶାରେ ପହଞ୍ଚିଛନ୍ତି। ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ରାଜ୍ୟ ସରକାର ଏବଂ ବିଜେପିର ବରିଷ୍ଠ ନେତୃବୃନ୍ଦଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ରାଜ୍ୟରେ ନୂତନ ସରକାର ଗଠନ ପରେ ଗୃହମନ୍ତ୍ରୀଙ୍କ ଏହି ଗସ୍ତ ଓଡ଼ିଶାର ବିକାଶ, ସୁରକ୍ଷା ଓ ପ୍ରତିରକ୍ଷା ରଣନୀତି ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଏହି ଗସ୍ତ କାଳରେ ସେ ଭୁବନେଶ୍ୱର, କଟକ ଏବଂ ପାରାଦୀପଠାରେ ଆୟୋଜିତ ଏକାଧିକ ହାଇ-ପ୍ରୋଫାଇଲ୍ କାର୍ଯ୍ୟକ୍ରମରେ ଯୋଗଦେବେ। ଗୃହମନ୍ତ୍ରୀ ଶାହ ନିଜ ଗସ୍ତର ପ୍ରଥମ କାର୍ଯ୍ୟକ୍ରମ ସ୍ୱରୂପ କଟକର ମୁଣ୍ଡଳୀ ସ୍ଥିତ ସାମରିକ ପରିସରକୁ ଯିବେ। ସେଠାରେ ଆୟୋଜିତ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳର ପ୍ରତିଷ୍ଠା ଦିବସ ସମାରୋହରେ ସେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡ୍ର ଅଭିବାଦନ ଗ୍ରହଣ କରିବେ। ଦେଶର ପ୍ରମୁଖ ଶିଳ୍ପାନୁଷ୍ଠାନ ଓ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷାରେ ସିଆଇଏସ୍ଏଫ୍ର ଭୂମିକା ଏବଂ ଆଧୁନିକୀକରଣ ଉପରେ ସେ ଏକ ସ୍ୱତନ୍ତ୍ର ରୋଡ୍ମ୍ୟାପ୍ ଉପସ୍ଥାପନ କରିବେ ବୋଲି ସୂଚନା ମିଳିଛି।

## ମିଳିବ ଏନ୍ଏଫ୍ଏସ୍ୟୁ ଓ ଆଧୁନିକ ଫୋରେନ୍ସିକ୍ ଲ୍ୟାବ୍ର ଉପହାର

## ରାଜ୍ୟ କ୍ୟାବିନେଟ୍‌ର ମେଗା ନିଷ୍ପତ୍ତି

# 'ଓଡ଼ିଶା ଜନ ବିଶ୍ୱାସ ବିଲ୍-୨୦୨୬' ସମେତ ୧୮ ପ୍ରସ୍ତାବକୁ ମୋହର



- ✦ ଚାଷୀଙ୍କ ପାଇଁ ୧.୫ ଲକ୍ଷ ନଳକୂପ ଓ ୬୫୦ କୋଟିର 'ବୋଇତ' ପ୍ରକଳ୍ପ
- ✦ ରାଜ୍ୟରେ ପ୍ରଥମ ଥର ବସିବ ୭୬୫ କେଭି ପାୱାର ଗ୍ରୀଡ୍
- ✦ ଜନ ବିଶ୍ୱାସ ବିଲ୍ ୨.୦ : ସରଳ ହେବ ସରକାରୀ ପ୍ରକ୍ରିୟା

ଭୁବନେଶ୍ୱର, ୧୨/୦୯ (ଜେଏନ୍ଏସ୍) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁଏଇ ଗସ୍ତରେ ଯିବା ପୂର୍ବରୁ ଲୋକସେବା ଭବନଠାରେ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୨ଟି ବିଭାଗର ମୋଟ ୧୮ ଟି ବଡ଼ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି, ଯାହା ରାଜ୍ୟର ଶିକ୍ଷା, କୃଷି, ଶକ୍ତି, ଭିତ୍ତିଭୂମି ଏବଂ ପ୍ରଶାସନିକ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବ. ଏହି ନିଷ୍ପତ୍ତିଗୁଡ଼ିକ ମଧ୍ୟରେ ସବୁଠାରୁ ପ୍ରମୁଖ ହେଉଛି 'ଓଡ଼ିଶା ଜନ ବିଶ୍ୱାସ ବିଲ୍, ୨୦୨୬' କୁ ଗ୍ରୀନ୍ ସିଗନାଲ ମିଳିବା, ଯାହା ବ୍ୟବସାୟ ଏବଂ ସାଧାରଣ ଲୋକଙ୍କ ପାଇଁ ସରକାରୀ ନିୟମାବଳୀକୁ ସରଳ କରିବ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସୂଚନା ଅନୁଯାୟୀ, ଶିଳ୍ପ ବିଭାଗ ପକ୍ଷରୁ ଆସିଥିବା ଏହି ନୂତନ ବିଲ୍‌ରେ ୧୧ଟି ବିଭାଗର ୧୬ଟି ଆକ୍ଟ ଅଧୀନରେ ଥିବା ୬୨ଟି ନିୟମର ସଂଶୋଧନ କରାଯିବ. ଏହାଦ୍ୱାରା ଛୋଟମୋଟ ଓ ବୈଷୟିକ ତ୍ରୁଟି ପାଇଁ ବ୍ୟବସାୟୀ କିମ୍ବା ନାଗରିକଙ୍କୁ ଜେଲ୍ ଦଣ୍ଡ କିମ୍ବା କଠୋର ଜରିମାନା ସହିବାକୁ ପଡ଼ିବ ନାହିଁ, ବରଂ ଏହା ବଦଳରେ ଆନୁପାତିକ ଆର୍ଥିକ ପେନାଲ୍ଟି ଲାଗୁ ହେବ. ଏହା ଓଡ଼ିଶାରେ 'ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍'କୁ ଅଧିକ ସୁଦୃଢ଼ କରିବ। କ୍ୟାବିନେଟ୍ ବୈଠକରେ କୃଷି ଓ ଜଳସମ୍ପଦ ବିଭାଗର କେତେକ ବୈପ୍ଳବିକ ପ୍ରସ୍ତାବ ପାସ୍ ହୋଇଛି। ଚାଷୀମାନଙ୍କ ସୁବିଧା ପାଇଁ ରାଜ୍ୟରେ ୧.୫ ଲକ୍ଷ ନୂତନ ଟ୍ୟୁବୱେଲ୍ (ନଳକୂପ) ସ୍ଥାପନ କରାଯିବ. ଏଥିସହିତ ଜଳସେଚନ ଭିତ୍ତିଭୂମିର ଐତିହ୍ୟ ସଂରକ୍ଷଣ ଓ ଉନ୍ନତି ପାଇଁ ୬୫୦ କୋଟି ଟଙ୍କାର 'ବୋଇତ' ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏହାବ୍ୟତୀତ ଓଡ଼ିଶା କୃଷି ସେବା କ୍ୟାଡରର ପୁନର୍ଗଠନ କରାଯିବା ନେଇ ମଧ୍ୟ ନିଷ୍ପତ୍ତି ହୋଇଛି।

ରାଜ୍ୟରେ ବିଦ୍ୟୁତ୍ ସଞ୍ଚାର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରଥମ ଥର ପାଇଁ ୭୬୫ କେଭି ନେଟୱର୍କ ପ୍ରତିଷ୍ଠା କରାଯିବ। ଏଥିପାଇଁ ଖୁଣ୍ଟୁଣି, ଡୁବୁରି ଏବଂ କୋଲାବିରାରେ ୩ଟି ବିଶାଳ ପାୱାର ଗ୍ରୀଡ୍ ସବ୍-ଷ୍ଟେସନ ନିର୍ମାଣ କରାଯିବ, ଯାହା ଦ୍ୱାରା ଶିଳ୍ପାଞ୍ଚଳ ଓ ସାଧାରଣ ଗ୍ରାହକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ମିଳିପାରିବ। ଶିକ୍ଷା କ୍ଷେତ୍ରର ବିକାଶ ଓ ସ୍କୁଲ ଭିତ୍ତିଭୂମିର ଉନ୍ନତି ପାଇଁ ଏହି ନୂତନ ଯୋଜନାର କାର୍ଯ୍ୟକାରିତାକୁ ଗ୍ରୀନ୍ ସିଗନାଲ୍ ମିଳିଛି। ରାଜ୍ୟରେ ଶାସନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବାକୁ 'ଓଡ଼ିଶା ଅମଲା ସେବା (ମିନିଷ୍ଟେରିଆଲ୍ ସର୍ଭିସେସ୍) ନିୟମାବଳୀ-୨୦୨' ଏବଂ ସିଭିଲ୍ ସର୍ଭିସେସ୍ (ପେନସନ୍) ନିୟମାବଳୀର ସଂଶୋଧନ ପ୍ରସ୍ତାବ ଗୃହୀତ ହୋଇଛି। ଶ୍ରୀମନ୍ଦିର ଜମିର ସଠିକ୍ ପରିଚାଳନା ପାଇଁ 'ଶ୍ରୀ ଜଗନ୍ନାଥ ଟେମ୍ପଲ୍ ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ରୁଲ୍ସ, ୨୦୨' କୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି।

# ନୀଳଗିରିରେ ଏକ ହଜାରରୁ ଊର୍ଦ୍ଧ୍ୱ ବିପର୍ଯ୍ୟ ପରିବାରଙ୍କୁ ସହାୟତାର ହାତ ବଢ଼ାଇଛି କଂଗ୍ରେସ

ନୀଳଗିରି,୧୨/୦୯ (ଜେଏନ୍ଏସ୍): ବନ୍ୟା ବାତ୍ୟା ପ୍ରାକୃତିକ ବିପର୍ଯ୍ୟ ସର୍ବଦା ଓଡ଼ିଶା ଭଳି ରାଜ୍ୟ ର ଚିର ସହଚର। ଏଥିରେ ଦ୍ୱିମତ ନାହିଁ। ସମୁଦ୍ର ଉପକୂଳ ବର୍ତ୍ତୀ ଅଞ୍ଚଳ ସବୁଠାରୁ ଅଧିକ କ୍ଷତି ଗ୍ରସ୍ତ ଅଞ୍ଚଳ ଭାବେ ବେଶ୍ ଜଣାଶୁଣା। ବାଲେଶ୍ୱର ତନ୍ ମଧ୍ୟରୁ ଅନ୍ୟତମ।ସର୍ବୋପରି ବାଲେଶ୍ୱର ଜିଲ୍ଲା ନୀଳଗିରି ଭଳି ପାହାଡ ଜଙ୍ଗଲ ପରିବେଷ୍ଟିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଏଥର ସବୁଠାରୁ ଅଧିକ କ୍ଷତି ଗ୍ରସ୍ତ ହୋଇଛି।ଏହି ଭଳି ଦୁଃଖଦ ସମୟରେ ନୀଳଗିରି ର କଂଗ୍ରେସ ଦଳ ପକ୍ଷରୁ ବିପନ୍ନ ପରିବାର ମାନଙ୍କୁ ସହଯୋଗ ର ହାତ ବଢ଼ାଯାଇ ଥିବା ଦେଖା ଯାଉଛି। ସୂଚନା ରୁ ଜଣାଯାଇଛି, ଗତ ବନ୍ୟା ରେ ନୀଳଗିରି ନିର୍ବାଚନ ମଣ୍ଡଳୀ ରେ ବନ୍ୟା ପ୍ରଭାବିତ ପ୍ରାୟ ଏକ ହଜାର ପରିବାର ପାଖରେ ପହଁଚି ପାରିଛି ନୀଳଗିରି କଂଗ୍ରେସ ।ଜୁଲାଇ ୨୭ ତାରିଖ ରାତିରେ ପ୍ରବଳ ବର୍ଷା ହେବା ଓ ୨୮ ତାରିଖ ସକାଳେ ହଠାତ୍ ସବୁଆଡେ ଜଳମୟ ହୋଇ ଯିବା ର ଦୁଃଖ ଆଜି ପର୍ଯ୍ୟନ୍ତ ଭୁଲି ନାହାନ୍ତି ନୀଳଗିରି ଲୋକେ।ଏତ ସହିତ ରାସ୍ତା ଘାଟ ର ଅସୁବିଧା, ରାସ୍ତା ନିର୍ମାଣ, ବନ୍ୟା ପରେ ପାନୀୟ ଜଳ ବ୍ୟବସ୍ଥା, ଆବାସ ଗୃହ ନିର୍ମାଣ ରେ ତ୍ରୁଟି, ଗ୍ରାମୀଣ ପରିମଳ




ବ୍ୟବସ୍ଥା,ସ୍କୁଲ, ଅଙ୍ଗନବାଡି କେନ୍ଦ୍ର, ସ୍ୱାସ୍ଥ୍ୟ କେନ୍ଦ୍ର, ଗୁଡିକ ର ଅବସ୍ଥା ବୁଲି ଦେଖିବା ସହିତ ସୁଧାରିବା ପାଇଁ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିଛନ୍ତି କଂଗ୍ରେସ ବ୍ଲକ ସଭାପତି ତଥା ସମାଜ ସେବୀ ତପନ କୁମାର ରାଉତ ଓ ତାଙ୍କର କଂଗ୍ରେସ ଦଳର ସହଯୋଗୀ ନେତା ଓ କର୍ମୀ ମାନେ।

ଏଠାରେ ସୂଚନା ଯୋଗ୍ୟ, ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଁପଡା ବ୍ଲକ ର ୧୧ ପଞ୍ଚାୟତ, ବାହାନଗା ବ୍ଲକ ର ୫ ପଞ୍ଚାୟତ,ସର୍ବୋପରି ନୀଳଗିରି ବ୍ଲକ ର ୧୫ ପଞ୍ଚାୟତ ର ବିପର୍ଯ୍ୟ ପରିବାର ଦୁଃଖରେ ସହଯୋଗ ହୋଇ ଥିବା ଦେଖିବାକୁ ମିଳିଛି। ବିଭିନ୍ନ ପଞ୍ଚାୟତର ବନ୍ୟା ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ଚମ୍ପ, ଶାଢ଼ୀ, ଗାମୁଛା, ବିସ୍କୁଟ, ଚୁଡ଼ା, ଗୁଡ଼ ଆଦି ରିଲିଫ୍ ସାମଗ୍ରୀ ବଣ୍ଟନ କରୁଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସର ସହାୟତା ଏବଂ ବ୍ଲକ କଂଗ୍ରେସ ସଭାପତି ଙ୍କ ମିଳିତ ଉଦ୍ୟମରେ ଏହି ସହାୟତା କାର୍ଯ୍ୟକ୍ରମ ଚାଲିଥିବା ଜଣାପଡ଼ିଛି। କେବଳ ରିଲିଫ୍ ବଣ୍ଟନ ନୁହେଁ, ବନ୍ୟା ପରେ ଲୋକଙ୍କ ସମସ୍ୟା ଓ ମୌଳିକ ସୁବିଧା ଅଭାବ ମଧ୍ୟ ଅନୁଧ୍ୟାନ କରୁଛି କଂଗ୍ରେସ। ଗ୍ରାମାଞ୍ଚଳ ରେ ରାସ୍ତା ନିର୍ମାଣ, ବନ୍ୟା ପରେ ପାନୀୟ ଜଳ ବ୍ୟବସ୍ଥା, ଆବାସ ଗୃହ ନିର୍ମାଣରେ ତ୍ରୁଟି, ଗ୍ରାମୀଣ ପରିମଳ ବ୍ୟବସ୍ଥା ସମେତ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ବୁଲି ଦେଖିବା ସହ ଏସବୁ ସମସ୍ୟାର ସମାଧାନ ପାଇଁ ଦଳ ପକ୍ଷରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଛି। ବିପନ୍ନ ସମୟରେ ଲୋକଙ୍କ ସହ ରହି ସେବା କାର୍ଯ୍ୟ ଜାରି ରଖିଥିବା ନେଇ ନୀଳଗିରି କଂଗ୍ରେସ ପକ୍ଷରୁ କୁହାଯାଇଛି। ବିଭିନ୍ନ ସେବା କାର୍ଯ୍ୟର ଦୃଶ୍ୟ ମଧ୍ୟ ସୋସିଆଲ ମିଡିଆରେ ସାମ୍ନାକୁ ଆସୁଛି। ଆଗାମୀ ଦିନରେ ମଧ୍ୟ ଅଞ୍ଚଳର ଲୋକଙ୍କ ସମସ୍ୟାରେ ସାମିଲ ହୋଇ ସହାୟତା ଜାରି ରଖିବାକୁ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଅପର ପକ୍ଷରେ, କ୍ରମାଗତ ଭାବେ ଚାଲିଥିବା ଏହି ସେବା କାର୍ଯ୍ୟକ୍ରମ ରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ଉପ-ସଭାପତି ରାମକୃଷ୍ଣ ଜେନା, ନୀଳଗିରି ନଗର ସଭାପତି ଉପେନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ଯଶୋବା ନନ୍ଦନ ସିଂହ, ଜିଲ୍ଲା କଂଗ୍ରେସ ସମ୍ପାଦକ ରାହାସ ବିହାରୀ ମହାପାତ୍ର, ବ୍ଲକ କଂଗ୍ରେସ ଉପ-ସଭାପତି ପିତାମ୍ବର ମିଶ୍ର, ବ୍ଲକ କଂଗ୍ରେସ ଉପ-ସଭାପତି ସୁରେନ୍ଦ୍ର ଦାସ, ବ୍ଲକ କଂଗ୍ରେସ ଉପସଭାପତି ଜୟନ୍ତ ଦାସ, ପୂର୍ବତନ ସରପଞ୍ଚ ପିତାମ୍ବର ସିଂହ, ଯୁବକଂଗ୍ରେସ ନେତା ଅଶ୍ୱିନୀ ପାତ୍ର, ବାହାନଗା ଜୋନ ଯୁବ କଂଗ୍ରେସ ନେତା ଉମେଶ ଧଳ, ଡ଼ି ଏନ ପୁର କଂଗ୍ରେସ ସଭାପତି ବାସୁଦେବ ପାତ୍ର., ପଣପଣା ପଞ୍ଚାୟତ ର ପୂର୍ବତନ ସରପଞ୍ଚ ପ୍ରଦୀପ ବେହେରା, ପୂର୍ବତନ ସରପଞ୍ଚ ଦୟାନିଧି ଗିରି, ସୁଶାନ୍ତ ନାୟକ ପୂର୍ବତନ ଜିଲ୍ଲା ପରିଷଦ ରୁକ୍ମଣୀ ସିଂ, ପ୍ରମୁଖ ବହୁ ନେତାଓ କର୍ମୀ ସହଯୋଗ କରି ଥିବା ଦେଖା ଯାଇଛି ।

# ବାଲେଶ୍ୱରରୁ ୫ ବିରଳ ଓରାଙ୍ଗଉଟାଙ୍ଗ ଶାବକ ଉଦ୍ଧାର

- ▸▸ ଆନ୍ତର୍ଜାତୀୟ ବନ୍ୟପ୍ରାଣୀ ସ୍ମଗଲିଂ ସନ୍ଦେହ, ଖୋଳତାଡ଼ କରୁଛି ଏସ୍‌ଟିଏଫ୍"
- ▸▸ ବିଚିତ୍ରପୁର ଜଙ୍ଗଲରେ ଛାଡ଼ି ପଳାଇଲେ ସ୍ମଗଲର
- ▸▸ ନନ୍ଦନକାନନରେ ଚାଲିଛି 'ଟେଡି ବିୟର ଥେରାପି
- ▸▸ ଲକ୍ଷ ଲକ୍ଷ ଟଙ୍କାର ଆନ୍ତର୍ଜାତୀୟ ବଜାର ମୂଲ୍ୟ



ଭୁବନେଶ୍ୱର/ବାଲେଶ୍ୱର, ୧୨/୦୯ (ଜେଏନ୍ଏସ୍) : ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଞ୍ଚଳରୁ ୫ଟି ବିରଳ ଓରାଙ୍ଗଉଟାଙ୍ଗ ଶାବକ ଉଦ୍ଧାର ହେବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଭାରତରେ ଓରାଙ୍ଗଉଟାଙ୍ଗ ପ୍ରାକୃତିକ ଭାବେ ଦେଖାଯାଉ ନଥିବାରୁ, ଏହା ଏକ ବଡ଼ ଆନ୍ତର୍ଜାତୀୟ ବନ୍ୟପ୍ରାଣୀ ଚୋରା ଚାଲାଣ ରାକେଟ୍‌ର କାରନାମା ବୋଲି ସନ୍ଦେହ କରାଯାଉଛି। ଉଦ୍ଧାର ଶାବକଗୁଡ଼ିକୁ ସୁରକ୍ଷିତ ଭାବେ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଅଣାଯାଇଛି।

ସୂଚନା ଅନୁଯାୟୀ, ଭୋଗରାଇ ବ୍ଲକର ଉଦୟପୁର-ତାଳସାରୀ କିମ୍ବା ବିଚିତ୍ରପୁର ସୀମାନ୍ତ ଝାଉଁ ଜଙ୍ଗଲରେ କିଛି ଅଜଣା ଜୀବ ଗଛ ଉପରେ ବସିଥିବା ସ୍ଥାନୀୟ ବନ ସୁରକ୍ଷା ସମିତିର ସଦସ୍ୟ ଓ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ସେମାନେ ତୁରନ୍ତ ବନ ବିଭାଗକୁ ଖବର ଦେବା ପରେ ଏହି ବିରଳ ଜୀବମାନଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାଙ୍ଗ ମଧ୍ୟରୁ ୩ଟି ଅଣ୍ଡିରା ଓ ୨ଟି ମାଈ ଶାବକ ଥିବାବେଳେ ସେମାନଙ୍କ ବୟସ ପ୍ରାୟ ୬ ରୁ ୧୨ ମାସ ମଧ୍ୟରେ ହେବ ବୋଲି ଜଣାପଡ଼ିଛି। ଘଟଣାସ୍ଥଳ ନିକଟସ୍ଥ ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି ଯେ, ଏକ କଳା ରଙ୍ଗର ଥର୍ ଗାଡ଼ି ସେହି ଅଞ୍ଚଳକୁ ଯାଇ ମାତ୍ର ୧୫ ମିନିଟ୍ ମଧ୍ୟରେ ଫେରିଆସିଥିଲା। ବନ ବିଭାଗର ପାଟ୍ରୋଲିଂ ଡରରେ କିମ୍ବା ଧରାପଡ଼ିବା ଭୟରେ ଚୋରା ଚାଲାଣକାରୀମାନେ ଶାବକଗୁଡ଼ିକୁ ଜଙ୍ଗଲରେ ଛାଡ଼ି ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି। ଏହି ଆନ୍ତର୍ଜାତୀୟ ରାକେଟ୍‌ର ପର୍ଦ୍ଦାଫାଶ କରିବା ପାଇଁ ଓଡ଼ିଶା ପୋଲିସର ଏସ୍‌ଟିଏଫ୍, ବନ ବିଭାଗ ଏବଂ କେନ୍ଦ୍ରୀୟ ସଂସ୍ଥା ଡବ୍ଲ୍ୟୁସିସିବି ମିଳିତ ଭାବେ ତଦନ୍ତ ଚଳାଇଛନ୍ତି। ତଦନ୍ତକାରୀ ଦଳ ପଶ୍ଚିମବଙ୍ଗର ଦୀଘା ପର୍ଯ୍ୟନ୍ତ ଯାଇ ଖୋଳତାଡ଼ ଆରମ୍ଭ କରିଛନ୍ତି। ସମସ୍ତ ୫ଟି ଶାବକଙ୍କୁ ନନ୍ଦନକାନନର ସ୍ୱତନ୍ତ୍ର କ୍ୱାରେଣ୍ଟାଇନ କକ୍ଷରେ ସିସିଟିଭି ନଜରରେ ରଖାଯାଇଛି। ସେମାନଙ୍କ ମଧ୍ୟରୁ କେତେକଙ୍କୁ ଥଣ୍ଡା ଓ ଜ୍ୱର ହୋଇଥିବାରୁ ବିଶେଷଜ୍ଞ ଡାକ୍ତରୀ ଦଳ ସେମାନଙ୍କ ଚିକିତ୍ସା କରୁଛନ୍ତି। ମାଆଠାରୁ ଅଲଗା ହୋଇଥିବାରୁ ଏବଂ ଦୀର୍ଘ ଯାତ୍ରା ଯୋଗୁଁ ଶାବକମାନେ ମାନସିକ ସ୍ତରରେ ବହୁତ ଡରିଯାଇଛନ୍ତି। ସେମାନଙ୍କ ମନ ବଦଳାଇବା ଓ ଆରାମ ଦେବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ସେମାନଙ୍କୁ ଖେଳିବା ପାଇଁ କୁନି କୁନି ଖେଳନା ଭାଲୁ ଦେଇଛନ୍ତି, ଯାହାକୁ ଶାବକମାନେ କୁଣ୍ଢାଇ ଧରି ଶୋଉଥିବା ଦେଖିବାକୁ ମିଳିଛି।

ଓରାଙ୍ଗଉଟାଙ୍ଗ କେବଳ ଇଣ୍ଡୋନେସିଆ ଓ ମାଲେସିଆର ଜଙ୍ଗଲରେ ଦେଖାଯାନ୍ତି। ଆନ୍ତର୍ଜାତୀୟ ବଜାରରେ ଏହି ଶାବକଗୁଡ଼ିକର ମୂଲ୍ୟ ପ୍ରାୟ ୨୦ ରୁ ୨୫ ଲକ୍ଷ ଟଙ୍କା ଲେଖାଏଁ ହେବ ବୋଲି କୁହାଯାଉଛି। ପୂର୍ବରୁ ୨୦୧୯ ମସିହାରେ ନନ୍ଦନକାନନର ଏକମାତ୍ର ବୃଦ୍ଧ ଓରାଙ୍ଗଉଟାଙ୍ଗ 'ବିନି'ର ମୃତ୍ୟୁ ହୋଇଥିଲା। ଏବେ ଏହି ଶାବକଗୁଡ଼ିକର ପ୍ରଜାତି ସ୍ପଷ୍ଟ କରିବା ପାଇଁ DNA ପରୀକ୍ଷା କରାଯିବ। କେନ୍ଦ୍ର ସରକାର ଓ ଆନ୍ତର୍ଜାତୀୟ ବନ୍ୟପ୍ରାଣୀ ସଂସ୍ଥାର ଅନୁମତି ମିଳିଲେ, ଭବିଷ୍ୟତରେ ଏମାନଙ୍କୁ ନନ୍ଦନକାନନରେ ଦର୍ଶକଙ୍କ ପାଇଁ ପ୍ରଦର୍ଶିତ କରାଯିବାର ଯୋଜନା ରହିଛି।

## ଓଡ଼ିଶାରେ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର ଏନଆଇଏ କୋର୍ଟ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨/୦୯ (ଜେଏନ୍ଏସ୍) : ଦେଶରେ ଆତଙ୍କବାଦ ଏବଂ ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ସମ୍ବେଦନଶୀଳ ମାମଲାଗୁଡ଼ିକର ଶୀଘ୍ର ବିଚାର ଓ ଫୈସଲା ପାଇଁ ସୁପ୍ରିମକୋର୍ଟ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ତୁରନ୍ତ ସ୍ୱତନ୍ତ୍ର ଏକ୍ସକ୍ଲୁସିଭ୍ ଏନଆଇଏ ଅଦାଲତ ପ୍ରତିଷ୍ଠା କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ହାଇକୋର୍ଟଙ୍କ ସହ ଆଲୋଚନା କରି ଆସନ୍ତା ୪ ସପ୍ତାହ ମଧ୍ୟରେ ଏହି କୋର୍ଟ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ସୁପ୍ରିମକୋର୍ଟଙ୍କ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ସ୍ୱତଃପ୍ରବୃତ୍ତ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାୟାଳୟ କହିଛନ୍ତି ଯେ, ଏନଆଇଏ ମାମଲାଗୁଡ଼ିକ ବର୍ଷ ବର୍ଷ ଧରି ପଡ଼ି ରହିବା ଉଭୟ ଅଭିଯୁକ୍ତ ଏବଂ ପୀଡ଼ିତଙ୍କ ଅଧିକାରକୁ କ୍ଷୁଣ୍ଣ କରୁଛି, ତେଣୁ ଏହି କୋର୍ଟଗୁଡ଼ିକରେ କେବଳ ଏନଆଇଏ ମାମଲାର ଦୈନିକ ଶୁଣାଣି କରାଯିବ।

## ରାଶିଫଳ

**ମେଷ :** କର୍ମକ୍ଷେତ୍ରରେ ନୂତନ ସୁଯୋଗ ମିଳିବ ଏବଂ ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପରିବାରରେ ହସଖୁସିର ପରିବେଶ ରହିବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ଟିକେ ସତର୍କ ରୁହନ୍ତୁ।

**ବୃଷ :** ବ୍ୟବସାୟରେ ଲାଭ ମିଳିବ ଏବଂ ଅଟକି ରହିଥିବା ଧନ ଫେରସ୍ତ ପାଇବେ। ଜୀବନସାଥୀଙ୍କ ସହ ସମ୍ପର୍କ ମଧୁର ହେବ ଏବଂ ମନ ପ୍ରସନ୍ନ ରହିବ।

**ମିଥୁନ :** ଚାକିରିରେ କଠିନ ପରିଶ୍ରମ କରିବାକୁ ପଡ଼ିବ ଏବଂ ଖର୍ଚ୍ଚ ବୃଦ୍ଧି ହେବାର ସମ୍ଭାବନା ଅଛି। ବାଣୀ ଉପରେ ନିୟନ୍ତ୍ରଣ ରଖନ୍ତୁ, ନଚେତ୍ ଅନ୍ୟମାନଙ୍କ ସହ ବିବାଦ ଦେଖାଦେଇପାରେ।

**କର୍କଟ :** ଭାଗ୍ୟର ସହଯୋଗ ମିଳିବ, ଯାହାଦ୍ୱାରା ଆପଣଙ୍କର ସମସ୍ତ ଅଧୁରା କାମ ସମ୍ପୂର୍ଣ୍ଣ ହେବ। ସନ୍ତାନମାନଙ୍କ ତରଫରୁ ଶୁଭ ସମାଚାର ମିଳିବ ଏବଂ ସ୍ୱାସ୍ଥ୍ୟ ଭଲ ରହିବ।

**ସିଂହ :** କର୍ମକ୍ଷେତ୍ରରେ ମାନ-ସମ୍ମାନ ବୃଦ୍ଧି ହେବ ଏବଂ ନୂତନ ନିବେଶ ପାଇଁ ସମୟ ଅନୁକୂଳ ଅଟେ। ପୁରୁଣା ବନ୍ଧୁଙ୍କ ସହ ଦେଖାହୋଇପାରେ ଏବଂ ମାନସିକ ଶାନ୍ତି ମିଳିବ।

**କନ୍ୟା :** ଆର୍ଥିକ ନେଣଦେଣରେ ସତର୍କତା ଅବଲମ୍ବନ କରନ୍ତୁ ଏବଂ କାହାରିକୁ ଋଣ ଦିଅନ୍ତୁ ନାହିଁ। ପରିବାର ସଦସ୍ୟଙ୍କ ସହ ମତାନ୍ତର ହୋଇପାରେ, ତେଣୁ ନିଜକୁ ଶାନ୍ତ ରଖିବାକୁ ଚେଷ୍ଟା କରନ୍ତୁ।

**ତୁଳା :** ବ୍ୟବସାୟରେ ନୂତନ ଚୁକ୍ତି ହୋଇପାରେ, ଯାହା ଭବିଷ୍ୟତ ପାଇଁ ଲାଭଦାୟକ ହେବ। ପ୍ରେମ ଜୀବନ ଆନନ୍ଦମୟ ହେବ ଏବଂ ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ।

**ବିଛା :** କର୍ମକ୍ଷେତ୍ରରେ ଶତ୍ରୁମାନେ ପରାଜିତ ହେବେ ଏବଂ ଆପଣଙ୍କର ପ୍ରତିପତ୍ତି ବୃଦ୍ଧି ପାଇବ। ଅଯଥା ଦୌଡ଼ାଦୌଡ଼ି ଯୋଗୁଁ ଶାରୀରିକ କ୍ଳାନ୍ତି ଅନୁଭବ କରିପାରନ୍ତି, ତେଣୁ ବିଶ୍ରାମ ନିଅନ୍ତୁ।

**ଧନୁ :** ଶିକ୍ଷା ଓ ପ୍ରତିଯୋଗିତାରେ ବିଦ୍ୟାର୍ଥୀମାନେ ସଫଳତା ପାଇବେ ଏବଂ ଆୟର ନୂଆ ଉତ୍ସ ମିଳିବ। ପରିବାର ସହ କୌଣସି ଧାର୍ମିକ ସ୍ଥଳକୁ ଯାତ୍ରା କରିବାର ଯୋଗ ରହିଛି।

**ମକର :** ଜମିବାଡ଼ି କିମ୍ବା ଯାନବାହନ କିଣିବାର ସୁଯୋଗ ମିଳିପାରେ, କିନ୍ତୁ କାର୍ଯ୍ୟଭାର ଅଧିକ ରହିବ। ମାତାଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଘରର ପରିବେଶ ଶାନ୍ତ ରଖନ୍ତୁ।

**କୁମ୍ଭ :** ଆପଣଙ୍କର ପରାକ୍ରମ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ, ଯାହା କ୍ୟାରିୟରରେ ସଫଳତା ଆଣିଦେବ। ସାନ ଭାଇଭଉଣୀଙ୍କ ସହଯୋଗ ମିଳିବ ଏବଂ ସାମାଜିକ କାର୍ଯ୍ୟରେ ରୁଚି ବଢ଼ିବ।

**ମୀନ :** ଆର୍ଥିକ ସ୍ଥିତି ମଜବୁତ ହେବ ଏବଂ ସୁଆଦିଆ ଭୋଜନର ଆନନ୍ଦ ନେବେ। ପରିବାରରେ କୌଣସି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇପାରେ ଏବଂ ସ୍ୱାସ୍ଥ୍ୟ ଉତ୍ତମ ରହିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବ୍ରିକ୍ସ ସମ୍ମିଳନୀ...

ହେବାକୁ ଥିବା ହାଇ-ପ୍ରୋଫାଇଲ ଦ୍ୱିପାକ୍ଷିକ ବୈଠକ ଉପରେ ସାରା ବିଶ୍ୱର ନଜର ରହିଛି। ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା କମାଇବା ପାଇଁ ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ସଦସ୍ୟ ଦେଶଗୁଡ଼ିକ ନିଜ ନିଜ ମଧ୍ୟରେ ବାଣିଜ୍ୟ କାରବାର ପାଇଁ ସ୍ଥାନୀୟ ମୁଦ୍ରାର ବ୍ୟବହାର ବଢ଼ାଇବା ସହ ନିଉ ଡେଭେଲପମେଣ୍ଟ ବ୍ୟାଙ୍କ ମାଧ୍ୟମରେ ଏହାକୁ ଆଗକୁ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଆଜି ପ୍ରଥମ ଦିନରେ 'ଅନ୍ତର୍ଭୁକ୍ତୀକରଣ ବିଶ୍ୱ ଶାସନ ଏବଂ ବହୁପାକ୍ଷିକତାର ସୁଦୃଢ଼ୀକରଣ' ଶୀର୍ଷକ ଏକ ବନ୍ଦ କୋଠରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ବିଶ୍ୱ ନେତାମାନେ 'ଭାରତ ଇନୋଭେଟ୍ସ' ପ୍ରଦର୍ଶନୀ ବୁଲି ଦେଖିବା ସହ ମିଳିତ ଭାବେ ବୃକ୍ଷରୋପଣ କରିଥିଲେ. ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ନୈଶଭୋଜିରେ ସମସ୍ତ ଅତିଥି ଯୋଗ ଦେଇଛନ୍ତି। ସମ୍ମିଳନୀକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀରେ ୩୦, ୦୦୦ ରୁ ଅଧିକ ଅତିରିକ୍ତ ସୁରକ୍ଷାକର୍ମୀଧ ମୁତୟନ କରାଯାଇଛି. ଦିଲ୍ଲୀ ପୋଲିସ ପକ୍ଷରୁ କଡ଼ା ଟ୍ରାଫିକ କଟକଣା ଜାରି କରାଯିବା ସହ ସମଗ୍ର ସେଣ୍ଟ୍ରାଲ ଦିଲ୍ଲୀ ଅଞ୍ଚଳରେ ହାଇ-ଆଲର୍ଟ ଜାରି କରାଯାଇଛି। ଆସନ୍ତାକାଲି (୧୩ ସେପ୍ଟେମ୍ବର) ଅଂଶୀଦାର ଦେଶଗୁଡ଼ିକୁ ନେଇ ମୁକ୍ତ ଅଧିବେଶନ ଅନୁଷ୍ଠିତ ହେବ।

### ନନ୍ଦନକାନନ ପ୍ରାଣୀ...

ହେବ ବୋଲି ଆଶା କରାଯାଉଛି। ନନ୍ଦନକାନନକୁ ଆସିଥିବା ଏହି ୫୮ ଟି ପ୍ରାଣୀଙ୍କ ମଧ୍ୟରେ ଅନେକ ଆକର୍ଷଣୀୟ ପ୍ରାଇମେଟ୍ସ (ମାଙ୍କଡ଼ ପ୍ରଜାତି) ରହିଛନ୍ତି। ସେଗୁଡ଼ିକ ମଧ୍ୟରେ କପା କପାଳିଆ ଟାମାରିନ୍, ସୁନା ହାତ ବିଶିଷ୍ଟ ଟାମାରିନ୍, ସିଆମାଙ୍ଗ, ବ୍ଲାକ୍-ଟଫ୍‌ଟେଡ୍ ମାର୍ମୋସେଟ୍, କମନ୍ ମାର୍ମୋସେଟ୍, ଜେଫ୍ରିଜ୍ ମାର୍ମୋସେଟ୍ ଏବଂ ସ୍କ୍ୱଇରେଲ୍ ମଙ୍କି ଆଦି ସାମିଲ ଅଛନ୍ତି। ଏହା ସହିତ କିଛି ସ୍ୱତନ୍ତ୍ର ବିଦେଶୀ ପକ୍ଷୀ ଓ ସରୀସୃପ ମଧ୍ୟ ଅଛନ୍ତି। ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ବାହାରୁ ଆସିଥିବା ସମସ୍ତ ପ୍ରାଣୀଙ୍କୁ ସୁରକ୍ଷିତ ଭାବେ ସ୍ୱତନ୍ତ୍ର କ୍ୱାରେଣ୍ଟାଇନ୍ ୱାର୍ଡରେ ରଖାଯାଇଛି। ଓଡ଼ିଶାର ପାଣିପାଗ ଏବଂ ପରିବେଶ ସହ ଖାପ ଖୁଆଇବା ପାଇଁ ପ୍ରାୟ ୩୦ରୁ ୪୫ ଦିନ ପର୍ଯ୍ୟନ୍ତ ସେମାନଙ୍କୁ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖାଯିବ। ସେମାନଙ୍କ ଖାଦ୍ୟପେୟ ଏବଂ ସ୍ୱାସ୍ଥ୍ୟ ଉପରେ ଚବିଶ ଘଣ୍ଟା ନଜର ରଖାଯାଉଛି। ଏହା ପରେ ପର୍ଯ୍ୟଟକମାନେ ଏହି ନୂଆ ଜୀବଙ୍କୁ ଦେଖିବାର ସୁଯୋଗ ପାଇବେ। ଅନ୍ୟପଟେ ନିକଟରେ ବାଲେଶ୍ୱରରୁ ଉଦ୍ଧାର ହୋଇଥିବା ୫ଟି ବିରଳ ଓରାଙ୍ଗଉଟାନ ମଧ୍ୟ ବର୍ତ୍ତମାନ ନନ୍ଦନକାନନରେ କ୍ୱାରେଣ୍ଟାଇନରେ ଅଛନ୍ତି, ଯାହା ପର୍ଯ୍ୟଟକଙ୍କ ପାଇଁ ଆଉ ଏକ ବଡ଼ ଆକର୍ଷଣ ସାଜିବ।

### ଭିତରକନିକାରେ ପକ୍ଷୀ...

୧,୪୧୯ଟି ଗଛରେ ୨୮,୦୬୪ଟି ବସା ଚିହ୍ନଟ କରାଯାଇଛି ଥି୧.୩.୩ଧ। ପୂର୍ବ ବର୍ଷ ଭଳି ଚଳିତ ଥର ମଧ୍ୟ ଏସୀୟ ଗେଣ୍ଡାଳିଆ ସବୁଠାରୁ ଅଧିକ ସଂଖ୍ୟାରେ ଆସିଛନ୍ତି, ଯାହାଙ୍କର ପ୍ରାୟ ୧୬,୧୧୧ଟି ବସା ଓ ୭୦,୯୨୫ଟି ପକ୍ଷୀ ରେକର୍ଡ କରାଯାଇଛି । ଗେଣ୍ଡାଳିଆଙ୍କ ବ୍ୟତୀତ ଅଞ୍ଜନା, ଖଇରା, ରାଣୀବଗ, କପାରଖାଇ ଏବଂ ପାଣିଡୁବି ଭଳି ପକ୍ଷୀଙ୍କ ବଂଶବୃଦ୍ଧି ମଧ୍ୟ ଦେଖିବାକୁ ମିଳିଛି । ବନ ବିଭାଗର ୪ଟି ସ୍ୱତନ୍ତ୍ର ଟିମ୍ ମାଗ୍ରୋଭ୍ ସଂଲଗ୍ନ ଦୁର୍ଗମ ନାଳ ଏବଂ ନଦୀପଥ ଦେଇ ଏହି ବିପଦପୂର୍ଣ୍ଣ ଗଣନା କାର୍ଯ୍ୟ ସଫଳତାର ସହ ଶେଷ କରିଛନ୍ତି ।

### ବ୍ୟାଙ୍କ ଧର୍ମଘଟ...

ବ୍ୟାଙ୍କଗୁଡ଼ିକର ଅର୍ଦ୍ଧବାର୍ଷିକ ଆକାଉଣ୍ଟ କ୍ଲୋଜିଂ ସମୟ ହୋଇଥିବାରୁ ବ୍ୟବସାୟିକ କାରବାର ଗମ୍ଭୀର ଭାବେ ପ୍ରଭାବିତ ହେବ। ଏହା ସତ୍ତ୍ୱେ ଯଦି ସମସ୍ୟାର ସମାଧାନ ନ ହୁଏ, ତେବେ ଅକ୍ଟୋବର ୨୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ସୂଚନା ଦେଇଛି। ୫ ଦିନିଆ କାର୍ଯ୍ୟଦିବସ ପ୍ରତି ଶନିବାରକୁ ସମ୍ପୂର୍ଣ୍ଣ ଛୁଟି ଘୋଷଣା କରିବା। ଗତକାଲିର ଧର୍ମଘଟ, ଆଜି ଦ୍ୱିତୀୟ ଶନିବାର, ଆସନ୍ତାକାଲି ରବିବାର ଏବଂ ସୋମବାର ଗଣେଶ ପୂଜା ଛୁଟି ଯୋଗୁଁ ଲଗାତାର ୪ ଦିନ ବ୍ୟାଙ୍କ ବନ୍ଦ ରହିଛି।

### ବିନା ଓଟିପି, ବିନା...

ସେୟାର କରନ୍ତୁ ନାହିଁ। ମନେରଖନ୍ତୁ, ଟଙ୍କା ପାଇବା ପାଇଁ କେବେବି ୟୁପିଆଇ ପିନ୍ ମାରିବାକୁ ପଡ଼େନାହିଁ। ଦୋକାନୀମାନେ ଟଙ୍କା ଗ୍ରହଣ କଲାବେଳେ କେବଳ ଗ୍ରାହକଙ୍କ ମୋବାଇଲ୍ ସ୍କ୍ରିନସଟ୍ ନଦେଖି, ନିଜ ବ୍ୟାଙ୍କ ଆକାଉଣ୍ଟ ବାଲାନ୍ସ କିମ୍ବା ଭଏସ୍ ବକ୍ସର ଆଲର୍ଟ ନିଶ୍ଚିତ ଚେକ୍ କରନ୍ତୁ। ଯଦି ଆପଣ କୌଣସି ପ୍ରକାର ସାଇବର ଠକେଇର ଶିକାର ହେଉଛନ୍ତି, ତେବେ ଗୋଟିଏ ସେକେଣ୍ଡ ବି ନଷ୍ଟ ନକରି ତୁରନ୍ତ ଜାତୀୟ ହେଲ୍ପଲାଇନ ନମ୍ବର ୧୯୩୦ କୁ କଲ୍ କରନ୍ତୁ କିମ୍ବା cybercrime.gov.inରେ ଅଭିଯୋଗ କରନ୍ତୁ।

# ବୀର ବାଘାଯତୀନଙ୍କ ସହିଦ ଦିବସ ପାଳିତ




ବାଲେଶ୍ୱର, ୧୨/୦୯ (ଜେଏନ୍ଏସ୍): ଭାରତର ସ୍ୱାଧୀନତା ସଂଗ୍ରାମର ମହାନ ବିପ୍ଲବୀ, ଭାରତ ମାତାର ସୁଯୋଗ୍ୟ ସନ୍ତାନ, ମୁକ୍ତି ଯୋଦ୍ଧା, ଅଦମ୍ୟ ସାହସ, ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ ସଶସ୍ତ୍ର ସଂଗ୍ରାମର ରଣ ହୁଙ୍କାର ଦେଇଥିବା ମହାନ ଯୋଦ୍ଧା, ଦେଶପ୍ରେମ ଓ ଆତ୍ମତ୍ୟାଗର ପ୍ରତୀକ ବୀର ବାଘାଯତୀନଙ୍କ ସହିଦ ଦିବସ ଆଜି ବାଲେଶ୍ୱର ଜିଲ୍ଲାରେ ଶ୍ରଦ୍ଧା ଓ ଗମ୍ଭୀରତାର ସହ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ସହଯୋଗରେ ବାଘାଯତୀନ ଉନ୍ନୟନ କମିଟି ଓ ବାଘାଯତୀନ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ପୂର୍ବାହ୍ନରେ ବାଲେଶ୍ୱର ସହରର ବାରବାଟୀ ବାଳିକା ହାଇସ୍କୁଲ୍ ସ୍ଥିତ ପୂର୍ବତନ ହସ୍ପିଟାଲ ପରିସର ଏବଂ ରେମୁଣା ବ୍ଲକ୍‌ର ଚଷାଖଣ୍ଡ ଅଞ୍ଚଳରେ ବଘା ଯତୀନଙ୍କ ୧୧୧ ତମ ସ୍ମୃତି ସହିଦ ଦିବସ ପାଳନ ହୋଇଯାଇଛି. ଏହି ଅବସରରେ ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ସମ୍ମାନନୀୟ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ, ବାଘା ଯତୀନଙ୍କ ଜନ୍ମଭୂମି ତଥା ରକ୍ତ ତୀର୍ଥ ଯାତ୍ରୀରୁ ୩୪ଜଣ ପ୍ରମୁଖ ବ୍ୟକ୍ତି ଯୋଗଦେଇ ବୀର ବାଘାଯତୀନଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ବାଘାଯତୀନ ଉନ୍ନୟନ କମିଟିର କାର୍ଯ୍ୟକାରୀ ସଭାପତି ସୁଜିତ କୁମାର ଦେବ, ସାଧାରଣ ସମ୍ପାଦକ ହରେନ୍ ରଣାଙ୍କ ସମେତ କମିଟିର ସଦସ୍ୟ ମାନେ ସ୍ଥାନୀୟ ବାରବାଟୀ ସ୍କୁଲ ପରିସରରେ ଏବଂ ବାଘାଯତୀନ ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି ଗୋପୀନାଥ ସେନାପତି ଏବଂ ସାଧାରଣ ସମ୍ପାଦକ ସର୍ବେଶ୍ୱର ମହାନ୍ତିଙ୍କ ସମେତ ପରିଷଦର ସଦସ୍ୟ ମାନେ ରେମୁଣା ବ୍ଲକ ସ୍ଥିତ ଚଷାଖଣ୍ଡ ଠାରେ ଏହି ଐତିହାସିକ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।

ଏହି ଦିବସ ପାଳନ ଅବସରରେ ବାଘାଯତୀନଙ୍କ ଐତିହାସିକ ସଂଗ୍ରାମ ଓ ବଳିଦାନକୁ ସ୍ମରଣ କରାଯାଇଥିଲା। ଐତିହାସିକ ତଥ୍ୟ ଅନୁଯାୟୀ, ବାଘାଯତୀନଙ୍କ ସହ ମୋଟ ପାଞ୍ଚଜଣ ବିପ୍ଳବୀ ଏହି ସଂଘର୍ଷରେ ସାମିଲ ଥିଲେ। ସେମାନଙ୍କ ମଧ୍ୟରୁ ତିନିଜଣ ଆକ୍ରମଣର ଶିକାର ହୋଇଥିବା ବେଳେ ଦୁଇଜଣ ଗିରଫ ହୋଇଥିଲେ। ଚଷାଖଣ୍ଡଠାରେ ଘଟିଥିବା ସଶସ୍ତ୍ର ସଂଘର୍ଷ ସ୍ୱାଧୀନତା ଆନ୍ଦୋଳନର ଏକ ସାହସିକ ଅଧ୍ୟାୟ ଭାବେ ଆଜି ମଧ୍ୟ ସ୍ମରଣୀୟ। ଏହି ସଂଘର୍ଷ ସମୟରେ ଜଣେ ବିପ୍ଳବୀ ଘଟଣାସ୍ଥଳରେ ସହିଦ ହୋଇଥିଲେ।

ବାଘାଯତୀନଙ୍କ ଆଦର୍ଶ ଓ ବଳିଦାନକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଏବଂ ତାଙ୍କ ଐତିହାସିକ ସ୍ମୃତିସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ବିକାଶ ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ବୀର ବାଘାଯତୀନଙ୍କ ଅମର ଗାଥା ଓ ଦେଶପ୍ରେମର ଆଦର୍ଶ ଯୁବପିଢ଼ିକୁ ଦେଶ ଓ ସମାଜର ସେବା ପାଇଁ ସଦା ସର୍ବଦା ପ୍ରେରଣା ଯୋଗାଇବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳିତ

## ଆଶା, ସଚେତନତା ଓ ସମୟୋଚିତ ସହାୟତା ଉପରେ ଗୁରୁତ୍ୱାରୋପ



ନୀଳଗିରି , ୧୨/୦୯ (ଜେଏନ୍ଏସ୍): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ-୨୦୨୬ ଅବସରରେ ପ୍ରୟୋଗାତ୍ମକ ମନୋବିଜ୍ଞାନ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆତ୍ମହତ୍ୟା ନିବାରଣ କ୍ଷେତ୍ରରେ ଆଶାର ସଞ୍ଚାର, ସହାନୁଭୂତି ଓ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତାକୁ କେନ୍ଦ୍ର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଖୋଲା ଆଲୋଚନା, ପ୍ରାରମ୍ଭିକ ସହାୟତା ଓ ସମୟୋପଯୋଗୀ ପରାମର୍ଶର ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ମାନସିକ ସୁସ୍ଥତା ସାମଗ୍ରିକ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଏଭଳି ପରିବେଶ ସୃଷ୍ଟି କରିବା ଉଚିତ, ଯେଉଁଠାରେ ପ୍ରତ୍ୟେକ ଶିକ୍ଷାର୍ଥୀ ନିଜକୁ ଶୁଣାଯାଉଥିବା, ସମ୍ମାନିତ ଓ ସହଯୋଗ ପ୍ରାପ୍ତ ଅନୁଭବ କରିବେ। ଏଥିସହ ସମାଜ କ୍ଷେତ୍ରରେ ନିଜର ମତାମତ ପ୍ରକାଶର ଦକ୍ଷତା, ଆଶା ଓ ମାନବୀୟ ସମ୍ପର୍କ ଜୀବନ ରକ୍ଷା କରିପାରେ ବୋଲି ସେ ଉଲ୍ଲେଖ କରିଥିଲେ।

ମୁଖ୍ୟବକ୍ତା ଭାବେ କଲିକତା ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ପ୍ରଫେସର ଦୀପଶିଖା ରାୟ ଯୋଗଦେଇ, ଆତ୍ମହତ୍ୟାର ସତର୍କ ସଙ୍କେତକୁ ଚିହ୍ନଟ କରିବା, ମାନସିକ ସ୍ୱାସ୍ଥ୍ୟକୁ ନେଇ ଥିବା ସଙ୍କୋଚ ଦୂର କରିବା ଓ ସମୟୋଚିତ ମନସ୍ତାତ୍ତ୍ୱିକ ସହାୟତା ମାଧ୍ୟମରେ ମାନସିକ ଦୃଢ଼ତା ବିକାଶର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ଆତ୍ମହତ୍ୟା ନିବାରଣ କେବଳ ବ୍ୟକ୍ତିଗତ ନୁହେଁ, ବରଂ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି କହିଥିଲେ । ସହାନୁଭୂତି, ମନୋଯୋଗ ସହ ଶୁଣିବାର ମନୋଭାବ ଓ ସହଯୋଗପୂର୍ଣ୍ଣ ଶିକ୍ଷା ପରିବେଶ ଏଥିପାଇଁ ଅତ୍ୟନ୍ତ ଜରୁରୀ। ସେ ଛାତ୍ରଛାତ୍ରୀଙ୍କୁ ବିନା ଦ୍ୱିଧାରେ ସହାୟତା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଶ୍ରୀ ଶଶାଙ୍କ ଶେଖର ଗଡ଼ନାୟକ ଦିବସ ପାଳନର ତାତ୍ପର୍ଯ୍ୟ ଓ ଯୁବପିଢ଼ି ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତାଧର୍ମୀ ନାଟିକା ପରିବେଷଣ କରାଯାଇଥିଲା। ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସକୁ କେନ୍ଦ୍ର କରି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜୟୀମାନଙ୍କୁ ସହକାରୀ ଅଧ୍ୟାପିକା ଜୟନ୍ତୀ ମାଲାଙ୍କ ସଂଯୋଜନାରେ ପୁରସ୍କୃତ କରାଯାଇଥିଲା।

# ଏ ସପ୍ତାହର ପ୍ରମୁଖ ଖବର

✦ **ଲଘୁଚାପ ସକ୍ରିୟ :** ସେପ୍ଟେମ୍ବର ୨୨ ବେଳକୁ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ ସକ୍ରିୟ ହେବାର ସମ୍ଭାବନା ରହିଛି ।

✦ **ନେପାଳରେ ଭୟଙ୍କର ବନ୍ୟା :** ପ୍ରବଳ ବର୍ଷା ଯୋଗୁଁ ନେପାଳର ୫ଟି ପ୍ରମୁଖ ଟନେଲ୍ ଭିତରେ ଅନେକ ଲୋକ ଫସି ରହିଛନ୍ତି, ସେମାନଙ୍କୁ ଉଦ୍ଧାର କରିବା ପାଇଁ ସେନା ଓ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଚେଷ୍ଟା ଜାରି ରହିଛି ।

✦ **ଉପମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ :** ଓଡ଼ିଶାରେ ଉପମୁଖ୍ୟମନ୍ତ୍ରୀ ପଦ ସମ୍ବିଧାନ ବିରୋଧୀ କି ନୁହେଁ, ସେ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ।

✦ **ସିଏମ୍ କିସାନରେ ସହାୟତା :** ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟର ଚାଷୀମାନଙ୍କୁ ସିଏମ୍ କିସାନ ଅଧୀନରେ ୨୫,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ ପ୍ରକ୍ରିୟାକୁ ନେଇ ବଡ଼ ଘୋଷଣା ହୋଇଛି ।

✦ **ଧାନ ମଣ୍ଡି ଚାଷୀ ପଞ୍ଜୀକରଣ :** ୨୦୨୬-୨୭ ବର୍ଷ ପାଇଁ ରାଜ୍ୟରେ ଧାନ ବିକ୍ରି ଏବଂ ଫସଲ ବୀମା ଟଙ୍କା ପାଇବା ନିମନ୍ତେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି ।

✦ **ସିଏମ୍‌ଓ ନିଖୋଜ ଫାଇଲ୍ ମାମଲା :** ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଗାୟବ ହେବା ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି ।

✦ **ମନ୍ତ୍ରୀଙ୍କ ଇସ୍ତଫା ଦାବି :** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦାହରଣ ଦେଇ ଓଡ଼ିଶାର ଶିକ୍ଷାମନ୍ତ୍ରୀଙ୍କୁ ପଦରୁ ଇସ୍ତଫା ଦେବାକୁ ନବୀନ ପଟ୍ଟନାୟକ ଦାବି କରିଛନ୍ତି ।

✦ **ୟୁନିଟ୍-୧ ମାର୍କେଟ୍ ଉଚ୍ଛେଦ :** ଭୁବନେଶ୍ୱର ୟୁନିଟ୍-୧ ମାର୍କେଟରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବା ପରେ ସେମାନେ ପୁଣିଥରେ ରାସ୍ତାରେ ବସି ପ୍ରତିବାଦ କରୁଛନ୍ତି ।

✦ **ମହିଳା ପୋଲିସଙ୍କୁ ଖଣ୍ଡାରେ ଭୟଭୀତ :** ଓଡ଼ିଶାରେ ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ପିଛା କରି ଖଣ୍ଡା ଦେଖାଇ ଗାଳିଗୁଲଜ ଓ ଧମକ ଦେବା ଅଭିଯୋଗରେ ୩ ଜଣ ଯୁବକଙ୍କୁ ଗିରଫ ।

✦ **ଦୁର୍ଘଟଣା ସହାୟତା ନିୟମ :** ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦୁର୍ଘଟଣା ଜନିତ ସହାୟତା ପାଇଁ ନୂଆ ଗାଇଡଲାଇନ ଜାରି ।

✦ **ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ :** ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ ଏବଂ ଉତ୍ସାହ ୨୦୨' ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ।


ଫାଇଲ ଫଟୋ

# ଇଶାନଙ୍କ 'ମହା-ଦ୍ୱିଶତକ'ରେ ଝଲସିଲା ଇଷ୍ଟ ଜୋନ୍

ନୂଆଦିଲ୍ଲୀ,୧୨/୦୯: ଭାରତୀୟ ଘରୋଇ କ୍ରିକେଟ୍ ଏବଂ ଆଗାମୀ ଆନ୍ତର୍ଜାତୀୟ ସିରିଜ୍‌କୁ ନେଇ କ୍ରିକେଟ୍ ମୈଦାନରୁ ଆସିଛି ଦୁଇଟି ବଡ଼ ଖବର । ଗୋଟିଏ ପଟେ ଷ୍ଟାର୍ ୱିକେଟକିପର ବ୍ୟାଟର ଇଶାନ କିଷନ ଖେଳପଡ଼ିଆକୁ ଦମଦାର ପ୍ରତ୍ୟାବର୍ତ୍ତନ କରି ଇତିହାସ ରଚିଥିବା ବେଳେ, ଅନ୍ୟପଟେ ଟିମ୍ ଇଣ୍ଡିଆର ଦ୍ରୁତ ବୋଲିଂ ବିଭାଗରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି । ଚେନ୍ନାଇର ଚିଦାମ୍ବରମ୍ ଷ୍ଟାଡିୟମରେ ଚାଲିଥିବା ଦୁଲୀପ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ଇଶାନ କିଷନ ନିଜ ସମାଲୋଚକମାନଙ୍କୁ ବ୍ୟାଟ୍‌ରେ ଜବାବ ଦେଇ ଏକ ବିସ୍ଫୋରକ ଦ୍ୱିଶତକ ହାସଲ କରିଛନ୍ତି । ଅନ୍ୟପଟେ ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ଓ ଏସିଆନ ଗେମ୍ସ ପୂର୍ବରୁ ଭାରତୀୟ ଦଳକୁ ଝଟକା ଲାଗିଛି, ଯେଉଁଥିରେ ଆହତ ହର୍ଷିତ ରାଣାଙ୍କ ସ୍ଥାନରେ ଯଶ୍ ଠାକୁରଙ୍କୁ ଦଳରେ ସାମିଲ କରାଯାଇଛି ।

**ଇଶାନଙ୍କ ୨୭୦ ରନର ମାରାଥନ୍ ଇନିଂସ, ଭାଙ୍ଗିଲା ଅନେକ ରେକର୍ଡ**

ଇଷ୍ଟ ଜୋନ୍‌ର ଅଧିନାୟକ ଇଶାନ କିଷନ ସାଉଥ୍ ଜୋନ୍ ବିପକ୍ଷ ମହାଲଢ଼େଇରେ ଏକ ଚମତ୍କାର ମାରାଥନ୍ ଇନିଂସ ଖେଳିଛନ୍ତି । ସେ ମାତ୍ର ୩୩୪ଟି ବଲ୍‌ରୁ ୩୦ଟି ଚୌକା ଏବଂ ୭ଟି ବିଶାଳ ଛକା ସହାୟତାରେ ୨୭୦ ରନର ଏକ ଐତିହାସିକ ସ୍କୋର ଛିଡ଼ା କରିଛନ୍ତି । ଏହି ସାନଦାର ଇନିଂସ ବଳରେ ଇଷ୍ଟ ଜୋନ୍ ପ୍ରଥମ ଇନିଂସରେ ୭୦୮ ରନର ବିଶାଳ ସ୍କୋର କରି ମ୍ୟାଚ୍ ଉପରେ ନିଜର ଦୃଢ଼ ନିୟନ୍ତ୍ରଣ ରଖିଛି । ଦୁଲୀପ ଟ୍ରଫି ଇତିହାସରେ ଫାଇନାଲ ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରିବାରେ ଇଶାନ ୭ମ ବ୍ୟାଟର ହେବାର ଗୌରବ ଅର୍ଜନ କରିଛନ୍ତି । ଏହା ସହିତ ସେ ଇଷ୍ଟ ଜୋନ୍‌ର ପ୍ରଥମ ଅଧିନାୟକ ତଥା ୱିକେଟକିପର ଭାବେ ଏହି ସଫଳତା ପାଇଛନ୍ତି । ଏହି ପ୍ରଦର୍ଶନ ପରେ ତାଙ୍କର ଭାରତୀୟ ଟେଷ୍ଟ ଦଳକୁ ଫେରିବା ନେଇ ଚର୍ଚ୍ଚା ଜୋର ଧରିଛି ।

**ଦଳରେ ସାମିଲ ହେଲେ ଯଶ୍ ଠାକୁର**

ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଏବଂ ୨୦୨୬ ଏସିଆନ ଗେମ୍ସ ପୂର୍ବରୁ ଭାରତୀୟ ଦଳର ଚୟନ କମିଟି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସ ଠାରେ ଅଭ୍ୟାସ ସମୟରେ ଦ୍ରୁତ ବୋଲର ହର୍ଷିତ ରାଣାଙ୍କ ମାଂସପେଶୀରେ ଆଘାତ ଲାଗିବା କାରଣରୁ ସେ ଦଳରୁ ବାଦ୍ ପଡ଼ିଛନ୍ତି । ବିସିସିଆଇ (ଇଉଉଓ) ତାଙ୍କ ସ୍ଥାନରେ ବିଦର୍ଭର ପ୍ରତିଭାବାନ ଦ୍ରୁତ ବୋଲର ଯଶ୍ ଠାକୁରଙ୍କୁ ଦଳରେ ସାମିଲ କରିଛି । ନିକଟରେ ଜିମ୍ବାୱେ ଗସ୍ତରେ ନିଜର ଟି-୨୦ ଡେବ୍ୟୁ କରିଥିବା ଯଶ୍ ଠାକୁର ୨ଟି ମ୍ୟାଚ୍‌ରୁ ୪ଟି ୱିକେଟ୍ ନେଇ ପ୍ରଭାବିତ କରିଥିଲେ, ଯାହାଫଳରେ ତାଙ୍କୁ ଏହି ବଡ଼ ସୁଯୋଗ ମିଳିଛି ।

# ପାକିସ୍ତାନକୁ ୧୯-୦ ଗୋଲ୍‌ରେ ପରାସ୍ତ କରି ସେମିଫାଇନାଲରେ ଭାରତ



## ପୂଜା ମଲିକଙ୍କ ଚମତ୍କାର ହାଟ୍ରିକ

ମୋକି (ଚୀନ୍): ଚୀନ୍‌ର ମୋକି ଟ୍ରେନିଂ ବେସ୍‌ଠାରେ ଚାଲିଥିବା ମହିଳା ଜୁନିୟର ଏସିଆ କପ୍ ୨୦୨୬ରେ ଭାରତୀୟ ଦଳର ଅପ୍ରତିହତ ବିଜୟ ଅଭିଯାନ ଜାରି ରହିଛି । ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଜୁନିୟର ମହିଳା ହକି ଦଳ ନିଜର ଚମତ୍କାର ପ୍ରଦର୍ଶନ ବଳରେ ସେମିଫାଇନାଲରେ ପ୍ରବେଶ କରିଛି । କ୍ୱାର୍ଟର ଫାଇନାଲ ମହାମୁକାବିଲାରେ ଭାରତୀୟ ଦଳ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୧୯-୦ ର ଏକ ସ୍ମରଣୀୟ ତଥା ଐତିହାସିକ ବ୍ୟବଧାନରେ ଧୂଳି ଚଟାଇଛି । ଏହାପୂର୍ବରୁ ପୁଲ୍ ପର୍ଯ୍ୟାୟରେ ମଧ୍ୟ ଭାରତୀୟ ଦଳ ଜାପାନକୁ ୭-୦ ଗୋଲ୍‌ରେ ମାତ୍ ଦେଇ କ୍ୱାର୍ଟର ଫାଇନାଲ ଟିକେଟ୍ ପକ୍କା କରିଥିଲା । ଗୁରୁବାର ଖେଳାଯାଇଥିବା ଏହି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଟାଇମ୍ ହ୍ୱାଇଟ୍‌ଙ୍କ ପ୍ରଶିକ୍ଷିତ ଭାରତୀୟ ଦଳ ଆରମ୍ଭରୁ ହିଁ ଆକ୍ରମଣାତ୍ମକ ଶୈଳୀ ଆପଣାଇଥିଲା । ମ୍ୟାଚ୍‌ର ୭ମ ମିନିଟ୍‌ରେ ପୂଜା ସାହୁ ପ୍ରଥମ ଗୋଲ୍ କରି ଭାରତର ଖାତା ଖୋଲିଥିଲେ । ଏହାପରେ ଗୋଲ୍ ବର୍ଷା ଜାରି ରହିଥିଲା ଏବଂ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୧୦-୦ ଗୋଲ୍‌ରେ ଆଗୁଆ ରହିଥିଲା । ଦ୍ୱିତୀୟାର୍ଦ୍ଧରେ ମଧ୍ୟ ପାକିସ୍ତାନୀ ଡିଫେନ୍ସକୁ ଧ୍ୱସ୍ତ ବିଧ୍ୱସ୍ତ କରି ଭାରତ ଆହୁରି ୯ଟି ଗୋଲ୍ ସ୍କୋର କରିଥିଲା । ଭାରତ ପକ୍ଷରୁ ପୂଜା ମଲିକ ସାନଦାର ହାଟ୍ରିକ କରିଥିବା ବେଳେ ରୋଶନୀ ଆଇନ୍ଦ, ସାନିକା ମାନେ, ମଧୁ ସିଦାର ଏବଂ ସୁପ୍ରିୟା ୨ଟି ଲେଖାଏଁ ଗୋଲ୍ ଦେଇ ଦଳକୁ ଏହି ବିରାଟ ସଫଳତା ଆଣିଦେଇଛନ୍ତି । ସାରା ମ୍ୟାଚ୍‌ରେ ପାକିସ୍ତାନ ଗୋଟିଏ ହେଲେ ଗୋଲ୍, ପେନାଲ୍ଟି କର୍ଣ୍ଣର କିମ୍ବା ପେନାଲ୍ଟି ଷ୍ଟ୍ରୋକ୍ ହାସଲ କରିବାକୁ ସକ୍ଷମ ହୋଇନଥିଲା, ଯାହା ଭାରତୀୟ ଖେଳାଳିଙ୍କ ରକ୍ଷଣଭାଗର ଦୃଢ଼ତାକୁ ପ୍ରମାଣିତ କରୁଛି ।

ଏହି ବିଜୟ ସହ ଭାରତ ଚଳିତ ଟୁର୍ଣ୍ଣାମେଣ୍ଟରେ ନିଜର ଅପରାଜେୟ ଯାତ୍ରା ବଜାୟ ରଖିଛି । ୨୦୨୩ ଏବଂ ୨୦୨୪ ସଂସ୍କରଣରେ ଚାମ୍ପିଅନ ହୋଇଥିବା ଭାରତୀୟ ଜୁନିୟର ଦଳ ଚଳିତ ବର୍ଷ ଲଗାତାର ତୃତୀୟ ଥର ପାଇଁ ଏସିଆ କପ୍ ଟ୍ରଫି ଜିତିବା ଲକ୍ଷ୍ୟରେ ରହିଛି । ଆସନ୍ତା ୧୨ ସେପ୍ଟେମ୍ବରରେ ଖେଳାଯିବାକୁ ଥିବା ହାଇ-ଭୋଲ୍ଟେଜ୍ ସେମିଫାଇନାଲ ମ୍ୟାଚ୍‌ରେ ଭାରତୀୟ ଦଳ ଦକ୍ଷିଣ କୋରିଆ କିମ୍ବା ମାଲେସିଆର ବିଜେତା ଦଳକୁ ଭେଟିବ ।

# ପାରା ତୀରନ୍ଦାଜିରେ ଦ୍ୱିତୀୟ ସ୍ଥାନରେ ଭାରତ

**ମୋଟ ପଦକ: ୧୫ | ୪ ସ୍ୱର୍ଣ୍ଣ, ୩ ରୌପ୍ୟ, ୮ କାଂସ୍ୟ | ପାରା ଶୁଟିଂରେ ୪ ପଦକ**

ନୂଆଦିଲ୍ଲୀ: ବିଶ୍ୱ ପାରା କ୍ରୀଡ଼ା ମଞ୍ଚରେ ପୁଣି ଥରେ ଉଡ଼ିଛି ତ୍ରିରଙ୍ଗା । ଭାରତୀୟ ପାରା ଆଥଲେଟ୍‌ମାନେ ସେମାନଙ୍କର ଅସାଧାରଣ ପ୍ରତିଭା ବଳରେ ବିଶ୍ୱ ପାରା ତୀରନ୍ଦାଜି ଏବଂ ବିଶ୍ୱ ପାରା ଶୁଟିଂ ଚାମ୍ପିଅନସିପ୍‌ରେ ପଦକ ବର୍ଷା କରି ଦେଶ ପାଇଁ ଗୌରବ ଆଣିଛନ୍ତି । ଘରୋଇ ମାଟି ଅହମ୍ମଦାବାଦରେ ଚାଲିଥିବା ବିଶ୍ୱ ପାରା ତୀରନ୍ଦାଜି ସିରିଜ୍‌ରେ ଭାରତ ମୋଟ ୧୫ଟି ପଦକ ଜିତି ବିଶ୍ୱ ମାନ୍ୟତାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ, ଦକ୍ଷିଣ କୋରିଆରେ ଚାଲିଥିବା ପାରା ଶୁଟିଂରେ ଭାରତୀୟ ଶୁଟରମାନେ ପ୍ରଥମ ଦିନରେ ହିଁ ସ୍ୱର୍ଣ୍ଣ ସହ ୪ଟି ପଦକ ଜିତି ଚମତ୍କାର ଅଭିଯାନ ଆରମ୍ଭ କରିଛନ୍ତି । ବିଶ୍ୱ ପାରା ତୀରନ୍ଦାଜିରେ ଭାରତର ତାରକା ଖେଳାଳି ଶୀତଲ ଦେବୀ ପୁଣି ଥରେ ଇତିହାସ ରଚିଛନ୍ତି । ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ବର୍ଗର ଫାଇନାଲରେ କାଜାଖସ୍ତାନର ଆଇଜାଦା ସେଇଦାନଙ୍କୁ ଏକ ରୋମାଞ୍ଚକର ଶୁଟ୍-ଅଫ୍‌ରେ ପରାସ୍ତ କରି ସେ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି । ଏହା ସହିତ ସେ ସହ-ଖେଳାଳି ରାକେଶ କୁମାରଙ୍କ ସହ ମିଶି ମିକ୍ସଡ୍ ଟିମ୍ ଯୋଗ୍ୟତା ପର୍ଯ୍ୟାୟରେ ଏକ ନୂତନ 'ବିଶ୍ୱ ରେକର୍ଡ' ମଧ୍ୟ ସୃଷ୍ଟି କରିଛନ୍ତି । ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଏବଂ ୮ଟି କାଂସ୍ୟ ପଦକ ଜିତିଛି । ହରଭିନ୍ଦର ସିଂ, ବିଜୟ ସୁନ୍ଦି, ତୋମାନ କୁମାର ଏବଂ ଶ୍ୟାମ ସୁନ୍ଦର ସ୍ୱାମୀ ମଧ୍ୟ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛନ୍ତି ।



ସେହିପରି ଦକ୍ଷିଣ କୋରିଆର ଚାଙ୍ଗୱାନଠାରେ ଚାଲିଥିବା ବିଶ୍ୱ ପାରା ଶୁଟିଂ ଚାମ୍ପିଅନସିପ୍‌ରେ ମହିଳା ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ ଦଳଗତ ଇଭେଣ୍ଟରେ ଭାରତର ମୋନା ଅଗ୍ରୱାଲ, ଆଭାନୀ ଲେଖାରା ଏବଂ ମିଳି ଶାହଙ୍କ ଯୋଡ଼ି ବିଶ୍ୱ ଚାମ୍ପିଅନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

✦ **ପାରା ଶୁଟିଂରେ ମୋନା-ଆଭାନୀଙ୍କ ଡବଲ ଧମାକା**

✦ **ଶୀତଲ ଦେବୀ ଓ ରାକେଶ କୁମାରଙ୍କ ଦ୍ୱାରା ମିକ୍ସଡ୍ ଟିମ୍‌ରେ ନୂଆ ବିଶ୍ୱ ରେକର୍ଡ**

ବ୍ୟକ୍ତିଗତ ବର୍ଗରେ ମଧ୍ୟ ଭାରତୀୟ ସୁଟରଙ୍କ ଦେଖିବାକୁ ମିଳିଛି ଦେଖିବାକୁ ମିଳିଛି ଡବଲ ପୋଡିୟମ ସଫଳତା । ମୋନା ଅଗ୍ରୱାଲ ରୌପ୍ୟ ପଦକ ଜିତିବା ସହ ୨୦୨୮ ଲସ୍ ଆଞ୍ଜେଲସ୍ ପାରାଲିମ୍ପିକ୍ସ ପାଇଁ ପ୍ରଥମ ଭାରତୀୟ ଭାବେ କୋଟା ହାସଲ କରିଛନ୍ତି । ଅନ୍ୟପଟେ ଷ୍ଟାର୍ ଶୁଟର ଆଭାନୀ ଲେଖାରା କାଂସ୍ୟ ପଦକ ଜିତିଛନ୍ତି । ପୁରୁଷ ଦଳଗତ ବିଭାଗରେ ମଧ୍ୟ ରାକେଶ ନିଦାଗୁଣ୍ଡି, ଆନନ୍ଦ କୃଷ୍ଣ ଏବଂ ସ୍ୱରୂପ ଉନହଲକରଙ୍କ ତ୍ରୟୀ ଭାରତ ପାଇଁ ରୌପ୍ୟ ପଦକ ଜିତିଛନ୍ତି ।

ପୃଷ୍ଠା ୪ ର ଅବଶିଷ୍ଟାଂଶ....

## ଓଡ଼ିଶା କ୍ରିକେଟ : ୨୦୧୨ର......


ଦୁଲୀପ ଟ୍ରଫି ୨୦୨୬ ପୂର୍ବାଞ୍ଚଳ ଦଳ

ଗଲେ ? କେତେ ଜଣ ଓଡ଼ିଶାର ସିନିୟର ଦଳରେ ନିଜ ସ୍ଥାନ ମଜବୁତ କଲେ? କେତେ ଜଣ ପୂର୍ବାଞ୍ଚଳ ଚୟନକର୍ତ୍ତାଙ୍କ ନଜରକୁ ଆସିଲେ? କେତେ ଜଣ ଜାତୀୟ ସ୍ତରରେ ପହଞ୍ଚିଲେ ? ଯଦି ଏହି ତଥ୍ୟଗୁଡ଼ିକ ସାମ୍ନାକୁ ଆସେ, ତେବେ ଓଡ଼ିଶା T-20 ଲିଗ୍‌ର ପ୍ରକୃତ ମୂଲ୍ୟ ମାପିହେବ । ଲିଗ୍ ଯଦି ଖେଳାଳି ତିଆରି କରିପାରୁନାହିଁ, ତେବେ ସେ କେବଳ ଏକ କ୍ରିକେଟ ଇଭେଣ୍ଟ । ଖେଳାଳିଙ୍କ କ୍ୟାରିୟର ବଦଳାଇପାରିଲେ ହିଁ ଏହା ଏକ କ୍ରିକେଟ ଡେଭେଲପମେଣ୍ଟ ମଡେଲ୍ ।

**ଓସିଏରେ ବଡ଼ ପ୍ରଶାସନିକ ପରିବର୍ତ୍ତନ ଦରକାର କି ? :-**

ଏହାର ଉତ୍ତର ଭାବନାରେ ନୁହେଁ, ଏକ ସ୍ୱାଧୀନ ଓ ତଥ୍ୟଭିତ୍ତିକ ସମୀକ୍ଷା ପରେ ଦିଆଯିବା ଉଚିତ୍ । କିନ୍ତୁ ୨୦୧୨ରୁ ୨୦୨୬ ପର୍ଯ୍ୟନ୍ତର ଏହି ଯାତ୍ରାକୁ ଦେଖି ଏକ ସମ୍ପୂର୍ଣ୍ଣ କ୍ରିକେଟ ଡେଭେଲପମେଣ୍ଟ ରିଭ୍ୟୁ ନିଶ୍ଚିତ ଭାବେ ଆବଶ୍ୟକ । ପ୍ରଶାସନର ଲକ୍ଷ୍ୟ ହେବା ଉଚିତ୍ କେବଳ ଟୁର୍ଣ୍ଣାମେଣ୍ଟ ଆୟୋଜନ ନୁହେଁ । ଲକ୍ଷ୍ୟ ହେବା ଉଚିତ୍—ଖେଳାଳି ତିଆରି କରିବା । **ଚମ୍ପିଅନ୍ ପୂର୍ବାଞ୍ଚଳ ଓ ପରାଜିତ ଓଡ଼ିଶା ? :-** ଏଠାରେ ଏକ ବିଡ଼ମ୍ବନା




ରହିଛି । ପୂର୍ବାଞ୍ଚଳ ୨୦୨୬ରେ ଚାମ୍ପିଅନ୍ ହୋଇଛି । ତେଣୁ ପୂର୍ବାଞ୍ଚଳ କ୍ରିକେଟର ଶକ୍ତି କମିନାହିଁ । ବରଂ ଇଶାନ କିଶନଙ୍କ ୨୭୦, କୁମାର କୁଶାଗ୍ରଙ୍କ ଶତକ, ମହମ୍ମଦ ଶାମି ଓ ମୁକେଶ କୁମାରଙ୍କ ବୋଲିଂ ଏବଂ ଅନ୍ୟ ଖେଳାଳିଙ୍କ ଅବଦାନ ପୂର୍ବାଞ୍ଚଳର ପ୍ରତିଯୋଗୀତାମୂଳକ ଗଭୀରତାକୁ ଦର୍ଶାଇଛି । ତେଣୁ ଓଡ଼ିଶାର ପ୍ରଶ୍ନ ଆହୁରି ଗଭୀର । ପୂର୍ବାଞ୍ଚଳ ଯେତେବେଳେ ଚାମ୍ପିଅନ୍ ହେଉଛି, ଓଡ଼ିଶା କାହିଁକି ସେହି ଚାମ୍ପିଅନ୍ ଦଳର ଚୂଡ଼ାନ୍ତ ଏକାଦଶରେ ନିଜର ସ୍ଥାନ ତିଆରି କରିପାରୁନାହିଁ? ଏହା ହିଁ ଆଜିର ସବୁଠାରୁ ବଡ଼ ପ୍ରଶ୍ନ । ଓଡ଼ିଶା କ୍ରିକେଟକୁ ଏବେ ଆବଶ୍ୟକ—ଆତ୍ମସମୀକ୍ଷା, ଆତ୍ମପ୍ରଚାର ନୁହେଁ ୨୦୧୨ରେ ଓଡ଼ିଶା ପୂର୍ବାଞ୍ଚଳକୁ ଅଧିନାୟକ ଦେଇଥିଲା । ୨୦୨୬ରେ ପୂର୍ବାଞ୍ଚଳ ୧୩ ବର୍ଷ ପରେ ପୁଣି ଦୁଲୀପ ଟ୍ରଫି ଜିତିଲା । କିନ୍ତୁ ସେହି ଚାମ୍ପିଅନ୍ ଦଳର ଫାଇନାଲ୍ ଏକାଦଶରେ ଓଡ଼ିଶାର ଜଣେ ବି ଖେଳାଳି ନଥିଲେ । କିନ୍ତୁ ଏହା ଏକ ଗଭୀର ପ୍ରଶ୍ନ ପଚାରିବା ପାଇଁ ଯଥେଷ୍ଟ କାରଣ । **ଓଡ଼ିଶା କ୍ରିକେଟକୁ ଏବେ ନିଜକୁ ପଚାରିବାକୁ ହେବ**— ଆମେ କେବଳ ଲିଗ୍ ଆୟୋଜନ କରୁଛୁ, ନା ଚମ୍ପିଅନ୍ ଖେଳାଳି ତିଆରି କରୁଛୁ? ଆମର ଭିଜନ୍ କେବଳ ଦଲିଲରେ ଅଛି, ନା ଖେଳାଳିଙ୍କ କ୍ୟାରିୟରରେ ଦେଖାଯାଉଛି ?
ଏହା ହିଁ ଓଡ଼ିଶା କ୍ରିକେଟର ଆଜିର ପ୍ରକୃତ ପରୀକ୍ଷା ।

**ଓଲିଉଡ୍ ଇତିହାସରେ ନୂଆ ଫର୍ଦ୍ଦ**

# ଆଜି ବିଶ୍ୱବ୍ୟାପୀ ମୁକ୍ତିଲାଭ କରୁଛି ଓଡ଼ିଆ ସିନେମା 'ଯଦି'




ଭୁବନେଶ୍ୱର, ୧୨/୦୯ : ଓଡ଼ିଆ ଚଳଚ୍ଚିତ୍ର ଜଗତ ବା ଓଲିଉଡ୍ ପାଇଁ ଆଜି ଏକ ଐତିହାସିକ ଦିନ । ପବିତ୍ର ଗଣେଶ ପୂଜାର ଶୁଭ ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି ବହୁ ପ୍ରତିକ୍ଷୀତ ଓଡ଼ିଆ ଚଳଚ୍ଚିତ୍ର 'ଯଦି' । ଏହି ସିନେମାଟି ଓଡ଼ିଶା କାହିଁକି, ସମଗ୍ର ଭାରତୀୟ ସିନେମା ଇତିହାସରେ ଏକ ନୂଆ ରେକର୍ଡ ସୃଷ୍ଟି କରିବାକୁ ଯାଉଛି । ପ୍ରଥମ ଥର ପାଇଁ କୌଣସି ଓଡ଼ିଆ ସିନେମା କେବଳ ସ୍ଥାନୀୟ ବଜାରରେ ସୀମିତ ନରହି, ଏକାସଙ୍ଗେ ବିଶ୍ୱର ୩ଟି ପ୍ରମୁଖ ମହାଦେଶ— ଏସିଆ, ଅଷ୍ଟ୍ରେଲିଆ ଏବଂ ୟୁରୋପର ବିଭିନ୍ନ ଦେଶରେ ରିଲିଜ୍ ହେଉଛି । ଏହା ପ୍ରବାସୀ ଓଡ଼ିଆଙ୍କ ସହ ବିଶ୍ୱ ଦରବାରରେ ଓଡ଼ିଆ ସିନେମାର ମାନ ବଢ଼ାଇବାରେ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଆଶା ପ୍ରକାଶ ପାଇଛି । 'ଯଦି' କେବଳ ଏକ ଆକ୍ସନ ବା ରୋମାଣ୍ଟିକ୍ ସିନେମା ନୁହେଁ, ବରଂ ଏହା ମାନବୀୟ ସମ୍ପର୍କ ଏବଂ ଭାବପ୍ରବଣତା ଉପରେ ଆଧାରିତ ଏକ ହୃଦୟସ୍ପର୍ଶୀ ପାରିବାରିକ ଚଳଚ୍ଚିତ୍ର । ଜୀବନର ବିଭିନ୍ନ ମୋଡ଼ରେ ଆସୁଥିବା 'ଯଦି' ବା ଆଶା-ଆଶଙ୍କାର ପ୍ରଶ୍ନବାଚୀକୁ ନେଇ କାହାଣୀ ଗତିଶୀଳ ହୋଇଛି । ଏଥିରେ ଓଲିଉଡର ଚକଲେଟ୍ ବୟ ଅରିନ୍ଦମ୍ ରାୟ ଏବଂ ଅଭିନେତା ବିକାଶ ଦାସ ପ୍ରମୁଖ ମୁଖ୍ୟ ଭୂମିକାରେ ନଜର ଆସୁଛନ୍ତି । ଫିଲ୍ମର ଗୀତଗୁଡ଼ିକ ପୂର୍ବରୁ ହିଁ ସୋଶିଆଲ ମିଡିଆରେ ବେଶ୍ ଟ୍ରେଣ୍ଡ୍ କରୁଥିବା ବେଳେ, ଦର୍ଶକମାନେ ଏହି ନିଆରା ପାରିବାରିକ କାହାଣୀକୁ ବଡ଼ ପରଦାରେ ଦେଖିବା ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । ଓଡ଼ିଆ ସିନେମାକୁ ବିଶ୍ୱସ୍ତରକୁ ନେବା ପାଇଁ ଏହି ଫିଲ୍ମର ବିତରଣ ଦାୟିତ୍ୱ ନେଇଥିବା ସଂସ୍ଥା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଲଣ୍ଡନ, ସିଡନୀ, ମେଲବୋର୍ଣ୍ଣ, ଦୁବାଇ ଏବଂ ସିଙ୍ଗାପୁର ଭଳି ପ୍ରମୁଖ ଆନ୍ତର୍ଜାତୀୟ ସହରଗୁଡ଼ିକରେ ଥିବା ମଲ୍ଟିପ୍ଲେକ୍ସରେ ଓଡ଼ିଆ ସଂସ୍କୃତି ଏବଂ ସିନେମାକୁ ପହଞ୍ଚାଇବା ପାଇଁ 'ଯଦି' ସମ୍ପୂର୍ଣ୍ଣ ପ୍ରସ୍ତୁତ । ଆଜି ଓଡ଼ିଶାର ଭୁବନେଶ୍ୱର, କଟକ ସମେତ ବିଭିନ୍ନ ସହରର ପ୍ରେକ୍ଷାଳୟରେ ଏହାର ଆଗୁଆ ଟିକେଟ୍ ବୁକିଂ ମଧ୍ୟ ଜୋରଦାର ଚାଲିଛି ।



| ADVERTISEMENT TARIFF | |
|---|---|
| FULL PAGE FRONT | Rs. 1,00,000.00 |
| FULL PAGE BACK | Rs. 80,000.00 |
| FULL PAGE COVER | Rs. 80,000.00 |
| FULL PAGE INNER | Rs. 80,000.00 |
| HALF PAGE FR/BK | Rs. 80,000.00 |
| QUARTER PAGE | Rs. 25,000.00 |
| EAR PANEL FRONT | Rs. 5,000.00 |
| EAR PANEL BACK | Rs. 5,000.00 |



# 'ରାଷ୍ଟ୍ର ନିର୍ମାଣରେ ଜେନ୍-ଜିଙ୍କ ଭୂମିକା'

**'କଥା ସ୍ୱାଭିମାନର ବିଚାର ଆପଣଙ୍କର'**

ଏକ ନୂଆ ଦେଶ ଗଠନ ପାଇଁ ଜେନ୍ ଜି (Gen Z) ବା ଆଜିର ଯୁବପିଢ଼ିଙ୍କ ବିଚାରଧାରା ଆଧୁନିକ, ପ୍ରଗତିଶୀଳ ଏବଂ ସମସ୍ତଙ୍କୁ ସାଥିରେ ନେଇ ଚାଲିବା ଭଳି ହେବା ଦରକାର । ଆଜିର ଯୁବପିଢ଼ି ପ୍ରଯୁକ୍ତିବିଦ୍ୟା ଓ ବିଶ୍ୱସ୍ତରୀୟ ଚିନ୍ତାଧାରା ସହ ଜଡ଼ିତ, ତେଣୁ ସେମାନଙ୍କ ବିଚାର ଏକ ସୁଦୃଢ଼ ଓ ଆଦର୍ଶ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ । ମୋ ମତରେ ଏକ ଆଦର୍ଶ ଦେଶ ଗଠନ ପାଇଁ ଯୁବପିଢ଼ି , ସେମାନଙ୍କର ବିଚାରଧାରା କିଛି ଦିଗ ପ୍ରତି କେନ୍ଦ୍ରୀଭୂତ ହେବା ଉଚିତ ଯଥା:

**୧. ସମାନତା ଏବଂ ସାମାଜିକ ନ୍ୟାୟ ।**

**ଭେଦଭାବମୁକ୍ତ ସମାଜ:** ଜାତି, ଧର୍ମ, ବର୍ଣ୍ଣ ଏବଂ ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଓ ସମ୍ମାନ ମିଳିବା ଦରକାର ।

**ମାନବିକ ଅଧିକାର:** ସମାଜର ଦଳିତ, ନିଷ୍ପେସିତ ଓ ସଂଖ୍ୟାଲଘୁ ଶ୍ରେଣୀର ଲୋକଙ୍କ ସୁରକ୍ଷା ଏବଂ ପ୍ରଗତି ପାଇଁ ସ୍ୱଷ୍ଟ ଚିନ୍ତାଧାରା ରହିବା ଆବଶ୍ୟକ ।

**୨. ସ୍ଥାୟୀ ବିକାଶ ଓ ପରିବେଶ ସୁରକ୍ଷା ।**

**ସବୁଜ ଶକ୍ତିର ବ୍ୟବହାର:** କେବଳ ଶିଳ୍ପାୟନ ନୁହେଁ, ବରଂ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ଅକ୍ଷୟ ଶକ୍ତି (ସୌର ଓ ପବନ ଶକ୍ତି) ଉପରେ ଗୁରୁତ୍ୱ ଦେବା ଉଚିତ ।

**ପ୍ରକୃତି ସହ ସନ୍ତୁଳନ:** ଅର୍ଥନୈତିକ ବିକାଶ ସହିତ ଜଙ୍ଗଲ, ନଦୀ ଓ ବନ୍ୟଜନ୍ତୁ ସୁରକ୍ଷାକୁ ପ୍ରାଥମିକତା ଦେବା ଦରକାର ।

**୩. ବୈଷୟିକ ଜ୍ଞାନକୌଶଳ ଓ ନବସୃଜନ (Innovation) ।**

**ଡିଜିଟାଲ୍ ପ୍ରଶାସନ:** ଶାସନ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଇଓ) ଏବଂ ଡିଜିଟାଲ୍ ପ୍ଲାଟଫର୍ମର ବ୍ୟବହାର କରିବା ଉଚିତ ।

**ଉଦ୍ୟୋଗୀ ମନୋଭାବ:** କେବଳ ଚାକିରି ପଛରେ ନଗୋଡ଼ାଇ ନୂଆ ନୂଆ ଷ୍ଟାର୍ଟଅପ୍ ଏବଂ ବ୍ୟବସାୟ ମାଧ୍ୟମରେ ଦେଶର ଅର୍ଥନୀତିକୁ ମଜବୁତ କରିବା ଚିନ୍ତାଧାରା ରହିବା ଦରକାର ।


**ସାରଦା ପ୍ରସନ୍ନ ସ୍ୱାଇଁ**
ସାଧାରଣ ସମ୍ପାଦକ
ଜନ ଜାଗରଣ

**୪. ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସଂସ୍କାର ।**

**ବ୍ୟବହାରିକ ଶିକ୍ଷା:** ପୁସ୍ତକଗତ ବିଦ୍ୟା ବଦଳରେ କୌଶଳଭିତ୍ତିକ (Skill-based) ଏବଂ ବାସ୍ତବ ଜୀବନରେ ଉପଯୋଗୀ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଉଚିତ ।

**ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ:** ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ସହ ମାନସିକ ସ୍ୱାସ୍ଥ୍ୟ (Mental Health) ବିଷୟରେ ଖୋଲାଖୋଲି ଆଲୋଚନା ଓ ଏହାର ନିରାକରଣ ପାଇଁ ବ୍ୟବସ୍ଥା ରହିବା ଦରକାର ।

**୫. ରାଜନୈତିକ ସଚେତନତା ଓ ଦେଶପ୍ରେମ ।**

**ସକ୍ରିୟ ସହଭାଗିତା:** ରାଜନୀତିକୁ ଖରାପ ନଭାବି ସେଥିରେ ନିଜେ ସାମିଲ ହୋଇ ବ୍ୟବସ୍ଥାକୁ ସୁଧାରିବା ପାଇଁ ଆଗେଇ ଆସିବା ଉଚିତ ।

**ଆଧୁନିକ ଦେଶପ୍ରେମ:** ଅନ୍ଧାନୁକରଣ ନକରି ଦେଶର ଭଲ ପାଇଁ ପ୍ରଶ୍ନ ପଚାରିବା ଏବଂ ଗଠନମୂଳକ ସମାଲୋଚନା କରିବା ହେଉଛି ପ୍ରକୃତ ଦେଶପ୍ରେମ ।

ଜେନ୍ ଜି ମାନଙ୍କର ଏହି 'ପ୍ରଗତିଶୀଳ ଏବଂ ସହାନୁଭୂତିପୂର୍ଣ୍ଣ' ବିଚାରଧାରା ହିଁ ଏକ ଶାନ୍ତିପୂର୍ଣ୍ଣ ଓ ସମୃଦ୍ଧ ନୂଆ ଦେଶ ଗଠନ କରିପାରିବ ।

ଆମ 'ଜନ ଜାଗରଣ ଅଭିଯାନ' ତରଫରୁ ହୋଇଥିବା ନୂଆ ଓଡ଼ିଶା ଗଠନରେ ଯୁବପିଢ଼ିଙ୍କ ଭୂମିକା କାର୍ଯ୍ୟକ୍ରମରେ ଯୁବ ପ୍ରତିଭା ମାନଙ୍କ ଭାଷଣ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା । ଏବଂ ଆମକୁ ମଧ୍ୟ ବହୁତ ନୂଆ ତଥ୍ୟ ଜାଣିବାକୁ ମିଳିଲା । ସେମାନଙ୍କ ଠାରୁ ପ୍ରେରଣା ପାଇ ଆମେ ବର୍ତ୍ତମାନ 'ଜନ ଜାଗରଣ ଅଭିଯାନ' ତରଫରୁ ସାରା ରାଜ୍ୟରେ ପ୍ରତ୍ୟେକ ଜିଲ୍ଲାରେ କାର୍ଯ୍ୟକ୍ରମ କରିବାକୁ ଯାଉଛୁ । ତେଣୁ ଆସନ୍ତୁ ଆମ ସହିତ ଯୋଡ଼ିହୁଅନ୍ତୁ ଓ ନୂଆ ଓଡ଼ିଶା ଗଢ଼ିବା ଲକ୍ଷକୁ ସାକାର କରନ୍ତୁ । ଜନ ଜାଗରଣ ଅଭିଯାନ....
ଏକ ବୈପ୍ଳବିକ ପରିବର୍ତ୍ତନର ଆହ୍ୱାନ
ବିପ୍ଳବ ଆଣିବା-ବିକଳ୍ପ ବାଛିବା-ବିକାଶ କରିବା

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj , Mayur Printers, Plot No-D1/1, Section-A, Zone-D, Mancheswar Industrial Estate, Khordha, Odhisha-752102,
Ph- 0674-3573358, Email-janabartadigital@gmail.com
ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra